


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-32 ◆SATURDAY ◆26 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୨ ◆ଶନିବାର ◆୨୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସ୍କୁଲଘର ଭୁଶୁଡ଼ି ୮ ମୃତ, ୨୭ ଆହତ



■ **ଝାଲାୱାର, ୨୫।୭ (ଏଜେନ୍ସି):** ରାଜସ୍ଥାନର ଝାଲାୱାର ଜିଲ୍ଲାରେ ସରକାରୀ ସ୍କୁଲ ଘରର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବା ଫଳରେ ୮ ଜଣ ଛାତ୍ର ପ୍ରାଣ ହରାଇଛନ୍ତି ଏବଂ ୨୭ ପିଲା ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମନୋହର ଥାନା ଅନ୍ତର୍ଗତ ପିପ୍ଲୋଡି ସରକାରୀ ସ୍କୁଲ୍‌ରେ ସକାଳ ୮ଟା ୩୦ରେ ଏହି ଅଘଟଣ ଘଟିଥିଲା। କୋଠା ଭୁଶୁଡ଼ିବା ବେଳେ ୬୦ ଛାତ୍ରଛାତ୍ରୀ, କେତେଜଣ ଶିକ୍ଷକ ଓ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ସ୍କୁଲ୍‌ରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବାର ବ୍ୟବସ୍ଥା ରହିଛି। ସ୍ଥାନୀୟ ଲୋକ ▶ପୃଷ୍ଠା-୭

## ଡ୍ରୋନ୍‌ରୁ ସଫଳ କ୍ଷେପଣାସ୍ତ୍ର ପରୀକ୍ଷଣ



■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ଭାରତ ସଫଳତାର ସହ ଡ୍ରୋନରୁ କ୍ଷେପଣାସ୍ତ୍ର ଲଞ୍ଚ କରିବାରେ ସକ୍ଷମ ହୋଇଛି। ଏହାସହିତ ଭାରତୀୟ ସାମରିକ କ୍ଷମତାକୁ ଏକ ବଡ଼ ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଟେଷ୍ଟ ରେଞ୍ଜରେ ଏହାର ସଫଳ ପରୀକ୍ଷା କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ଆନ୍ଧ୍ରପ୍ରଦେଶର କୁର୍ନୁଲସ୍ଥିତ ୟୁଏଭି ଲଞ୍ଚଡ୍ ପ୍ରେସିସନ ଗାଇଡ ମିସାଇଲ (ୟୁଏଲ୍‌ପିଜିଏମ୍)- ଭି୩କୁ ସଫଳତାର ସହ ପରୀକ୍ଷା କରିଛି। ପରୀକ୍ଷା ବେଳେ କ୍ଷେପଣାସ୍ତ୍ର ନିଜର ଗତି, ସଠିକତା ଓ ଲକ୍ଷ୍ୟକୁ ଭେଦ କରିବାର କ୍ଷମତାକୁ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ ▶ପୃଷ୍ଠା-୭




## ଇନ୍ଦିରାଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** କ୍ରମାଗତ ଦୀର୍ଘ ସମୟଧରି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ନରେନ୍ଦ୍ର ମୋଦୀ। ଏହିକ୍ରମରେ ସେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଇନ୍ଦିରାଙ୍କ ୪୦୭୭ ଦିନ (୧୯୬୬ ଜାନୁଆରୀ ୨୪ରୁ ୧୯୭୭ ମାର୍ଚ୍ଚ ୨୪ )ର ରେକର୍ଡ ଭାଙ୍ଗି ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪୦୭୮ ଦିନ ପୂରଣ କରିଛନ୍ତି। ତେବେ ସବୁଠାରୁ ଦୀର୍ଘ ବର୍ଷ ଧରି ପ୍ରଧାନମନ୍ତ୍ରୀ ରହିବାର ରେକର୍ଡ ଜବାହରଲାଲ ନେହରୁଙ୍କ ନାମରେ ରହିଛି। ସେ ସବୁଠାରୁ ଅଧିକ କ୍ରମାଗତ ୬୨୨୬ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନେହରୁ ୧୯୪୭ ଅଗଷ୍ଟ ୧୫ରୁ ୧୯୬୪ ମେ ୨୭ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମୋଦୀ କ୍ରମାଗତ ୩ଟି ଲୋକସଭା ନିର୍ବାଚନରେ ବିଜୟ ଲାଭ କରି ନେହରୁଙ୍କ ସମକକ୍ଷ ହୋଇଛନ୍ତି। ମୋଦୀ ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଦୀର୍ଘସମୟ ଧରି ଭାରତର ନିର୍ବାଚିତ ନେତାର ମାନ୍ୟତା ହାସଲ କରିଛନ୍ତି। ଭାରତ ସ୍ୱାଧୀନତା ହାସଲ କରିବା ପରେ ଜନ୍ମ ଗ୍ରହଣ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ସେ ମଧ୍ୟ ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଦୁଇଟି କାର୍ଯ୍ୟକାଳ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

## ପଞ୍ଚମ ଦିନ ବି ସଂସଦ ଅଚଳ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ବି ଅଚଳ ରହିଛି। ବିରୋଧୀ ଦଳର ସଭ୍ୟମାନେ ଏହା ଉପରେ ଆଲୋଚନା ଦାବିରେ ପ୍ରବଳ ହଙ୍ଗାମା କରିଛନ୍ତି। ଅଚଳାବସ୍ଥା ଜାରି ରହିବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି।



**ସୋମବାରରୁ ସ୍ୱାଭାବିକ ହୋଇପାରେ ଗୃହକାର୍ଯ୍ୟ**

**ଅପରେସନ ସିନ୍ଦୂର ଉପରେ ହେବ ଆଲୋଚନା**

ଫଳରେ ଚଳିତ ସପ୍ତାହ ପାଞ୍ଚ ଦିନ ଧରି ଆଦୌ ଚାଲିପାରି ନାହିଁ। ସୋମବାର ଠାରୁ ସଂସଦ ସ୍ୱାଭାବିକ ହେବ ବୋଲି ସରକାର କହୁଥିଲେ ମଧ୍ୟ ବିରୋଧୀ ଦଳ ସେମାନଙ୍କ ଜିଦରେ ଅଟଳ ରହିଛନ୍ତି।

ଆଜି ଲୋକସଭା ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ବିହାର ପ୍ରସଙ୍ଗ ଉଠାଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ଗୃହକୁ ଦିନ ୨ଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଦୁଇଟା ପରେ ବାଚସ୍ପତି ଓମ ବିର୍ଲା ସର୍ବଦଳୀୟ ବୈଠକ ଡାକିଥିଲେ। ବିର୍ଲା ବିରୋଧୀ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ପ୍ରଶ୍ନକାଳରେ କୌଣସି ପ୍ରକାର ▶ପୃଷ୍ଠା-୭

### ଗତ ଦଶନ୍ଧିରେ ମୁଣ୍ଡପିଛା ଆୟବୃଦ୍ଧି

# ଓଡ଼ିଶା ଦେଶରେ ଏକ ନମ୍ବର

**ସଂସଦରେ ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା**

**ନବୀନ ଅର୍ଥନୀତିକୁ କେନ୍ଦ୍ରର ସ୍ୱୀକୃତି**

**ମୁଣ୍ଡ ପିଛା ଏନ୍‌ଏସ୍‌ଡିପି ୧.୭ ଲକ୍ଷ ଟଙ୍କା**



■ **ଭୁବନେଶ୍ୱର, ୨୫।୭ (ସମିସ):** ନବୀନ ପଟ୍ଟନାୟକଙ୍କ ସରକାରର ବିତ୍ତୀୟ ପରିଚାଳନା ଓ ଅର୍ଥନୀତିକୁ ପୁଣିଥରେ ସ୍ୱୀକୃତି ଦେଇଛନ୍ତି କେନ୍ଦ୍ର ସରକାର। ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ହାର କେବଳ ଦ୍ୱିଗୁଣିତ ହୋଇନାହିଁ, ଆୟ ହାର ବୃଦ୍ଧିରେ ଓଡ଼ିଶା ସାରା ଦେଶରେ ଏକନମ୍ବର ରାଜ୍ୟର ମାନ୍ୟତା ପାଇଛି। ସଂସଦରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ।

ଲୋକସଭାରେ ସାଂସଦ ଗିରିଧାରୀ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବଙ୍କ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୧୩-୧୪ ଆର୍ଥିକ ବର୍ଷରେ ଓଡ଼ିଶାର ହାରାହାରି ମୁଣ୍ଡପିଛା ଆୟ ୫୪୨୦୯ ଟଙ୍କା ରହିଥିଲା। ମାତ୍ର ଏକ ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଆୟ ପ୍ରାୟ ଦ୍ୱିଗୁଣିତ ହୋଇ ୨୦୨୪ ଆର୍ଥିକ ବର୍ଷରେ ଏହା ୧୦୬୯୧୮ ଟଙ୍କାରେ ପହଞ୍ଚିଛି। ୧୦ବର୍ଷରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୬.୭% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ୯୩.୬% ବୃଦ୍ଧି ପାଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୭୮.୯%, ଆସାମରେ ୮୧%, ଛତିଶଗଡ଼ରେ ୫୨.୪%, ମଧ୍ୟପ୍ରଦେଶରେ ୬୦%, ମହାରାଷ୍ଟ୍ରରେ ୫୩.୬%, ତାମିଲନାଡୁରେ ୮୩.୩%, ତେଲଙ୍ଗାନାରେ ୮୫.୩%, ପଶ୍ଚିମବଙ୍ଗରେ ୫୧.୮% ବୃଦ୍ଧି ପାଇଛି। ଦେଶର କେବଳ ଦୁଇଟି ରାଜ୍ୟ ଓଡ଼ିଶା ଓ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୦% ଅତିକ୍ରମ କରିଛି ଏବଂ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। ତତ୍‌କାଳୀନ ନବୀନ ସରକାରଙ୍କ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଆଧାରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସଂସଦରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ର ଅସ୍ଥାୟୀ ଆକଳନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ଥିର ମୂଲ୍ୟରେ ମୁଣ୍ଡପିଛା ନିଟ୍ ଜାତୀୟ ଆୟ (ଏନ୍‌ଏନ୍‌ଆଇ) ୧,୧୪,୭୧୦ ଟଙ୍କା ରହିଛି। ୧୦ବର୍ଷ ପୂର୍ବେ ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୭୨,୮୦୫ ଟଙ୍କା ଥିଲା ଓ ସେହି ସମୟରେ ଓଡିଶାର ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୫୪,୨୦୯ ଟଙ୍କା ରହିଥିଲା। ମାତ୍ର ଏହି ୧୦ବର୍ଷ ମଧ୍ୟରେ ଓଡ଼ିଶାର ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୬.୭% ବୃଦ୍ଧି ପାଇଛି। ଅପରପକ୍ଷେ ▶ପୃଷ୍ଠା-୭

## ବୟନ ଶିଳ୍ପ ବୁଣାକାରଙ୍କ ମଜୁରି ବୃଦ୍ଧି

**ସପ୍ତାହକୁ ଦିନଟିଏ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

**ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍-୨୦୨୫ରେ ୩୩ଟି ବୁଝାମଣା ସ୍ୱାକ୍ଷରିତ**

**୭,୮୦୮ କୋଟିର ପୁଞ୍ଜିନିବେଶ ପ୍ରତିଶ୍ରୁତି, ୫୩,୩୦୦ ନିଯୁକ୍ତି ସୁଯୋଗ**

**ଜଗତସିଂହପୁର, ଭଦ୍ରକରେ ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କ ଲୋକାର୍ପିତ**



■ **ଭୁବନେଶ୍ୱର, ୨୫।୭ (ସମିସ):** ବୟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାର କର୍ମଚାରୀଙ୍କ ମାସିକ ମଜୁରି ରିହାତି ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ହଜାର ବଦଳରେ ୬ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କର ଲୋକାର୍ପଣ କରି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ହସ୍ତତନ୍ତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। କନ୍‌କ୍ଲେଭରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ▶ପୃଷ୍ଠା-୭

## ସୁନାନ୍ତରରେ ଗର୍ଜିଲା ବୋମା, ଫୁଟିଲା ଗୁଳି

**ଦାଦା, ପୁତୁରା ଆହତ**


■ **ବ୍ରହ୍ମପୁର/ଶେରଗଡ, ୨୫।୭ (ସମିସ):** ଶୁକ୍ରବାର ସନ୍ଧ୍ୟାରେ ବୋମାମାଡ଼ ସହିତ ବନ୍ଧୁକ ଗର୍ଜନରେ ଥରହର ହୋଇଛି ଶେରଗଡ ଥାନା ଅନ୍ତର୍ଗତ ସୁନାନ୍ତର ଗ୍ରାମ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଘର ସମ୍ମୁଖରେ ବସିଥିବା ନିରଞ୍ଜନ ଜେନାଙ୍କୁ ଗୁଳି କରିଛନ୍ତି।

ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ସମାଜସେବୀ ନିରଞ୍ଜନ ଜେନା ଓରଫ କାଳିଆ ନିଜ ଘର ସମ୍ମୁଖରେ ଥିବା ପୋଖରୀ ହୁଡ଼ାରେ ବସି କଥା ହେଉଥିଲେ। ଏହି ସମୟରେ ଶେରଗଡ଼ ପଟୁ ୩ଟି ବାଇକ୍‌ରେ ୯ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ନିରଞ୍ଜନଙ୍କୁ ଟାର୍ଗେଟ କରି ୫ରୁ ୬ଟି ବୋମା ଫିଙ୍ଗିଥିଲେ। ଜୀବନ ବଞ୍ଚାଇବାକୁ ନିରଞ୍ଜନ ଦୌଡି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପଛପଟୁ ଏକାଧିକ ରାଉଣ୍ଡ ▶ପୃଷ୍ଠା-୭

## ଡେପୁଟୀ ରେଞ୍ଜରଙ୍କ ଘରେ ଟଙ୍କା ପାହାଡ଼

**ଗୁପ୍ତ ଟ୍ରେଜେରୀରେ ଥାକମାରି ରଖିଥିଲେ ୧.୪୩ କୋଟି**





**ଘରୁ ଜବତ ହେଲା ୧.୫କେଜି ସୁନା, ୪.୬କେଜିର ରୁପା**

**ସୁନା ବିସ୍କୁଟ, ସୁନା କଏନ୍ ବି ରଖିଥିଲେ**

**୩ଟି ଫ୍ଲାଟ୍, ୧.୩୩ କୋଟିର ଦୁଇଟି ପ୍ଲଟ୍**

■ **ଜୟପୁର/ ଭୁବନେଶ୍ୱର, ୨୫।୭ (ସମିସ):** ଜଙ୍ଗଲ ବିଭାଗରେ ଅଧିକାରୀଙ୍କୁ ଘାରିଛି ଟଙ୍କା, ଅଳଙ୍କାର ଓ ସଂପତ୍ତି ନିଶା। ଯାହାକୁ ଭିଜିଲାନ୍ସ ଧରୁଛି ତାଙ୍କ ଘରୁ ଜବତ ହେଉଛି ନଗଦ କୋଟି କୋଟି ଟଙ୍କା। ମାଳ ମାଳ ପ୍ଲଟ୍ ବି ଠାବ କରାଯାଉଛି। ଦୁଇ ଦିନ ତଳେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଚଢ଼ଉ କରି ଭିଜିଲାନ୍ସ ତାଙ୍କର ୧୨୩ ପ୍ଲଟ୍ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହିଭଳି ଜୟପୁର ଡେପୁଟି ରେଞ୍ଜର ଘରେ ଆଜି ଚଢଉ କରିବା ପରେ ଟଙ୍କାର ପାହାଡ଼ ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ବାବୁ ଦୁର୍ନୀତି କରି ଗୁପ୍ତ ଟ୍ରେଜେରୀରେ କୋଟି କୋଟି ଟଙ୍କା ଥାକ ମାରି ରଖିଥିଲେ। ତାଙ୍କ ଘରୁ ଦେଢ଼ କେଜି ସୁନା ଓ ସାଢ଼େ ୪ କିଲୋ ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଛି। ▶ପୃଷ୍ଠା-୭

### ଅବପାତ ଘନୀଭୂତ

## ବଡ଼ ବର୍ଷାରେ ଫୁଲିବ ପ୍ରମୁଖ ନଦୀ

**▶▶ ସମୀନ୍ତ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

**▶▶ ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି**

**▶▶ ୨୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ**

■ **ଭୁବନେଶ୍ୱର, ୨୫।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଶୁକ୍ରବାର ସକାଳ ସାଢ଼େ ୫ଟା ସମୟରେ ଏହି ଅବପାତ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଅବପାତ ଯୋଗୁଁ ରାଜ୍ୟର ୬ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୮ଟି ସ୍ଥାନରେ ୯୦ ମିମିରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ସାମଗ୍ରିକ ଭାବେ ଅବପାତ ଯୋଗୁଁ ୨୪ ଘଣ୍ଟାରେ ସ୍ୱାଭାବିକ ତୁଳନାରେ ୧୪୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇ ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଉପରେ ପ୍ରଭାବ ପକାଇବ। ଏଥିପାଇଁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତାକାଲି (ଶନିବାର) ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରାଯାଇଛି। ଏହାସହିତ ବାକି ସବୁ ଜିଲ୍ଲାରେ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି।

ଅବପାତ ପ୍ରଭାବରେ ଉଭୟ ତଳ ଓ ଉପରମୁଣ୍ଡରେ ବର୍ଷା ▶ପୃଷ୍ଠା-୭

### ଭାରତ-ୟୁକେ ବାଣିଜ୍ୟିକ ଚୁକ୍ତିରେ ଓଡ଼ିଶାକୁ ଉପେକ୍ଷା

## ରାଜ୍ୟର କୌଣସି ସାମଗ୍ରୀକୁ ମିଳିଲାନି ସ୍ଥାନ




■ **ଭୁବନେଶ୍ୱର, ୨୫।୭ (ସମିସ):** ଡବଲ୍ ଇଂଜିନ ସରକାରରେ ଓଡ଼ିଶାକୁ ପୁଣି ଥରେ ଉପେକ୍ଷା କରାଯାଇଛି। ବିଶ୍ୱସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ସୁଯୋଗରୁ ରାଜ୍ୟବାସୀ ବଞ୍ଚିତ ହୋଇଛନ୍ତି। ଦେଶର ୧୭ଟି ରାଜ୍ୟକୁ ଏହି ମର୍ଯ୍ୟାଦା ମିଳିଥିଲେ ମଧ୍ୟ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଫଳରେ ଡବଲ ଇଂଜିନ ସରକାରଙ୍କ କଥା ଓ କାମକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକ ତଳେ ଭାରତ ଏବଂ ୟୁନାଇଟେଡ୍ କିଙ୍ଗ୍‌ଡମ୍ (ୟୁକେ) ମଧ୍ୟରେ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିକୁ ନେଇ ସାରା ଦେଶରେ ଉତ୍ସାହ ଦେଖାଦେଇଥିବାବେଳେ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଏହି ଚୁକ୍ତି ଦ୍ୱାରା ଭାରତ ନିଜ ଦେଶର ଅନେକ ସାମଗ୍ରୀ ବ୍ରିଟେନ୍‌କୁ ରପ୍ତାନି କରିବ। ଭାରତର ପ୍ରାୟ ୯୯ ପ୍ରତିଶତ ରପ୍ତାନି ସାମଗ୍ରୀ ୟୁକେ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ ପାଇବ। ଭାରତରୁ ୟୁକେକୁ ରପ୍ତାନି ପାଇଁ ଯେଉଁ ତାଲିକା କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି, ସେଥିରେ ୧୭ଟି ରାଜ୍ୟର ପ୍ରମୁଖ ସାମଗ୍ରୀ ସ୍ଥାନ ପାଇଥିବାବେଳେ ଓଡ଼ିଶାର କୌଣସି ସାମଗ୍ରୀ ସ୍ଥାନ ପାଇନାହିଁ। ଏପରିକି ବିଶ୍ୱ ପ୍ରସିଦ୍ଧ କୋରାପୁଟ କଫିକୁ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଇବା ରାଜ୍ୟବାସୀଙ୍କ ସ୍ୱାଭିମାନ ପ୍ରତି ଉପହାସ ସଦୃଶ ହୋଇଛି।

**୧୭ ରାଜ୍ୟର ରପ୍ତାନୀ ସାମଗ୍ରୀ ତାଲିକା ପ୍ରକାଶିତ**

**କୋରାପୁଟ କଫିକୁ ଆନ୍ଧ୍ରର ଦର୍ଶାଇଲେ ସରକାର**

ଏହି ଚୁକ୍ତି ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ନିଜ ସୋସିଆଲ ମିଡିଆ ପୃଷ୍ଠାରେ ଦେଶର କେଉଁ ରାଜ୍ୟର କେଉଁ ସାମଗ୍ରୀ ବିଦେଶକୁ ରପ୍ତାନୀ ହେବ, ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ପୀୟୂଷ ଗୋୟେଲ୍ ଦେଇଥିବା ▶ପୃଷ୍ଠା-୭



ପୁଞ୍ଚ୍‌ରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ

## ଅଗ୍ନିବୀର ସହିଦ, ୨ ଆହତ

ପୁଞ୍ଚ/ଜମ୍ମୁ, ୨୫।୭(ଏଜେନ୍ସି): ଜମ୍ମୁ- କଶ୍ମୀରର ପୁଞ୍ଚ୍ ଜିଲ୍ଲାରେ ଶୁକ୍ରବାର ଘଟିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଅଗ୍ନିବୀର ଜବାନ ଶହୀଦ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। କ୍ରିଷ୍ଣା ଘାଟିର ସାଧାରଣ ଅଞ୍ଚଳରେ ପେଟ୍ରୋଲିଂ ବେଳେ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ନିକଟରେ ଏହି ବିସ୍ଫୋରଣ ହୋଇଥିଲା। ଆହତଙ୍କ ମଧ୍ୟରେ ଜଣେ ଜେସିଓ (ଜୁନିଅର କମିସନଡ ଅଫିସର) ସାମିଲ ରହିଛନ୍ତି। ତାଙ୍କୁ ମିଲିଟାରୀ ହସ୍ପିଟାଲାରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶହୀଦ ହୋଇଥିବା ଅଗ୍ନିବୀର ଜବାନ ହେଉଛନ୍ତି ୭ ଜାଟ୍ ରେଜିମେଣ୍ଟର ଲଳିତ କୁମାର। ଭାରତୀୟ ସେନା ତରଫରୁ ଲଳିତଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେ ଦେଶ ପାଇଁ ବଳିଦାନ ଦେଇଛନ୍ତି ବୋଲି ସେନା ତରଫରୁ କୁହାଯାଇଛି।

## ଅଧିକାରୀଙ୍କ ଭିସା ଫ୍ରି ଏଣ୍ଟ୍ରି ପାଇଁ ପାକ୍- ବାଂଲା ରାଜି

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ପରସ୍ପରର ରାଜନୈତିକ ତଥା କୂଟନୈତିକ ଅଧିକାରୀମାନଙ୍କୁ ବିନା ଭିସାରେ ପ୍ରବେଶ କରାଇବାକୁ ଅନୁମତି ଦେବା ପାଇଁ ପାକିସ୍ତାନ ଓ ବାଂଲାଦେଶ ରାଜି ହୋଇଛନ୍ତି। ଏ ନେଇ ଦଉଇଦେଶ ମଧ୍ୟରେ ଏକ ଚୁକ୍ତି ହୋଇଛି। ଫଳରେ ଦୁଇଦେଶ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କର ମଧୁରତା ଶୀର୍ଷରେ ପହଞ୍ଚିଛି। ଭାରତ କିନ୍ତୁ ଏହା ଉପରେ କଡ଼ା ନଜର ରଖିଛି। ୧୯୭୧ରେ ହୋଇଥିବା ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଦୁଇ ଦେଶର ସମ୍ପର୍କ ବେଶ ଖରାପ ହେବା ସହ ସ୍ଥାଣୁ ହୋଇଥିଲା। ଏବେ ଏହାକୁ ସୁଧାରିବା ପାଇଁ ଦୁଇ ଦେଶ ପ୍ରୟାସ ଜାରି ରଖିଛନ୍ତି। ଢ଼ାକାରେ ଦୁଇ ଦେଶର ଗୃହମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

## ମୁମ୍ବାଇରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ମୁମ୍ବାଇ ଓ ତା'ର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ପୁଣି ଆଗକୁ ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରାଯାଇଛି। ଅତି ଆବଶ୍ୟକ ନହେଲେ ଲୋକଙ୍କୁ ଘରୁ ନ ବାହରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମୁଦ୍ରକୂଳ ଓ ଆଖପାଖ ଅଞ୍ଚଳକୁ ନ ଯିବା ପାଇଁ ମଧ୍ୟ କୁହାଯାଇଛି। ମହାରାଷ୍ଟ୍ର ସମେତ ୫ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କେରଳ, କର୍ଣ୍ଣାଟକ ପାଇଁ ଆରେଞ୍ଜ ଆଲର୍ଟ ଜାରି କରାଯାଇଛି। ପଶ୍ଚିମବଙ୍ଗର ବାଙ୍କୁଡ଼ା ଓ ପୂର୍ବ ବର୍ଦ୍ଧମାନ ଜିଲ୍ଲାରେ ଗୁରୁବାର ବିଜୁଳି ମାରିବା ଯୋଗୁଁ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ସଡଖ ଧସିବା ଫଳରେ ବସ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏଥିସହ ବର୍ଷାଜନିତ କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୧୪୭ ଜଣ ଲୋକ ପ୍ରାଣ ହରାଇଛନ୍ତି।

## ଚୀନ୍‌ରେ ଗୋଟିଏ ଦିନରେ ବର୍ଷକର ବର୍ଷା: ୧୯ ହଜାର ଲୋକ ଉଦ୍ଧାର



ବେଜିଂ, ୨୫।୭(ଏଜେନ୍ସି): ଉତ୍ତର ଚୀନ୍‌ର ବାଓଡିଙ୍ଗ ସହରରେ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ବର୍ଷକର ବର୍ଷା ହୋଇଛି। ଗୋଟିଏ ଦିନରେ ୪୪୮.୭ ମିମି ବର୍ଷା ହୋଇଛି ଓ ଏହା ବର୍ଷକର ବର୍ଷା ୫୦୦ ମିମି ସହ ଏକପ୍ରକାର ସମାନ ବୋଲି କୁହାଯାଇଛି। ଫଳରେ ଏହି ଇଣ୍ଡଷ୍ଟ୍ରିଆଲ ସହରରେ ବନ୍ୟା ଆସିଛି। ସହରର ପ୍ରାୟ ସବୁ ସଡକ ବୁଡି ଯାଇଛି। କେତେକ ରାସ୍ତା ଓ ପୋଲ୍ ଭାଙ୍ଗିଯାଇଛି। କେତେକ ସ୍ଥାନରେ ବିଜୁଳୀ ଖୁଣ୍ଟ ମଧ୍ୟ ଉପୁଡି ଯାଇଛି। ବାଓଡିଙ୍ଗ ସହରରେ ରେଡ ଆଲର୍ଟ ଜାରି କରାଯାଇଛି। ଏହି ସହରର ୬ ହଜାର ଘରୁ ୧୯, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଛି।

## ବିଦେଶରେ ୧୦, ୫୭୪ ଭାରତୀୟ ବନ୍ଦୀ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ବିଶ୍ୱର ବିଭିନ୍ନ ଜେଲ୍‌ରେ ୧୦, ୫୭୪ ଭାରତୀୟ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୩ ଜଣ ମୃତ୍ୟୁଦଣ୍ଡ ପାଇଛନ୍ତି। ଶୁକ୍ରବାର ସରକାରଙ୍କ ପକ୍ଷରୁ ସଂସଦରେ ଏହି ସୂଚନା ଦିଆଯାଇଛି। ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି ଯେ ୟୁଏଇରେ ସର୍ବାଧିକ ୨,୭୭୩ ଭାରତୀୟ ବନ୍ଦୀ ଅଛନ୍ତି। ସେହିପରି ସାଉଦି ଆରବରେ ୨,୩୭୯, ନେପାଳରେ ୧୩୫୭, କାତାରରେ ୭୯୫, ମାଲେସିଆରେ ୩୮୦, କୁଏତରେ ୩୪୨, ବ୍ରିଟେନରେ ୩୨୩, ବାହାରିନରେ ୨୬୧, ପାକିସ୍ତାନରେ ୨୪୬, ଚୀନ୍‌ରେ ୧୮୩ ଭାରତୀୟ କଏଦୀ ଅଛନ୍ତି। ଏହା ବ୍ୟତୀତ ଆଙ୍ଗୋଲିଆ, ବେଲ୍‌ଜିୟମ, କାନାଡ଼ା, ଚିଲି, ଇଜିପ୍ଟ, ଇରାକ, ଜାମାଇକା, ମରିସସ, ସେନେଗଲ, ସେଚେଲ୍ସ, ଦକ୍ଷିଣ ଆଫ୍ରିକା, ସୁଦାନ, ତାଜାକିସ୍ତାନ ଏବଂ ୟେମେନରେ ଜଣେ ଲେଖାଏଁ ଭାରତୀୟ ବନ୍ଦୀ ଅଛନ୍ତି।

# ଥମୁନି ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ

**ଗଲାଣି ୧୫ ଜୀବନ, ସୀମାରୁ ଲକ୍ଷେ ଲୋକଙ୍କୁ ହଟାଇଲା ଥାଇଲାଣ୍ଡ**

**୮ ଜିଲ୍ଲାରେ ମାର୍ଶାଲ ଲ' ଲଗାଇଲା**

**ମାର୍ଗଦର୍ଶିକା ଜାରିକଲା ଭାରତୀୟ ଦୂତାବାସ**

ବ୍ୟାଙ୍କକ, ୨୫।୭ (ଏଜେନ୍ସି): ହଜାରେ ବର୍ଷ ତଳର ଦୁଇ ପୁରୁଣା ଶିବ ମନ୍ଦିରକୁ ନେଇ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏହି ଉତ୍ତେଜନା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସୀମାର ୧୨ ସ୍ଥାନରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁଁ ଥାଇଲାଣ୍ଡ ସୀମାରେ ରହୁଥିବା ଲକ୍ଷେରୁ ଅଧିକ ଲୋକ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏହି ସଂଘର୍ଷରେ ଏ ପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ଜଣେ ସୈନିକ ଏବଂ ୧୪ ଜଣ ସାଧାରଣ ନାଗରିକ ସାମିଲ ଅଛନ୍ତି। ୪୬ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ମୃତାହତଙ୍କୁ ନେଇ କାମ୍ବୋଡିଆ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ। ତେବେ ଅନେକ ରିପୋର୍ଟରେ ଜଣେ ପ୍ରାଣ ହରାଇଥିବା ଦାବି କରାଯାଉଛି। କାମ୍ବୋଡିଆ ସୀମାକୁ ଲାଗିଥିବା ଚନ୍ଥାବୁରିର ୭ ଜିଲ୍ଲା ଏବଂ ଟ୍ରାଟର ଗୋଟିଏ ଜିଲ୍ଲାରେ ଥାଇଲାଣ୍ଡ ମାର୍ଶାଲ ଲ' ଲଗାଇଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଦେଖି ଥାଇଲାଣ୍ଡ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଯାତ୍ରୀ ମାର୍ଗଦର୍ଶିକା ଜାରି କରାଯାଇଛି। ଥାଇଲାଣ୍ଡ ଏବଂ କାମ୍ବୋଡିଆ ସୀମା ନିକଟସ୍ଥ ୭ ରାଜ୍ୟକୁ ନ ଯିବା ପାଇଁ ନିବେଦନ କରାଯାଇଛି। ଏହି ସବୁ ରାଜ୍ୟ ମଧ୍ୟରେ ଉବୋନ ରଚତଥାନି, ସୁରିନ, ସିସାକେତୁ, ବୁରିରାମ, ସା କାଓ, ଚନ୍ଥାବୁରି ଏବଂ ଟ୍ରାଟ ସାମିଲ ରହିଛି। ଗତ ମେ' ମାସରୁ ଦୁଇ ଦେଶ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା। ସୀମାକ୍ଷେତ୍ରରେ ସଂଘର୍ଷ ଚାଲିଥିବାବେଳେ କାମ୍ବୋଡିଆର ଜଣେ ସୈନିକ ପ୍ରାଣ ହରାଇ ଥିଲେ। ଯେସାକୁ ତେସା ନୀତିରେ ଏବଂ ସୀମା ବନ୍ଦକୁ ନେଇ ଗୁରୁବାର ସଂଘର୍ଷ ଆରମ୍ଭ ହୋଇଥିଲା। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରିଥିବା ଅଭିଯୋଗ ଲଗାଇ ଥିଲେ। ଗୁଳିଗୋଳା ମାଡ଼ ହେବା ସହିତ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଏବେ ଭୟଙ୍କର ହେବାରେ ଲାଗିଛି। ଦୁଇ ଦେଶ ସୀମାରେ ଲଢୁଆ ବିମାନ, ତୋପ, ଟ୍ୟାଙ୍କ ଏବଂ ସେନା ମୁତୟନକୁ କରିଛନ୍ତି।

ଥାଇଲାଣ୍ଡ ଏବଂ କାମ୍ବୋଡିଆର ଇତିହାସ ଦୀର୍ଘ ଦିନ ହେଲା ଖମେର ସାମ୍ରାଜ୍ୟ (କାମ୍ବୋଡିଆ) ଏବଂ ସିୟାମ ସାମ୍ରାଜ୍ୟ (ଥାଇଲାଣ୍ଡ) ମଧ୍ୟରେ ସଂଘର୍ଷ ସହ ଜଡ଼ିତ। ଫ୍ରାନ୍ସ ଏବଂ ବ୍ରିଟିଶ ଶାସନ କାଳରେ ମଧ୍ୟ ଉଭୟ ଦେଶର ସୀମାରେ ଉତ୍ତେଜନା ଥିଲା। ଏଥିଯୋଗୁଁ ପ୍ରିୟ ବିହାର ଏବଂ ତା ମୁଏନ ଥାମ ମନ୍ଦିରର ଆଖପାଖରେ ଥିବା ଜମିର ଅଧିକାରକୁ ନେଇ ଆଇନଗତ ଏବଂ ରାଜନୈତିକ ବିବାଦ ଥମିବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଥିଲା। ୧୯୦୭ରେ କାମ୍ବୋଡିଆ ଫ୍ରାନ୍ସ ଅଧିନରେ ଥିବାବେଳେ ଦୁଇ ଦେଶ ମଧ୍ୟରେ ୮୧୭ କିମିର ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଥାଇଲାଣ୍ଡ ଏହାକୁ ବିରୋଧ କରିଥିଲା। କାରଣ ନକ୍ସାରେ ପ୍ରିୟ ବିହାର ମନ୍ଦିରକୁ କାମ୍ବୋଡିଆର ଦର୍ଶା ଯାଇଥିଲା। ସେହିପରି ତା ମୁଏନ ଥାମ ମନ୍ଦିରକୁ ଥାଇଲାଣ୍ଡର ଦେଖା ଯାଇଥିଲା। କିନ୍ତୁ କାମ୍ବୋଡିଆ ଏହାକୁ ନିଜର ଭାବୁ ଥିଲା। ଏହି ମନ୍ଦିର ସେହି ସ୍ଥାନରେ ରହିଛି ଯେଉଁଠି ଦୁଇ ଦେଶ ମଧ୍ୟରେ କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ। ତେଣୁ ଏହା ଉପରେ ଉଭୟ ଦେଶ ଦାବି କରୁଛନ୍ତି। ଏହା ଥାଇଲାଣ୍ଡ ପଟେ ଥିବା ସତ୍ତ୍ୱେ କାମ୍ବୋଡିଆ ଏହାକୁ ନିଜର ଐତିହାସିକ ସ୍ଥାନ ମାନୁଛି। କାରଣ ଖମେର ସାମ୍ରାଜ୍ୟ ସମୟରେ ଏହାର ନିର୍ମାଣ ହୋଇଥିଲା। ଏହି ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ସାମ୍ରାଜ୍ୟ ଥିଲା। ଏହା ନବମରୁ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା। ଏହି ସାମ୍ରାଜ୍ୟ କାମ୍ବୋଡିଆ ବ୍ୟତୀତ ଲାଓସ, ଥାଇଲାଣ୍ଡ ଏବଂ ଭିଏତନାମର ବିଭିନ୍ନ ଭାଗରେ ଶାସନ କରିଥିଲା।

ଥାଇଲାଣ୍ଡ ଦାବି କରୁଛି ଯେ ଏହି ମନ୍ଦିର କାମ୍ବୋଡିଆର ହୋଇପାରେ। କିନ୍ତୁ ଏହାର ଚାରିପାଖରେ ଥିବା ଜମି ନିଜର। ଉଭୟ ଦେଶର ସେନା ଏହି ମନ୍ଦିର ଆଖପାଖରେ ନିୟମିତ ଭାବେ ପାଟ୍ରୋଲିଂ କରୁଛି। ତେଣୁ ଅନେକ ସମୟରେ ଏଠାରେ ସଂଘର୍ଷ ହେଉଛି। ଚଳିଥ ଥର ସଂଘର୍ଷ ମଧ୍ୟ ଏହି ମନ୍ଦିର ନିକଟରେ ହୋଇଛି।

ସେହିପରି ପ୍ରିହ ବିହିୟର ମନ୍ଦିରକୁ ନେଇ ଘମାଘୋଟ ବିବାଦ ରହିଛି। ଥାଇଲାଣ୍ଡ ଏହାକୁ ନିୟନ୍ତ୍ରଣକୁ ନେବା କ୍ରମାଗତ ଭାବେ ପ୍ରୟାସ କରି ଆସୁଛି। ୧୯୫୯ରେ ଏହି ବିବାଦ ଅନ୍ତର୍ଜାତୀୟ କୋର୍ଟକୁ ଯାଇଥିଲା। ୧୯୬୨ରେ କୋର୍ଟ ଏହା କାମ୍ବୋଡିଆର ବୋଲି ରାୟ ଦେଇ ଥାଇଲାଣ୍ଡକୁ ସେନା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳ ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲା, କିନ୍ତୁ ଆଖପାଖ ଜମିକୁ ନେଇ ବିବାଦ ଜାରି ରହିଥିଲା। ୨୦୦୮ ରେ ଏହି ମନ୍ଦିର ୟୁନେସ୍କୋର ଐତିହ୍ୟ ସ୍ଥଳରେ ସାମିଲ ହେବାରୁ ବିବାଦ ଉଗ୍ର ହୋଇଥିଲା। ପୁଣି ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା। ୨୦୧୧ରେ ସ୍ଥିତି ବିଗିଡିବାରୁ ହଜାର ହଜାର ଲୋକେ ଘର ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ୨୦୧୩ରେ ଅନ୍ତର୍ଜାତୀୟ କୋର୍ଟ ନିଜ ରାୟକୁ ସ୍ପଷ୍ଟ କରି ମନ୍ଦିର ସହିତ ଆଖପାଖର କ୍ଷେତ୍ର ବି କାମ୍ବୋଡିଆର ବୋଲି କହିଥିଲେ। ସେନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଥାଇଲାଣ୍ଡକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସୀମା ବିବାଦର ସମାଧାନ ହୋଇପାରି ନାହିଁ।

# ଅଶ୍ଳୀଳତାର ପ୍ରସାର କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମ ନିଷିଦ୍ଧ





**ଗତବର୍ଷ ମଧ୍ୟ ୧୮ ଆପ୍‌କୁ ବନ୍ଦ କରାଯାଇଥିଲା**

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): କେନ୍ଦ୍ର ସରକାର ଶୁକ୍ରବାର ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାରିତ କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମକୁ ବ୍ୟାନ୍ କରିଛନ୍ତି। ମନୋରଞ୍ଜନ ନାମରେ ଏହି ଆପ୍‌ଗୁଡିକ ଅଶ୍ଳିଳ ଓ ଆପତ୍ତିଜନକ ଭିଡିଓ ପରିବେଷଣ କରୁଥିଲେ ବୋଲି କେନ୍ଦ୍ର କହିଛି। ଏ ନେଇ ସରକାର ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡରକୁ ଏହି ଓଟିଟି ଆପ୍ ଓ ୱେବସାଇଟ୍‌ଗୁଡିକୁ ବ୍ଲକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାନ ହୋଇଥିବା ଆପ୍‌ଗୁଡିକ ମଧ୍ୟରେ ଏଏଲ୍‌ଟିଟି, ୟୁଏଲ୍‌ଏଲ୍‌ୟୁ ଦେଶୀ ଫ୍ଲିକ୍ସ ଭଳି ଲୋକପ୍ରିୟ ପ୍ଲାଟଫର୍ମ ରହିଛି।

ଏଏଲ୍‌ଟିଟି ଆପ୍ ୨୦୧୭ ଏପ୍ରିଲରେ ସିନେମା ଓ ଟିଭି ପ୍ରଡ୍ୟୁସର ଏକତା କପୁର ଲଞ୍ଚ୍ କରିଥିଲେ। ସେହିପରି ୟୁଏଲ୍‌ଏଲ୍‌ୟୁ ଆପକୁ ଆଇଆଇଟି କାନପୁର ଗ୍ରାଜୁଏଟ୍ ବିଭୁ ଅଗ୍ରୱାଲ୍ ୨୦୧୮ରେ ଲଞ୍ଚ୍ କରିଥିଲେ। ପୂର୍ବରୁ ୨୦୨୪ରେ ମଧ୍ୟ ସରକାର ଅଶ୍ଳୀଳ କଣ୍ଟେଣ୍ଟ୍‌କୁ ଦୃଷ୍ଟିରେ ରଖି ୧୮ଟି ଓଟିଟି ପ୍ଲାଟଫର୍ମଗୁଡିକୁ ବ୍ୟାନ କରିଥିଲେ। ଏଥିସହ ୧୯ଟି ୱେବସାଇଟ୍, ୧୦ ଆପ୍ ଓ ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ମଧ୍ୟ ବ୍ଲକ କରିଥିଲେ। ୨୦୨୦ରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜାରି କରାଯାଇଥିବା ଲକ୍‌ଡାଉନ୍ ଅବସରରେ ଏଏଲଟିଟି ଓ ୟୁଏଲ୍‌ଏଲ୍‌ୟୁ ଆପ୍‌ର ୟୁଜର୍ସ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିଲା। ଏଥିସହ ଅନ୍‌ଲାଇନ କଣ୍ଟେଣ୍ଟ୍‌କୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ଗାଇଡ ଲାଇନ୍ ଜାରି କରିଛନ୍ତି। ୨୦୨୧ରେ ସରକାର ଦି ଇନଫର୍ମେସନ ଟେକ୍ନୋଲୋଜି ନିୟମ ଜାରି କରିଥିଲେ। ଏହାକୁ ୨୦୨୩ ଏପ୍ରିଲ ୬ରେ ଅପଡେଟ୍ କରାଯାଇଥିଲା। ୩୦ ପୃଷ୍ଠା ବିଶିଷ୍ଟ ଏହି ଗାଇଡ ଲାଇନ୍‌ରେ ସୋସିଆଲ ମିଡିଆ, ସିନେମା, ୱେବ ସିରିଜକୁ ନେଇ ନିୟମ ଜାରି କରାଯାଇଥିଲା। ଏହି ଗାଇଡ୍ ଲାଇନ୍ ଅନୁସାରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଗ୍ରିଭାନ୍ସ ଅଫିସର ରଖିବାକୁ ହେବ। ପୁଣି ସବୁ କଣ୍ଟେଣ୍ଟ୍ ଆଇନ୍ ଅନୁସାରେ ହେବା ଜରୁରୀ। କଣ୍ଟେଣ୍ଟଗୁଡିକ ଦେଶ ବିରୋଧୀ ହୋଇ ନଥିବ ଓ ଏଥିରେ ଯୌନତା ତଥା ଅଶ୍ଳୀଳତା ନ ରହିବା ଜରୁରି। ପୁଣି କଣ୍ଟେଣ୍ଟ୍‌ଗୁଡିକ ଛୋଟ ପିଲା ଓ ମହିଳାଙ୍କୁ କୌଣସ ପ୍ରକାର କ୍ଷତି ପହଞ୍ଚାଉ ନଥିବ ବୋଲି କୁହାଯାଇଥିଲା।

## ବେଜିଂରେ ମୁନୀରଙ୍କୁ ଚୀନ୍ ନାଗରିକଙ୍କ ସୁରକ୍ଷା ନେଇ କଡ଼ା ପ୍ରଶ୍ନ

ବେଜିଂ, ୨୫।୭(ଏଜେନ୍ସି): ଚୀନ୍ ଗସ୍ତ କରିଥିବା ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀରଙ୍କୁ ଏକ ଅସ୍ୱାଭାବିକ୍ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରାଜଧାନୀ ବେଜିଂ ଗସ୍ତରେ ଯାଇଥିବା ମୁନିରଙ୍କୁ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଏକ କଡ଼ା ପ୍ରଶ୍ନ ପଚାରିଥିଲେ। ଫଳରେ ମୁନୀର ଏକପ୍ରକାର ଲଜ୍ଜିତ ହେବା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରକଳ୍ପ ଓ ସରକାରୀ କାର୍ଯ୍ୟ କରିବାକୁ ପାକିସ୍ତାନରେ ନିୟୋଜିତ ହୋଇଥିବା ଚୀନ୍ ନାଗରିକଙ୍କ ସୁରକ୍ଷା ନେଇ ୱାଙ୍ଗ୍ ମୁନୀରଙ୍କୁ ପ୍ରଶ୍ନ କରିଥିଲେ। ଏଭଳି ପ୍ରଶ୍ନ ମୁନୀର ମଧ୍ୟ ଆଶା କରୁ ନଥିଲେ। ଗତ କେତେ ବର୍ଷ ମଧ୍ୟରେ ପାକିସ୍ତାନରେ ବହୁ ସଂଖ୍ୟାରେ ଚୀନ୍ ନାଗରିକ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଛନ୍ତି। ତେବେ ଚୀନ୍ ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପାକିସ୍ତାନ ସେନା ସବୁପ୍ରକାର ବ୍ୟବସ୍ଥା କରିବ ବୋଲି ମୁନୀର ୱାଙ୍ଗଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଥାଉ କି, ଗତବର୍ଷ ଅକ୍ଟୋବରରେ କରାଚୀ ବିମାନ ବନ୍ଦରରେ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣରେ ୫ ଜଣ ଚୀନ ନାଗରିକ ମୃତ୍ୟୁବରଣ କରିଥିଲେ।





ବିହାରରେ ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ସଂସଦ ବାହାରେ ବିରୋଧୀଙ୍କ ଡଷ୍ଟବିନ୍ ପ୍ରତିବାଦ

## ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବ ଫ୍ରାନ୍ସ



ପ୍ୟାରିସ/ ତେଲ ଅଭିଭ୍, ୨୫।୭(ଏଜେନ୍ସି): ଖୁବଶୀଘ୍ର ଫ୍ରାନ୍ସ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବ। ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘର ମହା ଅଧିବେଶନରେ ସେ ଏ ନେଇ ଔପଚାରିକ ଭାବେ ଘୋଷଣା କରିବେ ବୋଲି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏଥିରେ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଖୁସି ଜାହିର କରିବା ସହ ମାକ୍ରୋନଙ୍କ ମନ୍ତବ୍ୟକୁ ସ୍ୱାଗତ କରିଛନ୍ତି। ଅନ୍ୟପଟେ ଇସ୍ରାଏଲ ଏହାକୁ ବିରୋଧ କରିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ବିରୋଧ କରିଛନ୍ତି। ଏହା ଆତଙ୍କବାଦୀଙ୍କୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ସେ କହଛନ୍ତି। ସବୁଠାରୁ ବଡ଼ ପାଶ୍ଚାତ୍ୟ ଦେଶ ଭାବେ ଫ୍ରାନ୍ସ ପାଲେଷ୍ଟାଇନକୁ ମାନ୍ୟତା ପ୍ରଦାନ କରିବ। ଏପର୍ଯ୍ୟନ୍ତ ୧୪୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ପ୍ରଦାନ କରିସାରିଛନ୍ତି। ଏଥିରେ କେତେକ ୟୁରୋପୀୟ ଦେଶ ମଧ୍ୟ ସାମିଲ ରହିଛନ୍ତି। ଦୀର୍ଘଦିନ ହେବ ପାଲେଷ୍ଟାଇନ୍ ନାଗରିକମାନେ ଏକ ସ୍ୱତନ୍ତ୍ର ଦେଶ ପାଇଁ ଦାବି କରିଆସୁଛନ୍ତି। ଏଥିରେ ୱେଷ୍ଟ ବ୍ୟାଙ୍କ, ପୂର୍ବ ଜେରୁଜେଲମ ଓ ଗାଜା ପଟି ସାମିଲ ରହିଛି। ୧୯୬୭ରେ ଇସ୍ରାଏଲ୍ ମଧ୍ୟପ୍ରାଚ୍ୟ ଯୁଦ୍ଧ ଅବସରରେ ଏହି ଅଞ୍ଚଳଗୁଡିକୁ ଅକ୍ତିଆରରେ ରଖିଛି। ପାଲେଷ୍ଟାଇନର ସ୍ଥିତି ନେଇ ବ୍ରିଟେନ ଓ ଜର୍ମାନୀ ସହ ବୈଠକରେ ଫ୍ରାନ୍ସ ବସିବ। ଫ୍ରାନ୍ସରେ ବହୁ ସଂଖ୍ୟାରେ ଇହୁଦୀ ଓ ମୁସଲମାନ ରହୁଛନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ଫ୍ରାନ୍ସକୁ ପ୍ରଭାବିତ କରିଛି।

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ଜୟପୁର, ୨୫।୭ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। ଏବେ ପୁଣି ଏକ ବିମାନ ଶୁକ୍ରବାର ଜୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଏହି ବିମାନ (ଏଆଇ -୬୧୨) ଜୟପୁରର ମୁମ୍ବାଇ ଅଭିମୁଖେ ଯାଉଥିଲା। ମାତ୍ର ୧୮ ମିନିଟ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖା ଯାଇଥିଲା। ଏହାର କାର୍ଗୋ ଗେଟ୍ ଖୋଲା ଥିବା ଜଣା ପଡ଼ିଥିଲା। ତେଣୁ ଏହା ଜରୁରୀ ଅବତରଣ କରିଥିଲା। ଯାନ୍ତ୍ରିକ ତ୍ରୁଟି ଠିକ୍ କରିବା ପରେ ଏହା ସନ୍ଧ୍ୟା ୪ଟା ୨୯ରେ ପୁଣି ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିଲା।





ତେବେ ଏୟାର ଇଣ୍ଡିଆ ପକ୍ଷରୁ ବିମାନର କୌଣସି ଯାନ୍ତ୍ରିକ ତ୍ରୁଟିକୁ ନେଇ ବିବୃତି ଜାରି କରାଯାଇ ନାହିଁ। ସୂଚନା ଅନୁଯାୟୀ ଏହି ବିମାନ ଆଜି ଦ୍ୱିପହର ୧ଟା୩୫ରେ ଜୟପୁରରୁ ମୁମ୍ବାଇ ଅଭିମୁଖେ ଯିବାର ଥିଲା। ମାତ୍ର ଏହା ଧାର୍ଯ୍ୟ ସମୟର ୨୩ ମିନିଟ ବିଳମ୍ବରେ ଉଡ଼ାଣ ଆରମ୍ଭ କରିଥିଲା।

## ହାଇୱେ ଉପରେ ଖସିଲା ବିମାନ: ପତି-ପତ୍ନୀ ମୃତ



ରୋମ, ୨୫।୭(ଏଜେନ୍ସି): ଉତ୍ତର ଇଟାଲୀର ବ୍ରେସିଆ ସହର ନିକଟସ୍ଥ ହାଇୱେ ଉପରେ ଏକ ଅଲଟ୍ରାଲାଇଟ୍ ଛୋଟ ବିମାନ ଖସିପଡ଼ିବା ସହ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏହି ଦୁର୍ଘଟଣାରେ ଏକ ଦମ୍ପତ୍ତି ମୃତ୍ୟୁବରଣ କରିଛନ୍ତି। ବିମାନକୁ ଉଡାଉଥିବା ୭୫ ବର୍ଷୀୟ ଓକିଲ ତଥା ପାଇଲଟ ସର୍ଗିଓ ରାଭାଗ୍ଲିଆ ଓ ତାଙ୍କ ପତ୍ନୀ ୬୦ ବର୍ଷୀୟା ଆନ ମେରୀ ଡି ଷ୍ଟିଫାନୋ ପ୍ରାଣ ହରାଇଛନ୍ତି। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି। ରାଭାଗ୍ଲିଆ ବିମାନକୁ ହାଇୱେ ଉପରେ ଜରୁରୀକାଳିନ ଅବତରଣ କରିବାକୁ ଚାହୁଁଥିଲେ। କିନ୍ତୁ ନିୟନ୍ତ୍ରଣ ହରାଇଥିଲେ ବୋଲି କୁହାଯାଇଛି। ବିମାନ ଖସିପଡ଼ିବା ପରେ ରାସ୍ତା ଉପରେ ଯାଉଥିବା ଗାଡିଗୁଡିକରେ ନିଆଁ ଲାଗି ଯାଇଥିଲା। ଏଥିରେ ଜଣେ ଡ୍ରାଇଭର ଗମ୍ଭୀର ଭାବେ ଆହତ ହୋଇଥିବା ବେଳେ ଜଣକୁ ହସ୍ପିଟାଲ ନିଆ ଯାଇଥିଲା। ଆଉ ଜଣେ ସାମାନ୍ୟ ଭାବେ ଆହତ ହୋଇଥିଲେ। ଇଟାଲୀର ନ୍ୟାସନାଲ ଏଜେନ୍ସି ଅଫ୍ ଫ୍ଲାଇଟ୍ ସେଫ୍ଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଲଦ୍ୱୀପକୁ ୪୮୫୦ କୋଟିର ଋଣ ଦେବ ଭାରତ

**ଉଭୟ ଦେଶର ସମ୍ବନ୍ଧକୁ ନେଇ ଡାକ ଟିକଟ ଜାରି**



ନାପିତ୍ୟ, ୨୫।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଶୁକ୍ରବାର ମାଲଦୀପରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ 'ଗାର୍ଡ ଅଫ ଅନର' ଦେଇ ସ୍ୱାଗତ କରାଯାଇଛି। ମାଲଦୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ତାଙ୍କୁ ବିମାନବନ୍ଦରରୁ ପାଛୋଟି ନେଇଛନ୍ତି। ଉଭୟ ନେତା ପରସ୍ପରକୁ ଆଲିଙ୍ଗନ ମଧ୍ୟ କରିଛନ୍ତି। ଏହା ପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହି ସମୟରେ ମାଲଦ୍ୱୀପକୁ ୪, ୮୫୦ କୋଟି ଟଙ୍କାର ଲାଇନ ଅଫ୍ କ୍ରେଡିଟ (ଋଣ) ଦେଇଥିଲା ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଉପରେ ଆଲୋଚନା ହୋଇଥିଲା। ଉଭୟ ଦେଶର କୂଟନୈତିକ ସମ୍ବନ୍ଧକୁ ମଧ୍ୟ ୬୦ ବର୍ଷ ପୂରଣ ହୋଇଛି। ଏହାକୁ ନେଇ ସ୍ମାରକ ଡାକ ଟିକଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ତୃତୀୟ ମାଲଦ୍ୱୀପ ଗସ୍ତ। ସେ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ଆମନ୍ତ୍ରଣରେ ମାଲଦ୍ୱୀପ ଯାଇଛନ୍ତି।

ଦୁଇ ଦେଶର ସମ୍ବନ୍ଧକୁ ନେଇ ମୋଦୀ କହିଛନ୍ତି ଯେ ଭାରତ ପାଇଁ ବନ୍ଧୁତା ଆଗ। ଭାରତ ହେଉଛି ମାଲଦ୍ୱୀପର ସବୁଠୁ ଘନିଷ୍ଠ ପଡ଼ୋଶୀ। ଏଥିପାଇଁ ଭାରତ ଗର୍ବିତ। ପଡ଼ୋଶୀ ପ୍ରଥମ ନୀତି ଏବଂ ମହାସାଗର ଭିଜନରେ ମାଲଦ୍ୱୀପର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

## ଉମା କାଞ୍ଜିଲାଲ୍ ଇଗ୍ନୋ କୁଳପତି

**ଭୁବନେଶ୍ୱର, ୨୫।୭(ସମିସ):** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ନୂତନ କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ତାଙ୍କୁ ଏହି ନୂତନ



ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ୍ ଏହା ପୂର୍ବରୁ ଇଗ୍ନୋର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ପ୍ରୋ-ଭାଇସ୍‌ଚାନ୍‌ସେଲର୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଦୀର୍ଘ ଦିନରୁ ବିଭିନ୍ନ ପ୍ରଶାସନିକ ପଦରେ ଥିବାରୁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି। ଇଗ୍ନୋର ଅନ୍‌ଲାଇନ୍ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ଭାବେ ମଧ୍ୟ କାର୍ଯ୍ୟ କରିଥିବାରୁ ପ୍ରାୟ ସମସ୍ତ କ୍ଷେତ୍ରରେ ଅଭିଜ୍ଞତା ରହିଛି। ପ୍ରଫେସର କାଞ୍ଜିଲାଲ୍‌ଙ୍କ ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟ ଏକ ନୂତନ ସ୍ତରରେ ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## 'ଉତ୍କଳ'ର ଭାରପ୍ରାପ୍ତ କୁଳପତି ଭାବେ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ

**ଭୁବନେଶ୍ୱର, ୨୫।୭(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ



ନିଯୁକ୍ତିକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ଏକ ମାମଲା ହୋଇଥିବାରୁ ଦୁଇଦିନ ତଳେ ତାଙ୍କୁ ଭାରପ୍ରାପ୍ତ କୁଳପତି ପଦରୁ ପଦଚ୍ୟୁତ କରାଯାଇଥିଲା। ଭାରପ୍ରାପ୍ତ କୁଳପତି ନିଯୁକ୍ତ କରିବା ପାଇଁ ସରକାର ଅଧ୍ୟାଦେଶ ଆଣିବା ପରେ ପ୍ରଫେସର ଦଣ୍ଡପାଟଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ଧାରା ୬(୧) ଅନୁସାରେ ସ୍ଥାୟୀ କୁଳପତି ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ନିକଟସ୍ଥ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦେବାର ପ୍ରାବଧାନ ରହିଛି। ହେଲେ ଉତ୍କଳ କ୍ଷେତ୍ରରେ ନିୟମକୁ ଉଲଂଘନ କରି ସେହି ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ କୁଳପତି କରାଯାଇଥିଲା। ଏହାକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ମାମଲା ହୋଇଥିଲା। ଫଳରେ କୁଳାଧିପତି ତାଙ୍କ ନିଯୁକ୍ତିକୁ ବାତିଲ୍ କରିଥିଲେ। ଏହାପରେ ଭାରପ୍ରାପ୍ତ କୁଳପତି ନିଯୁକ୍ତିରେ କୁଳାଧିପତିଙ୍କ କ୍ଷମତାକୁ ବୃଦ୍ଧି କରିବା ପାଇଁ ସରକାର ଅଧ୍ୟାଦେଶ ଆଣିଥିଲେ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧ୍ୟାଦେଶ ୨୦୨୫ର ଧାରା-୬ ଓ ଉପଧାରା-୧୦ ଅନୁଯାୟୀ ପ୍ରଫେସର ଦଣ୍ଡପାଟଙ୍କୁ ପୁଣିଥରେ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ନୂତନ କୁଳପତି ନିଯୁକ୍ତ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଖାଉଟିଙ୍କୁ ଦୁଃଖ ଦେଉଛି ମନ୍ତ୍ରୀଙ୍କ ବିଭ୍ରାନ୍ତିକର ବୟାନ

# ଅଗଷ୍ଟରେ ବି ମିଳିବନି ଗହମ

**ଭୁବନେଶ୍ୱର, ୨୫।୭(ସମିସ):** ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗଷ୍ଟ ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିବା ଗତ ମାସରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ମାତ୍ର ଚଳିତ ମାସର କୋଟା ଯୋଗାଣ ବିଭାଗର ଗୋଦାମ ଓ ଡିଲର୍ ପଏଣ୍ଟରେ ପହଞ୍ଚିଥିଲେ ହେଁ ହିତାଧିକାରୀଙ୍କ ଆବଶ୍ୟକତାନୁସାରେ, ପୂର୍ବଭଳି କେବଳ ଚାଉଳ ଆସିଛି। ତେଣୁ ଏ ମାସରେ ବି ଗହମ ମିଳିବା ଆଶା ସଂପୂର୍ଣ୍ଣ କ୍ଷୀଣ। ପୂର୍ବରୁ ମଧ୍ୟ ମନ୍ତ୍ରୀ ଗହମ ଆବଣ୍ଟନ ପାଇଁ କହିଥିଲେ। ହେଲେ ଲୋକଙ୍କୁ ମିଳି ନ ଥିଲା। ଏମିତିକି ଡିଲର୍‌ମାନେ ଗହମ କୋଟା ହିତାଧିକାରୀଙ୍କଠାରୁ ବାକି ରଖିଥିଲେ। ଗହମ ଯୋଗାଇ ନ ପାରିବାରୁ ପରେ ତାକୁ ଚାଉଳ ଦେଇ ଭରଣା କରିଥିଲେ। ଏବେ ବି ସେହି ସମାନ ଅବସ୍ଥା ଦେଖିବାକୁ ମିଳୁଛି।

ମନ୍ତ୍ରୀ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ବାରମ୍ବାର ଏଭଳି ମନ୍ତବ୍ୟ ଦେଉଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହୋଇପାରୁନି। ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପାଇଛି। ବାରମ୍ବାର ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ବିଭ୍ରାନ୍ତିକର



**ଡିଲର୍ ପଏଣ୍ଟରେ ଖାଉଟିଙ୍କୁ କେବଳ ଚାଉଳ ମିଳିବ**

**ହୁ'ହୁ' ବଢୁଛି ଅଟା ଦର; ଚିନ୍ତାରେ ମଧୁମେହ ରୋଗୀ**

ମତ ମନ୍ତବ୍ୟ ଦେଉଛନ୍ତି। ଆଳୁ ହେଉକି ଗହମ, ବିଭିନ୍ନ ପ୍ରସଙ୍ଗରେ ଖାଉଟିଙ୍କୁ ମିଥ୍ୟା କଥା କହି ମନ୍ତ୍ରୀ ଭୁଆଁ ବୁଲାଉଛନ୍ତି। ଦିନକୁ ଦିନ ରାଜ୍ୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗହମ ଚାହିଦା ବଢ଼ିବାରେ ଲାଗିଛି। ଗରିବ ହିତାଧିକାରୀମାନେ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ପାଇବେ ବୋଲି ଆଶାବାନ୍ଧି ବସିଛନ୍ତି। ମାତ୍ର ସରକାର ଲୋକଙ୍କ ଗହମ ତ ଯୋଗାଉ ନାହାନ୍ତି; ବରଂ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କୁ ସରକାର ମାସକୁ ୫ କେଜି ରାସନ ସାମଗ୍ରୀ ଯୋଗାଉଛନ୍ତି। ପୂର୍ବରୁ ଚାଉଳ ସହ ଗହମ ଯୋଗାଉଥିଲା। ଲୋକେ ନିଜ ଇଚ୍ଛାନୁସାରେ ଚାଉଳ ଓ ଗହମ ଭାଗକରି ନେଉଥିଲେ। ହିତାଧିକାରୀଙ୍କ ମୋଟ ପରିମାଣର ୨୦ ପ୍ରତିଶତ ଗହମ ଯୋଗାଇ ଦିଆଯାଉଥିଲା। ଏମିତିକି କରୋନା କାଳରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ମିଶନ୍ ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରିଥିଲେ। ତଦନୁଯାୟୀ, ଲୋକେ ଡବଲ ଚାଉଳ ଓ ଗହମ ପାଉଥିଲେ। କିନ୍ତୁ ୨୦୨୨ ମସିହା ଏପ୍ରିଲ ମାସରୁ କେନ୍ଦ୍ର ସରକାର ଗହମ ଯୋଗାଣ ପ୍ରାୟତଃ ବନ୍ଦ କରି ଦେଇଛନ୍ତି। କେବଳ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କିଛିଦିନ ସ୍ୱଳ୍ପ ପରିମାଣରେ ଗହମ ଯୋଗାଉଥିଲେ ମଧ୍ୟ ପରେ ତାହା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ୪ ବର୍ଷ ଧରି ଲୋକଙ୍କୁ ସରକାରୀ ଡିଲର୍ ପଏଣ୍ଟରେ ଗହମ ମିଳୁନି।

ଏପଟେ ବଜାରରେ ଅଟା ଦର ହୁ'ହୁ' ବଢ଼ିବାରେ ଲାଗିଥିବାରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିବର୍ଷ ୨୫ ଲକ୍ଷ ମେଟ୍ରିକ୍ ଟନ୍ ଗହମଜାତ ଦ୍ରବ୍ୟ ବିକ୍ରି ହୁଏ। ଏଥିମଧ୍ୟରୁ ସିଂହଭାଗ ହେଉଛି ଅଟା। ପୂର୍ବରୁ ବାର୍ଷିକ ହାରରେ ଅଟା ଦର କ୍ୱିଣ୍ଟାଲ୍ ପ୍ରତି ୩୦ରୁ ୪୦ ଟଙ୍କା ବଢୁଥିବାବେଳେ ଗତ ୪ ବର୍ଷ ହେଲା କ୍ରମାଗତ ଭାବେ ଅଟା ଦର ବଢ଼ିଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ଦୁଇ ବର୍ଷ ଭିତରେ କ୍ୱିଣ୍ଟାଲ୍ ପିଛା ପାଖାପାଖି ୧୫ଶହ ଟଙ୍କା ବଢ଼ିସାରିଲାଣି। ତେଣୁ ୧ କିଲୋ ପ୍ୟାକେଟ୍ ଅଟା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଖୋଲା ବଜାରରେ ୪୦ ଟଙ୍କାରୁ କମ୍‌ରେ ମିଳୁନି। ତେଣୁ ସାଧାରଣ ପରିବାର ବାଧ୍ୟହୋଇ ୫ କିଲୋ ଜାଗାରେ ଅଢ଼େଇ କିଲୋ ଅଟାରେ ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ଗହମ ଯୋଗାଣ ନେଇ ସରକାର ତୁରନ୍ତ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## କମଲ ହସନଙ୍କୁ ନବୀନଙ୍କ ଶୁଭେଚ୍ଛା



ଫାଇଲ୍‌ଫଟୋ

**ଭୁବନେଶ୍ୱର,୨୫।୭(ସମିସ):** ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିଥିବା ବିଶିଷ୍ଟ ସିନେ କଳାକାର କମଲ ହସନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସ ଯୋଗେ ନବୀନ କମଲ୍ ହସନଙ୍କୁ ସିନେମା ଆଇକନ୍ ଦର୍ଶାଇବା ସହ ରାଜ୍ୟସଭା ସଦସ୍ୟ ଭାବେ ସେ ସିନେମା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ଅପାର ଅବଦାନ ଦେଇପାରିବେ ବୋଲି କହିଛନ୍ତି। ସଂସଦର ଉଚ୍ଚ ସଦନରେ ତାଙ୍କର ସଫଳ ଏବଂ ଫଳପ୍ରଦ କାର୍ଯ୍ୟକାଳ କାମନା କରୁଛି ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତ। ପୋଷ୍ଟର ପ୍ରତ୍ୟୁତ୍ତରରେ କମଲ ହସନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କମଲ୍ କହିଛନ୍ତି ଯେ ଆପଣଙ୍କ ରାଷ୍ଟ୍ରନୀତି ଅନେକ ଦିନ ଧରି ପ୍ରେରଣା ଯୋଗାଇ ଆସିଛି। ମୁଁ ଆପଣଙ୍କ କଥାକୁ ଗଭୀର ମୂଲ୍ୟ ଦେଉଛି ଓ ମୋର କର୍ତ୍ତବ୍ୟ ଅନୁଗ୍ରହ ସହିତ ନିର୍ବାହ କରିବାକୁ ଚେଷ୍ଟା କରିବି ବୋଲି କମଲ୍ ହସନ କହିଛନ୍ତି।

■ ଉପରମୁଣ୍ଡରେ ବର୍ଷା

## ହୀରାକୁଦ ବନ୍ଧର ୨୦ ଗେଟ୍ ଖୋଲା

**ସମ୍ବଲପୁର, ୨୫।୭(ସମିସ):** ଉପର ମୁଣ୍ଡରେ ବର୍ଷା ଏବଂ ନିୟମ ଅନୁଯାୟୀ ଜଳଭଣ୍ଡାରର ଜଳସ୍ତର ବଜାୟ ରଖିବା ପାଇଁ ହୀରାକୁଦ ଜଳଭଣ୍ଡାର ଆଜି ଆହୁରି ୧୨ଟି ଗେଟ୍ ଖୋଲିଛି। ଗତକାଲି ସୁଦ୍ଧା ୮ଟି ଗେଟ୍ ଖୋଲାଯାଇଥିବାରୁ, ଏବେ ମୋଟ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଗେଟ୍ ଓ ଡାହାଣ



ପଟର ୭ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯.୩୯ ଫୁଟ୍ ରହିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୪.୭୩ ଫୁଟ୍ ରହିଥିଲା। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୫,୧୬୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାରଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୬,୨୨୦ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୪,୫୧୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୨୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

# ଆଉଟ୍‌ସୋର୍ସିଂ ନିଯୁକ୍ତିରେ କଟକଣା

**ଭୁବନେଶ୍ୱର, ୨୫।୭(ସମିସ):** ଆଉଟସୋର୍ସିଂ ନିଯୁକ୍ତି କ୍ଷେତ୍ରରେ ଏଣିକି ଅର୍ଥ ବିଭାଗର ଅନୁମତି ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏ ସଂକ୍ରାନ୍ତରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ନୂଆ କରି ଆଉଟସୋର୍ସିଂ ନିଯୁକ୍ତି ଆରମ୍ଭ କରିବା ପୂର୍ବରୁ ଔପଚାରିକ ଅନୁମତି

**ଅର୍ଥ ବିଭାଗର ଅନୁମତି ବିନା ହୋଇପାରିବନି ଆଉଟସୋର୍ସିଂ ନିଯୁକ୍ତି**

ନେବା ଆବଶ୍ୟକ। ପୂର୍ବରୁ ଅନୁମୋଦିତ ପଦବୀଗୁଡ଼ିକର ନବୀକରଣ ପାଇଁ ମଧ୍ୟ ଏହି ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଭାଗରେ ପୂର୍ବ ଅନୁମୋଦନ ଥାଏ, ତେବେ ଚୁକ୍ତି ଅବଧି ଶେଷରେ ନବୀକରଣ ପାଇଁ ନୂଆ ଅନୁମତି ନେବାକୁ ପଡ଼ିବ। ପ୍ରାରମ୍ଭିକ ଅନୁମୋଦିତ ସଂଖ୍ୟାଠାରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଅତିରିକ୍ତ ଅନୁମୋଦନ ଦରକାର ବୋଲି ଚିଠିରେ କୁହାଯାଇଛି। ସମସ୍ତ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବିଭିନ୍ନ ସରାକରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

### ବିଏଡ୍ ପ୍ରବେଶିକା ପରୀକ୍ଷା ଆନ୍‌ସାର୍ କି

# ପରିବର୍ତ୍ତନ ହେଲା ୧୭ଟି ଉତ୍ତର

**ଭୁବନେଶ୍ୱର, ୨୫।୭(ସମିସ):** ବହୁ ବିବାଦ ପରେ ବିଏଡ୍ ପ୍ରବେଶିକା ପରୀକ୍ଷାର ଉତ୍ତର ପୁନଃ ଯାଞ୍ଚ କରାଯାଇଛି। ପ୍ରୋଭିଜିନାଲ୍ ଆନ୍‌ସାର୍ କି ପ୍ରକାଶ ସହ ପିଲାମାନେ ଆପତ୍ତି କରିବାକୁ ସୁଯୋଗ ପାଇଛନ୍ତି। ଆପତ୍ତି ଆଧାରରେ ଉତ୍ତରକୁ ପୁନଃ ଯାଞ୍ଚ କରିବା ପରେ ଚୂଡ଼ାନ୍ତ ଆନ୍‌ସାର୍ କି ପ୍ରକାଶ ପାଇଛି। ତହିଁରେ ପ୍ରାୟ ୧୭ଟି ଉତ୍ତରରେ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ଫଳରେ ବହୁ ମେଧାବୀ ନିଜର ପ୍ରକୃତ ମାର୍କ ପାଇବା ସହ ବିଏଡ୍ ପଢ଼ିବାକୁ ସୁଯୋଗ ପାଇପାରିବେ। ହେଲେ ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ ପାଇଁ ୨୦୦ ଟଙ୍କା ଫି' ନିଆଯାଇଥିବାରୁ ପରୀକ୍ଷାର୍ଥୀମାନେ ଆର୍ଥିକ ବୋଝ ମୁଣ୍ଡାଇଛନ୍ତି। ଏବେ ଚ୍ୟାଲେଞ୍ଜ ଅନୁସାରେ ୧୭ଟି ଉତ୍ତର ପରିବର୍ତ୍ତନ ହୋଇଥିବାରୁ ସଠିକ୍ ନିଆଯାଇଥିବା ଫି'ରୁ ଉତ୍ତର ବାବଦ ଫି' ଫେରାଇବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଚୂଡ଼ାନ୍ତ ଆନ୍‌ସାର୍ କି ପ୍ରକାଶ ପାଇବା ପରେ ବିଏଡ୍ କଳା ବର୍ଗରେ ମୋଟ୍ ୬ଟି ଉତ୍ତର ପରିବର୍ତ୍ତନ ହୋଇଛି। ୪ଟିରେ ଏକାଧିକ ଅପ୍‌ସନ୍ ସଠିକ୍ ଉତ୍ତର ହୋଇଥିବାବେଳେ ଗୋଟିକରେ ଅନ୍ୟ ଏକ ଅପ୍‌ସନ୍ ଏବଂ ଗୋଟିଏ ପ୍ରଶ୍ନ ପାଇଁ ଗ୍ରେସ୍ ମାର୍କ ପ୍ରଦାନ କରାଯାଇଛି। ସେହିପରି

**ଗୋଟିଏ ଚ୍ୟାଲେଞ୍ଜ ପାଇଁ ନିଆଯାଇଛି ୨ଶହ ଟଙ୍କା**

**ସଠିକ୍ ଉତ୍ତର ବାବଦ ଫି' ଫେରାଇବାକୁ ଦାବି**

ବିଏଡ୍ ବିଜ୍ଞାନ ବର୍ଗରେ ମୋଟ୍ ୭ଟି ଉତ୍ତର ପରିବର୍ତ୍ତନ ହୋଇଛି। ତିନିଟିରେ ଏକାଧିକ ଅପ୍‌ସନ୍ ସଠିକ୍ ଉତ୍ତର ହୋଇଥିବାବେଳେ ଆଉ ୩ଟିରେ ଗ୍ରେସ୍‌ମାର୍କ ମିଳିଛି। ବିଏଡ୍ ହିନ୍ଦୀ ବର୍ଗରେ ୪ଟି ଉତ୍ତର ଭୁଲ୍ ହୋଇଛି। ୨ଟିରେ ଦୁଇଟି ଅପ୍‌ସନ୍ ସଠିକ୍ ଉତ୍ତର ହୋଇଥିବାବେଳେ ଗୋଟିକରେ ତିନିଟି ଅପ୍‌ସନ୍ ସଠିକ୍ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏମ୍‌ଏଡ୍ ପ୍ରଶ୍ନପତ୍ରର ଉତ୍ତରରେ କୌଣସି ତ୍ରୁଟି ହୋଇନାହିଁ। ଫଳରେ ବହୁ ପରୀକ୍ଷାର୍ଥୀ ସେମାନଙ୍କ ପ୍ରକୃତ ମାର୍କ ପାଇପାରିଛନ୍ତି। ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଏଡ୍‌ରେ ୨୭୫୦ ସିଟ୍ ପାଇଁ ୪୭ ଗୁଣାରୁ ଅଧିକ ଅର୍ଥାତ୍ ୧ଲକ୍ଷ ୨୯ ହଜାର ୭୧୨ ଜଣ ଆବେଦନ କରିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସଂଶୋଧିତ ମାର୍କ ପାଇବା ପାଇଁ ପରୀକ୍ଷାର୍ଥୀମାନେ ଆର୍ଥିକ ଦଣ୍ଡ ଗଣିଛନ୍ତି। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨ଶହ ଟଙ୍କା ଲେଖାଏଁ ଫି' ନିଆଯାଇଛି। ତାହା ଆଉ ଆବେଦନକାରୀଙ୍କୁ ଫେରସ୍ତ କରାଯିବ ନାହିଁ। ପ୍ରୋଭିଜିନାଲ୍ ଆନ୍‌ସାର୍ କି'କୁ ଚ୍ୟାଲେଞ୍ଜ କରି ପ୍ରାୟ ୧୦ହଜାରରୁ ଅଧିକ ଆବେଦନ ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଫଳରେ ପ୍ରାୟ ୨୦ଲକ୍ଷ ଟଙ୍କା ଆର୍ଥିକ ଦଣ୍ଡ ଗଣିଛନ୍ତି ପରୀକ୍ଷାର୍ଥୀ। ରାଜ୍ୟରେ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି), ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରି ବିଭିନ୍ନ ସଂସ୍ଥା ଆନ୍‌ସାର୍ କି' ଚ୍ୟାଲେଞ୍ଜ ପାଇଁ ଫି' ଫେରସ୍ତ ବ୍ୟବସ୍ଥା ରହିଛି। ପରୀକ୍ଷାର୍ଥୀଙ୍କ ଆବେଦନ ସଠିକ୍ ହେଲେ ଫି' ଫେରସ୍ତ ହୁଏ, ଭୁଲ୍ ହେଲେ ଫେରସ୍ତ କରାଯାଏ ନାହିଁ। ତା'ହେଲେ ବିଏଡ୍ ପରୀକ୍ଷା କ୍ଷେତ୍ରରେ ଏସ୍‌ଏସ୍‌ବି କାହିଁକି ଅଫେରସ୍ତ ଫି' ନେଇଛି ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଏସ୍‌ଏସ୍‌ବି ପକ୍ଷରୁ ଭୁଲ୍ ଉତ୍ତର ଦିଆଥିବା ବେଳେ ପରୀକ୍ଷାର୍ଥୀ କାହିଁକି ଆର୍ଥିକ ବୋଝ ବୋହିବେ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଏସ୍‌ଏସ୍‌ବିର ଜଣେ ଅଧିକାରୀଙ୍କ କହିବା କଥା, ନିର୍ଦ୍ଧାରିତ ଫି' ସିଧାସଳଖ ସାମ୍‌ସ ମାଧ୍ୟମରେ ସରକାରଙ୍କ ପାଖକୁ ଯାଇଛି। ଏଣୁ ଫି' ଫେରସ୍ତ ସମ୍ପର୍କରେ ସରକାର ହିଁ ନିଷ୍ପତ୍ତି ନେଇପାରିବେ। ସଠିକ୍ ଉତ୍ତର ପାଇଁ ଆବେଦନ ଫି' ଫେରାଇବାକୁ ସରକାର ତ୍ୱରିତ ପଦକ୍ଷେପ ନେବାକୁ ପରୀକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

### କନ୍ଧମାଳରେ ଲଜ୍ଜା!

## ଆଶ୍ରମ ସ୍କୁଲର ଦୁଇ ଦଶମ ଛାତ୍ରୀ ଗର୍ଭବତୀ

**ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୫।୭(ସମିସ):** କନ୍ଧମାଳରେ ପୁଣି ଲଜ୍ଜା। ଆଶ୍ରମ ସ୍କୁଲର ଦୁଇ ନାବାଳିକା ଛାତ୍ରୀ ଗର୍ଭବତୀ। ତୁମୁଡ଼ିବନ୍ଧ ବ୍ଲକ୍ ଅଞ୍ଚଳର ଜଲେଶପଟ୍ଟା ସରକାରୀ ଆବାସିକ ବାଳିକା ଉଚ୍ଚବିଦ୍ୟାଳୟରେ ଘଟିଛି ଏହି ଘଟଣା। ଛାତ୍ରୀଦ୍ୱୟ ଦଶମ ଶ୍ରେଣୀରେ ପଢୁଛନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦେବା ସହ ସେମାନଙ୍କ ପରିବାରଲୋକଙ୍କୁ ଖବର ଦେଇଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଛାତ୍ରୀଦ୍ୱୟ ଆବାସିକ ବିଦ୍ୟାଳୟକୁ ଫେରିଥିଲେ। ହେଲେ ମାସେ ପରେ ଛାତ୍ରୀଦ୍ୱୟଙ୍କ ମାସିକ ଋତୁସ୍ରାବ ନ ହେବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଏନେଇ ପରୀକ୍ଷା କରାଯିବା ପରେ ଦୁଇଜଣଯାକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଜଣେ ଛାତ୍ରୀଙ୍କ ଘର କୋଟଗଡ଼ ଥାନା ଅଞ୍ଚଳରେ ହୋଇଥିବା ବେଳେ ଅନ୍ୟଜଣଙ୍କ ଘର ବେଲଘର ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ପରେ ପୃଥକ ଭାବରେ ଦୁଇଟି ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଲିଖିତ ଭାବରେ ଏତଲା ଦେଇଥିଲେ। ଏତଲାକୁ ଆଧାରକରି କୋଟଗଡ଼ ଥାନାରେ କେସ ନମ୍ବର ୧୦୩/୨୫ ଏବଂ ସେହିଭଳି ବେଲଘର ଥାନାରେ ୬୪/୨୫ ନମ୍ବରରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

■ ଆଜି ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ

# ବଢ଼ିଚାଲିଛି ମାମଲା ବୋଝ

**୩୩ ବିଚାରପତି ପଦରୁ ୧୩ ଖାଲି ● ୧.୫୨ଲକ୍ଷ ମାମଲା ବିଚାରାଧୀନ**

**କଟକ, ୧୪।୪(ସମିସ):** ଆସନ୍ତାକାଲି ଓଡ଼ିଶା ହାଇକୋର୍ଟ ତାହାର ୭୮ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ବଢୁଥିବା ମାମଲା ବୋଝ ଏବେ ବି ହାଇକୋର୍ଟ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇଛି। ଗୋଟିଏପଟେ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମାମଲା ଫଏସଲା ହାର କିନ୍ତୁ ହ୍ରାସ ପାଇଛି। ଗତ ୨୦୨୫ ଜାନୁଆରିରେ ୧ ଲକ୍ଷ ୪୬ ହଜାର ୩୭୩ ମାମଲା ବିଚାରାଧୀନ ଥିଲା ବେଳେ ଜୁଲାଇ ୨୩ସୁଦ୍ଧା ୧ଲକ୍ଷ ୫୨ହଜାର ମାମଲା ବିଚାରାଧୀନ ରହିଛି। ୨୦୨୩ ଓ ୨୦୨୪ର ପ୍ରଥମ ୬ମାସ ଜାନୁଆରିରୁ ଜୁନ୍ ତୁଳନାରେ ୨୦୨୫ର ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ମାମଲା ଫଏସଲା ହାର ଅହେତୁକ ହ୍ରାସ ପାଇଛି। ଅନ୍ୟପଟରେ, ବିଗତ ଦୁଇବର୍ଷ ତୁଳନାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ମଧ୍ୟ କମିଥିବା ଜଣାପଡ଼ିଛି।

ହାଇକୋର୍ଟରେ ମୋଟ ୩୩ଟି ମଞ୍ଜୁରିପ୍ରାପ୍ତ ବିଚାରପତି ପଦବି ଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୨୦ଜଣ ବିଚାରପତି ରହିଛନ୍ତି। ୧୩ଟି ବିଚାରପତି ପଦ ପୂରଣ ହୋଇପାରିନାହିଁ। ଏହା ହାଇକୋର୍ଟ ପାଇଁ ଏକ ଚାଲେଞ୍ଜ ହୋଇ ଉଭା ହୋଇଛି। ୨୦୨୩ ଜାନୁଆରିରେ ଯେଉଁଠି ହାଇକୋର୍ଟରେ ମୋଟ ୨୨ଜଣ ବିଚାରପତି କାର୍ଯ୍ୟରତ ଥିଲେ, ଏବେ ତାହା କମି କରି ୨୦ରେ ପହଞ୍ଚିଛି। ଗତ୨୦୨୩ ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ମାମଲା ଫଏସଲା ହାର ଥିଲା ୧୨୬.୧୩ ପ୍ରତିଶତ। ୨୦୨୩ର





ପ୍ରଥମ ୬ ମାସରେ ମୋଟ ୪୯୬୩୫ଟି ମାମଲା ରୁଜୁ ସ୍ଥଳେ ୬୨୮୬୯ଟି ଫଏସଲା ହୋଇଥିଲା। ସେହିଭଳି ୨୦୨୪ର ପ୍ରଥମ ୬ମାସରେ ୪୩୫୫୦ଟି ମାମଲା ରୁଜୁ ହୋଇଥିବା ବେଳେ ଫଏସଲା ହୋଇଥିଲା ୪୭୩୦୩ଟି। ୨୦୨୪ ମସିହାର ଏହି ୬ମାସରେ ଫଏସଲା ହାର ରହିଥିଲା ୧୧୦.୯୦ ପ୍ରତିଶତ। ହେଲେ ଚଳିତ ୨୦୨୫ ଜାନୁଆରୀ ପହିଲାରୁ ଜୁନ୍ ୩୦ପର୍ଯ୍ୟନ୍ତ ପ୍ରଥମ ୬ ମାସ ଅବଧି ମଧ୍ୟରେ ଫଏସଲା ହାର ହ୍ରାସ ପାଇ ୮୪.୮୭ ପ୍ରତିଶତ ରହିଛି। ଚଳିତ ବର୍ଷ ଜୁନ୍‌ରେ ମାମଲା ଫଏସଲା ହାର ସର୍ବନିମ୍ନ ୬୭.୬୨ ପ୍ରତିଶତ ଥିବା ବେଳେ ମାର୍ଚ୍ଚରେ ସର୍ବାଧିକ ୯୭.୭୩ ପ୍ରତିଶତ ଥିବା ଜଣାପଡ଼ିଛି। ଏହି ୬ ମାସ ଅବଧି ମଧ୍ୟରେ ମୋଟ ୪୪,୦୭୭ଟି ମାମଲା ରୁଜୁ ହୋଇଥିଲା ବେଳେ ୩୭୪୦୭ଟି ମାମଲା ଫଏସଲା ହୋଇପାରିଥିବା ଜଣାପଡ଼ିଛି।

### କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

# ଦୁଇବର୍ଷିଆ ବିଏଡ୍ ଆବେଦନକାରୀଙ୍କୁ ସୁଯୋଗ ଦିଅ: ହାଇକୋର୍ଟ

**କଟକ, ୨୫।୭(ସମିସ):** ଦୁଇବର୍ଷିଆ ବିଏଡ୍ କରିଥିବା ପ୍ରାର୍ଥୀଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ବଞ୍ଚିତ କରାଯାଇଥିବା ଅଭିଯୋଗ ନେଇ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୁଇବର୍ଷିଆ ବିଏଡ୍ ଡିଗ୍ରିଧାରୀ ମଧ୍ୟ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ସୁଯୋଗ ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ସ୍ନାତକ ପରେ ଦୁଇବର୍ଷିଆ ବିଏଡ୍ (ସ୍ୱତନ୍ତ୍ର ଶିକ୍ଷା) ପାସ୍ କରିଥିବା ଆବେଦନକାରୀଙ୍କ ପ୍ରାର୍ଥିତ୍ୱ ଖାରଜ କରି ୨୦୨୪, ଜୁଲାଇ ୨୫ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସନ୍ତୋଷ କୁମାର ବେହେରାଙ୍କ ତରଫରୁ ଦାୟର ରିଟ୍ ଅପିଲର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ମାନସ ରଂଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି।

କନିଷ୍ଠ ଶିକ୍ଷକ ପଦ ପାଇଁ ୨୦୨୩, ସେପ୍ଟେମ୍ବର ୧୦ର ବିଜ୍ଞପ୍ତି ଆଧାରରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାର ପ୍ରକାଶିତ ପ୍ରୋଭିଜିନାଲ ମେଧା ତାଲିକାରେ ଆବେଦନକାରୀଙ୍କ ନାଁ ପୁନଃସ୍ଥାପିତ କରାଯିବା ସହ ନିଯୁକ୍ତି ପ୍ରସଙ୍ଗରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ମାମଲାରୁ ପ୍ରକାଶ, ଓସେପା ପକ୍ଷରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ୨୦୨୩, ସେପ୍ଟେମ୍ବର୍ ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀ ଅନ୍ୟ ଶିକ୍ଷାଗତ ଯୋଗ୍ୟତା ସହ ଏକବର୍ଷିଆ ବିଏଡ୍ (ସ୍ୱତନ୍ତ୍ର ଶିକ୍ଷା) କରିଥିଲେ ଏହି ପଦବି ପାଇଁ ଆବେଦନ କରିପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା। ତେବେ ଆବେଦନକାରୀ ଦୁଇବର୍ଷିଆ ବିଏଡ୍ (ସ୍ୱତନ୍ତ୍ର ଶିକ୍ଷା) କରିଥିବା ବେଳେ ଏହି ପଦ ପାଇଁ ଦରଖାସ୍ତ ଦାଖଲ କରିଥିଲେ ଓ ପ୍ରକାଶିତ ଚିଠା ମେଧା ତାଲିକାରେ ସ୍ଥାନ ପାଇଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ଏକବର୍ଷିଆ ବିଏଡ୍ କରିନଥିବାରୁ ଆବେଦନକାରୀଙ୍କ ପ୍ରାର୍ଥିତ୍ୱ ଖାରଜ କରାଯାଇଥିଲା। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୪, ଅକ୍ଟୋବର ୪ରେ ଜଣକିଆ ବିଚାରପତି ଏହାକୁ ଅଗ୍ରାହ୍ୟ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ।

## ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ

# ପ୍ରତ୍ୟେକ ପରିବାର ୨ଟି ଗଛ ଲଗାଇବାକୁ ଆହ୍ୱାନ

**ବଲାଙ୍ଗିର, ୨୫।୭ (ସମିସ)**

ବଲାଙ୍ଗିର ସହରର ପରିବେଶକୁ ସୁରକ୍ଷିତ ରଖିବାକୁ ଅନେକ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ କାମ କରୁଛନ୍ତି। ତେବେ ସହରକୁ ସବୁଜ ଓ ସୁନ୍ଦର କରି ଗଢି ତୋଳିବାକୁ ପ୍ରତ୍ୟେକ ପରିବାର ଅନ୍ୟୁନ ୨ଟି ଗଛ ଲଗାନ୍ତୁ ବୋଲି ଶୁକ୍ରବାର ସ୍ଥାନୀୟ ସୁଦପଡ଼ାଠାରେ ଆୟୋଜିତ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂହଦେଓ ଆହ୍ୱାନ ଦେଇଛନ୍ତି। ଶ୍ରୀ ସିଂହଦେଓ କହିଛନ୍ତି ଗତ ନିର୍ବାଚନ ସମୟରେ ଆମେ ସବୁଜ ବଲାଙ୍ଗିର ପାଇଁ ଇସ୍ତାହାର ଦେଇଥିଲୁ। ସେହିକ୍ରମରେ ଆମେ ଆମର କାର୍ଯ୍ୟକ୍ରମ ଚାଲୁରଖିଛୁ। ବଲାଙ୍ଗିର ସହରବାସୀ ଏଥିରେ ସହ ଯୋଗଦାନ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜଣାଉଛୁ ବୋଲି ବିଧାୟକ କହିଛନ୍ତି। ଶୁକ୍ରବାର ସୁଦପଡ଼ାଠାରେ ପୌରପାଳିକା ପକ୍ଷରୁ ଆୟୋଜିତ ବନୀକରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ବନବିଭାଗର ଏସିଏଫ ମାନସରଞ୍ଜନ ବେହେରା, ରେଞ୍ଜଅଫିସର ନବୀନକୁମାର ପଣ୍ଡା, ଡେପୁଟିରେଞ୍ଜର ସୁନୀଲକୁମାର ମିଶ୍ର, ସିଆରପିଏଫ ୧୮୯ ବାଟାଲିଅନର କମାଣ୍ଡାଣ୍ଟ ମ୍ରୀନାଲ କାନ୍ତି ବିଶ୍ୱାସ ଓ ଡେପୁଟି କମାଣ୍ଡାଣ୍ଟ ସରୱର ଖାନ ସହିତ ଯବାନ ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସୁଦପଡ଼ା କଲ୍ୟାଣ ମଣ୍ଡପ ଠାରୁ ସୋନପୁର ରାସ୍ତା ଉଭୟ କଡ଼ରେ ହନୁମାନ ମନ୍ଦିର ଛକ ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଇଥିଲା। ସୂଚନା ଅନୁସାରେ ବଲାଙ୍ଗିର ପୌରପାଳିକା ପକ୍ଷରୁ ପାଟଣାଗଡ଼ ରାସ୍ତାର ଡିଭାଇଡରରେ ଗତବର୍ଷ ବୃକ୍ଷରୋପଣ କରି ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେହିପରି ସବୁଜ ବଲାଙ୍ଗିର ଗ୍ରୁପ ପକ୍ଷରୁ ଗତବର୍ଷ ଜାତୀୟରାଜପଥ-୨୬ର ହିରୋ ସୋରୁମ ସମ୍ମୁଖରୁ ସଦାଇପାଲି ପର୍ଯ୍ୟନ୍ତ ଓ ରାଜେନ୍ଦ୍ରବିଶ୍ୱବିଦ୍ୟାଳୟ ଠାରୁ କେନ୍ଦ୍ରୀୟବିଦ୍ୟାଳୟ ପର୍ଯ୍ୟନ୍ତ ରିଂରୋଡରେ ବୃକ୍ଷରୋପଣ କରାଯାଇଥିଲା। ଚଳିତବର୍ଷ ସହରର ବିଭିନ୍ନ ଖୋଲାଜାଗାରେ ବୃକ୍ଷରୋପଣ କରାଯାଉଛି। କିଛି ସ୍ୱେଚ୍ଛାସେବୀ ନିଜେ ନିଜେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ଲାଗିଛନ୍ତି। ଏହି ଅବସରରେ ପୌର ପରିଷଦ ର କାଉନସିଲର କିଶୋର କୁମ୍ଭାର, ଶମ୍ଭୁ ନାଗ, ସତ୍ୟ ନାୟକ, ଗଙ୍ଗା ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ମୁନ୍ନା ଖାଁ ସହିତ ପୌର ପରିଷଦ କ୍ରମଚାରୀ ଓ ଜନସାଧାରଣ ସାମିଲ ଥିଲେ।



## ■ ସଟ୍ଟା ଆଡ୍ଡାରେ ପୁଲିସର ଚଢ଼ଉ ; ୫ ଗିରଫ

# ଟଙ୍କା, ମୋବାଇଲ ଓ ସଟ୍ଟା ଚାଟ୍ ଜବତ

**ପାଟଣାଗଡ଼, ୨୫।୭ (ସମିସ):** ଶୁକ୍ରବାର ପାଟଣାଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଟଣାଗଡ଼ ପୁଲିସ ଚଢ଼ଉ କରି ବେଆଇନ ସଟ୍ଟା ଖେଳାଉଥିବା ପାଞ୍ଚ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ କେନ୍ଦୁମୁଣ୍ଡି ଗ୍ରାମର ଭେଳାସାଗର ନାଗ, ପାଟଣାଗଡ଼ ବ୍ରହ୍ମପୁରାର ବାସୁଦେବ କୁଦେଇ, ପାଟଣାଗଡ଼ ବାବାଜୀ ପଡ଼ାର ହାଡୁ ହୋତା, ପାଟଣାଗଡ଼ ବଡପଡ଼ାର ଗିରିଜା ପ୍ରସାଦ ନାଗ, ରାମପୁର ପାଟଣାଗଡ଼ ର ବାସୁଦେବ ହେରନା। ସେମାନଙ୍କ ଠାରୁ ନଗଦ ୧୪୧୦୦ ଟଙ୍କା, ଦୁଇଟି ମୋବାଇଲ, ଗୋଟିଏ ମୋବାଇଲ ଚାର୍ଜର, ଗୋଟିଏ ପାୱାର ବ୍ୟାଙ୍କ, ଗୋଟିଏ କାଲକୁଲେଟର ଓ ସଟ୍ଟା ଚାଟ ସହ ଡଟ ପେନ ଜବତ କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଅଭିଲାଷ ଜି ଏସପି ବଲାଙ୍ଗିରଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ଏସଡ଼ିପିଓ ସଦାନନ୍ଦ ପୁଝାରୀଙ୍କ ତତ୍ତ୍ୱାବଧାନରେ ହରିବନ୍ଧୁ ଗଡ଼ତ୍ୟା ଥାନାଧିକାରୀ ପାଟଣାଗଡ଼ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଶୁକ୍ରବାର ପାଟଣାଗଡ଼ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ବିଭିନ୍ନ ସ୍ଥାନ ତଥା ସଟ୍ଟା ଅଡ୍ଡା ଗୁଡିକରେ ଚଢ଼ଉ କରାଯାଇ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି।



ସେମାନଙ୍କ ଠାରୁ ସଟ୍ଟା ଖେଳାଇବା ପାଇଁ ଥିବା ବିଭିନ୍ନ ଉପକରଣ ଗୁଡିକ ଜବତ କରାଯାଇଛି। ଏନେଇ ପାଟଣାଗଡ଼ ଥାନାରେ ପାଞ୍ଚଟି ପୃଥକ ମାମଲା ରୁଜୁ କରି ଶୁକ୍ରବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# କଳିକେଶଙ୍କ ଭୀମଭୋଇ ମେଡିକାଲ କଲେଜ ପରିଦର୍ଶନ

**ବଲାଙ୍ଗିର, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲାର ଲୋକଙ୍କ ଭରସାର ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ଗଢିଉଠିଛି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା। ଏହା ବିଭିନ୍ନ ସମସ୍ୟା ନେଇ ଗତିକରୁଥିବା ଖବର ପାଇ ବିଧାୟକ କଳିକେଶ ନାରାୟଣ ସିଂହଦେଓ ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ, ସିଡିଏମଓ, ପ୍ରଶାସନିକ ଅଧିକାରୀ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଠିଯାଇ ମେଡିସିନ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଏବେ ମେଡିକାଲ କଲେଜ ଡାକ୍ତରଖାନାରେ ପରିଚାଳନା ହେଉଛି। କିନ୍ତୁ ଆଜି ପର୍ଯ୍ୟନ୍ତ ରକ୍ତ ଭଣ୍ଡାର ପ୍ରସୂତି ଓ ଶିଶୁ ବିଭାଗ ଏବେ ମଧ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଚାଲୁଥିବା ବେଳେ ଆଇସିୟୁ ମଧ ଚାଲିଛି। ଡାକ୍ତର ଅଭାବ ଷ୍ଟାଫନର୍ସ ଅଭାବ ଥିବା ବେଳେ ଏମଆରଆଇ ସହିତ ବିଭିନ୍ନ ଯନ୍ତ୍ରପାତି ଆଜି ପର୍ଯ୍ୟନ୍ତ ସରକାର ଯୋଗାଇ ଦେଇପାରୁନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ଆସନ୍ତା ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ମେଡିକାଲ କଲେଜ ହସପିଟାଲ ହେଉଛି ୬୫୦ ବିଶିଷ୍ଟ କିନ୍ତୁ ସରକାର ଏଯାଏଁ ମାତ୍ର ୫୦୦ ଶହ ବେଡର ବ୍ୟବସ୍ଥା କରିଥିବା ବେଳେ ମାତ୍ର ୩୮୦ ବେଡ କାର୍ଯ୍ୟକ୍ଷମ ହୋଇଛି ବୋଲି ଅଧକ୍ଷ ସୂଚନା ଦେଇଥିଲେ।



ଯେଉଁଥିପାଇଁ ନୂତନ ମେଡିକାଲ କଲେଜ ଡାକ୍ତରଖାନାରେ ଏବେବି ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ବିଧାୟକ ଶ୍ରୀ ସିଂହଦେଓ ପରେ ମେଡିସିନ ୱାର୍ଡ ପରିଦର୍ଶନ କରିଦେଖିଥିଲେ। ପରିଦର୍ଶନ ସମୟରେ ରୋଗୀଙ୍କ ଅଭିଭାବକମାନେ ବିଧାୟକଙ୍କୁ ମେଡିକାଲ କଲେଜ ହସପିଟାଲ ର ଅବ୍ୟବସ୍ଥିତ ଶୌଚାଳୟ ଦେଖାଇଥିଲେ। ଯାହାକୁ ନେଇ ବିଧାୟକ କଳିକେଶ ନାରାୟଣ ସିଂହଦେଓ କ୍ଷୋଭ ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପୌରାଧ୍ୟକ୍ଷା ଲିକା ସାହୁ ଉପସ୍ଥିତ ଥିଲେ।

## ବଡ଼ମାଳ ଗୋଳାବାରୁଦ କାରଖାନାରୁ ଗଛ ଚୋରି

# ସୁରକ୍ଷା କର୍ମୀ ହାତରେ ଧରାପଡ଼ିଲା ଚୋର

**ସଇଁତଳା, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ଗୋଳାବାରୁଦ କାରଖାନା ପରିସରରେ ଥିବା ଜଙ୍ଗଲରୁ ଗଛ କାଟି ଚୋରି କରୁଥିବା ବେଳେ ସ୍ଥାନୀୟ ସିକ୍ୟୁରିଟି ହାତରେ ଜଣେ ଯୁବକ ସହ ଛତିଶଗଡ଼ ଅଞ୍ଚଳର ଏକ ବୋଲେରୋ ପିକଅପ୍ ଧରାପଡ଼ିଛି। ସୂଚନା ମତେ ଗୋଳାବାରୁଦ କାରଖାନା ପରିସରରେ ବ୍ୟାପକ ଜଙ୍ଗଲ ରହିଛି। ଜଙ୍ଗଲରେ ବହୁ ମୂଲ୍ୟବାନ ବଡ ବଡ ଗଛ ରହିଛି। ଏହି ଗଛ ଉପରେ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିବା ସହ ରାତିରେ ଅନ୍ଧାରର ସୁଯୋଗ ନେଇ ମାଫିଆମାନେ କାଠ ଚୋରି କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ କାରଖାନା ସୁରକ୍ଷା ବିଭାଗର ମୁଖ୍ୟ ସରୋଜ କୁମାର ବିଶ୍ୱାଳ ପାଟ୍ରୋଲିଂ କଡାକଡି କରିଥଲେ। ଗୁରୁବାର ରାତି ପ୍ରାୟ ୮.୩୦ମିନିଟ ସମୟରେ କାରଖାନା ପରିସରସ୍ଥିତ ସ୍ୱଚ୍ଛ ଜଳ ଯୋଗାଣ ପ୍ରକଳ୍ପ ନିକଟରେ ଏକ ପିକଅପ୍ ଥିବାରୁ ସନ୍ଦେହ କରିଥିଲେ। ଶ୍ରୀ ବିଶ୍ୱାଳଙ୍କ ସହ କିଛି ସୁରକ୍ଷା କର୍ମଚାରୀ ତଦନ୍ତ କରିବାରୁ କିଛି ବଡ ବଡ ଖଇର ଗଛ କଟାଯାଇଥିବା ଦେଖିଥିଲେ। ସୁରକ୍ଷା କର୍ମଚାରୀଙ୍କୁ ଦେଖି କାଠ ମାଫିଆମାନେ ସେଠାରୁ ଫେରାର ହୋଇଯାଇଥିବା ବେଳେ କର୍ମଚାରୀମାନେ ଜଣକୁ ଧରିଥିଲେ। ଯୁବକ ଜଣକ ସମାତୁଆଁ ଗ୍ରାମର ସନ୍ୟାସୀ ମିର୍ଦ୍ଧା ବୋଲି ଜଣାଯାଏ। ଏହା ସହ ଛତିଶଗଡ଼ ଅଞ୍ଚଳର ପିକ୍ଅପ୍ ଗାଡ଼ିକୁ ମଧ ଅଟକ ରଖି କାରଖାନା କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। କାରଖାନା କର୍ତ୍ତୃପକ୍ଷ ବନବିଭାଗକୁ ଖବର ଦେବା ସହ ଯୁବକ ସନ୍ୟାସୀ ଏବଂ ପିକଅପ୍ ଗାଡ଼ିକୁ ବନବିଭାଗକୁ ହସ୍ତାନ୍ତର କରିଥିବା ଜଣାଯାଏ।






# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ବଲାଙ୍ଗିର, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ଗୁରୁବାର ନୂତନ ଭାବେ ନିର୍ମାଣ ହୋଇଥିବା ଡାକ୍ତରଖାନା ଚାଷ ଜମି ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତ ଯୁବକ ସଇଁତଳା ଥାନା ଖର୍ସେଲବାଞ୍ଜି ଗାଁର ଶେଷଦେବ ମିର୍ଦ୍ଧା(୩୨) ବୋଲି ଜଣାପଡ଼ିଛି। ତେବେ ତାଙ୍କ ଶାଶୂ ଘର ଲୋଇସିଂହା ଥାନା ଜଡାମୁଣ୍ଡା ହୋଇଥିବା ବେଳେ ସେ ଆସି ସ୍ତ୍ରୀ ସହ ଝଗଡ଼ା ହୋଇଥିଲା। ପରେ ସେ ଘରୁ କୁଆଡେ ଚାଲି ଯାଇଥିଲେ। ଏନେଇ ଲୋଇସିଂହା ଥାନା ରେ ମଧ ଶାଶୁ ଘର ଲୋକ ଲିଖିତ ଭାବେ ଜଣାଇଥିଲେ। ତେବେ ବୁଧବାର ରାତିରେ ଲୋଇସିଂହା ଅଞ୍ଚଳରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡ଼ିଛି। ଥାନା ଅଧିକାରୀ ଯଜ୍ଞାସେନି ନାୟକ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ପୁଲିସ କେସ ନଂ ୧୭/୨୦୨୫ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପୁଇନ୍ତଲା ବ୍ଲକ ବିଲାଇସର୍ଡାସ୍ଥିତ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ସ୍ୱାଧୀନ ସାହୁଙ୍କ ସଭାପତିତ୍ୱରେ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଅସ୍ ଶିଶୁ ସୁରକ୍ଷା ସମ୍ପର୍କିତ କିଶୋର ନ୍ୟାୟ ଆଇନ୍ ୨୦୧୫ରେ ଥିବା ବାଲ୍ୟ ବିବାହ ନିରୋଧ ଆଇନ୍ ୨୦୦୬, ମିଶନ ବାତ୍ସଲ୍ୟ ଯୋଜନା ୨୦୨୨, ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ ୨୦୨୨, ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନର ୧୦୯୮ ଉପରେ ଆଲୋଚନା କରିଥିଲେ। ସେହିପରି ଶିଶୁ ସୁରକ୍ଷା ୟୁନିଟର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଆଶୀର୍ବାଦ ଯୋଜନା, ଗ୍ରୀନ ପାସେଜ୍ ସାର୍ଟିଫିକେଟର ଯୋଗ୍ୟତା, ସାର୍ଟିଫିକେଟ ର ଉପକାରିତା, ପୃଷ୍ଠପୋଷକତା ସହାୟତା ରାଶିର ଯୋଗ୍ୟତା ଓ ଲାଭ, ଯଶୋଦା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଓ ଆବେଦନର ପ୍ରଣାଳୀ, ଶିଶୁଙ୍କ ଲାଳନ ପାଳନ ପାଇଁ ଫୋଷ୍ଟର କେୟାର ଉପରେ ସଚେତନତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍, ଆଉଟ୍ ରିଚ୍ କର୍ମୀ ଡଳି ବେହେରା, ଚାଇଲ୍ଡ ହେଲ୍ପ ଲାଇନ ର ସୁଦାନ ଖମାରୀ, ଶ୍ରଦ୍ଧାଞ୍ଜଳି ସିଂହ ଉପସ୍ଥିତ ଥିଲେ। ଶେଷରେ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଜେଆଇଟିଏମ୍‌ରେ ବିଶ୍ୱ ସ୍ୱଯତ୍ନ ଦିବସ

**ବଲାଙ୍ଗିର, ୨୫।୭ (ସମିସ):** ବ୍ୟକ୍ତି ଜୀବନରେ ସମାଜସେବା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାତ୍ର ସମାଜସେବା କରିବାକୁ ହେଲେ ବ୍ୟକ୍ତିକୁ ପ୍ରଥମେ ନିଜେ ଉଭୟ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବା ଉଚିତ। ସେଞ୍ଚୁରିଅନ ବିଦ୍ୟାଳୟର କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱ-ଯତ୍ନ ଦିବସ ବିଷୟରେ ଅବଗତ କରାଇବା ପାଇଁ ଗୁରୁବାର ବିଦ୍ୟାଳୟ ପରିସରରେ ବିଶ୍ୱ ସ୍ୱ-ଯତ୍ନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଫାର୍ମାସୀ ବିଭାଗର ଉଦ୍ୟମରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ବିଏସସି ନର୍ସିଙ୍ଗ ଓ ଜିଏନଏମ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଥମେ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ୱଚ୍ଛତା, ପ୍ରାଥମିକ ଚିକିତ୍ସା, ଋତୁସ୍ରାବ ସମୟର ସ୍ୱଚ୍ଛତା ଅବଲମ୍ବନ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ପ୍ରଦୀପ ଷଡ଼ଙ୍ଗୀଙ୍କର ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଶ୍ୱ ବିଦ୍ୟାଳୟର ଛାତ୍ରୀ ଅଭିଜିତା ଓ ସିମରନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହିତ ସ୍ୱ-ଯତ୍ନ ପାଇଁ ପ୍ରେରଣା ଯୋଗାଇବ।



# ଯୁବକଙ୍କ ଆତ୍ମହତ୍ୟା

**ଖପ୍ରାଖୋଲ, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଭାଲୁଡୁଙ୍ଗରି ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମୃତକ ଜଣକ ଖପ୍ରାଖୋଲ ଥାନା ଓଡ଼ିଆପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗରି ଗ୍ରାମର ସଦାଶିବ ସ୍ୱାଇଁ (୩୭)। ସଦାଶିବ ଗୁରୁବାର ସକାଳୁ କୁଆଡେ ଚାଲି ଯାଇଥିଲେ ଘର ଲୋକ ଖୋଜାଖୋଜି କଲା ପରେ ମଧ ତାଙ୍କୁ ଖୋଜି ପାଇନଥିଲେ। ଅପରାହ୍ନରେ ମୃତକଙ୍କ ଖୁଡି କପା ଚାଷ କରିଥିବା ଜମିକୁ କାମ କରିବାକୁ ଯିବା ସମୟରେ ଗୋଟିଏ ମହୁଲ ଗଛ ଡାଳରେ ଝୁଲନ୍ତା ମୃତଦେହ ଦେଖି ନିକଟରେ ଥିବା ଅନ୍ୟ ଲୋକଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ନିକଟକୁ ଯାଇ ଦେଖିଲା ପରେ ମୃତଦେହ ପୁତୁରା ସଦାଶିବଙ୍କ ବୋଲି ଜାଣିପାରିଥିଲେ। ପରିବାରଲୋକ ଘଟଣା ବିଷୟରେ ପୁଲିସକୁ ଖବର କରିଥିବା ବେଳେ ଘଟଣାସ୍ଥଳରେ ଖପ୍ରାଖୋଲ ପୁଲିସ ଏଏସଆଇ ରବୀନ୍ଦ୍ର କୁମ୍ଭାର ଟିମ୍ ସହ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଖପ୍ରାଖୋଲ ଥାନା ୟୁଡି କେସ ନଂ ୧୦/୨୫ ରେ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ସୂଚନା ଥାଉକି ମୃତକ ଜଣେ ଟ୍ରାକ୍ଟର ମେକାନିକ ଭାବେ ବଲାଙ୍ଗିରରେ କାମ କରୁଥିଲେ କିଛିଦିନ ହେଲା ସେ ଘରକୁ ଆସିଥିଲେ।

## ପୁସ୍ତକ 'ଛୁଆକର ଗୀତ' ଉନ୍ମୋଚିତ

# ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧ ବାର୍ଷିକୀ

**ବଲାଙ୍ଗିର, ୨୫।୭ (ସମିସ):** ଆଧୁନିକତାର ପ୍ରଭାବରେ ହଜି ଯାଉଥିବା ଆମ ଅଞ୍ଚଳର ପ୍ରାଚୀନ କୀର୍ତ୍ତିରାଜି, ବିଭିନ୍ନ ବ୍ୟବହୃତ ଜିନିଷ ସଂଗ୍ରହ କରି କୋସଲି ମ୍ୟୁଜିୟମ ପ୍ରତିଷ୍ଠା କରିଥିବା ସ୍ୱର୍ଗତ ନିମାଇଁଚରଣ ପାଣିଗ୍ରାହଙ୍କ ଲୋକ ସାହିତ୍ୟର ସଂଗ୍ରହ, ସମ୍ପାଦନା ଓ ପ୍ରକାଶନ ଧାରାରେ କୋସଲି ଲୋକ ସାହିତ୍ୟ ବର୍ଗ ରେ ଲିଖିତ ପୁସ୍ତକ 'ଛୁଆକର ଗିତ' ଲୋକାର୍ପିତ ହୋଇଯାଇଛି। ଆଜିଥିଲା ଲୋକ ସଂସ୍କୃତି ଗବେଷକ, କବି, ପ୍ରାବନ୍ଧିକ, ଅନୁବାଦକ, ମଞ୍ଚ ଅଭିନେତା, କୋସଲି ମ୍ୟୁଜିୟମ ପ୍ରତିଷ୍ଠାତା ସ୍ୱର୍ଗତ ନିମାଇଁଚରଣ ପାଣିଗ୍ରାହଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ। ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ମୀନା ଟେଣ୍ଟ ହାଉସରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଓ ସ୍ମୃତିସଭାରେ ସ୍ରୋତସ୍ୱତୀ ପ୍ରକାଶନୀର ମୁଖ୍ୟ ସନ୍ଦୀପ କୁମାର କୁଅଁର ସଭା ପରିଚାଳନା କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କବି ମଧୁସୂଦନ ଦାଶ, କବି ସୁଶାନ୍ତ ବାଗ, ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର, ସୁବାଷ ଚିନ୍ତନ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୋଶଳ ପ୍ରବାହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ପଶୁକବି ସୁଶୀଲ ମିଶ୍ର, କବି ହୃଷିକେଶ ପୁରୋହିତ, ନିହାରିକା ପାଣିଗ୍ରାହୀ, ରୁଚିମନ୍ତା ନାଏକ, ସୁରେନ୍ଦ୍ର ଦାଶ, ପୁସ୍ତମ ଯୁଆଦି ପ୍ରମୁଖ ବିଶିଷ୍ଟ ସାରସ୍ୱତ ସାଧକ, ସଂସ୍କୃତି ଗବେଷକ, ସଂଗ୍ରାହକ ନିମାଇଁଚରଣ ପାଣିଗ୍ରାହୀଙ୍କର ସାହିତ୍ୟର ବିଭିନ୍ନ ଦିଗ, ସଂସ୍କୃତି ଗବେଷଣା ଓ ସମର୍ପିତ ଭାବର ଆଲୋଚନା କରି ଆଗାମୀ ପିଢୀ ସଚେତନ ଭାବରେ ତାଙ୍କର ମ୍ୟୁଜିୟମକୁ ସଂରକ୍ଷଣ କରି ରଖି ପାରିଲେ ଆଗାମୀ ପାଇଁ ତାହା ହେବ ଏକ ମହାର୍ଘ ସମ୍ପଦ ବୋଲି ମତ ଦେଇଥିଲେ। ସ୍ରୋତସ୍ୱତୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ଛୁଆକର ଗିତ' ଲୋକାର୍ପଣ ସମାରୋହ ପ୍ରାରମ୍ଭରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପୁସ୍ତକ 'ଛୁଆକର ଗିତ'କୁ ଲୋକାର୍ପିତ କରାଯାଇଥିଲା। ଲୋକାର୍ପଣ ଅବସରରେ ସ୍ୱର୍ଗତ ନିମାଇଁ ଚରଣଙ୍କ ଧର୍ମପତ୍ନୀ ଶ୍ରୀମତୀ ସୁଲକ୍ଷଣୀ ପାଣିଗ୍ରାହୀ, ଚାରି ଝିଅ ସାଗରିକା, ନିହାରିକା, ଅନାମିକା, ସ୍ୱାଗତିକା ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ନିମାଇଁଙ୍କ ବଡଭାଇ କହ୍ନାଇ ଚରଣ ପାଣିଗ୍ରାହୀ, ରମାଇ ଚରଣ ପାଣିଗ୍ରାହୀ, ଧନମତ ପାଣିଗ୍ରାହୀ, ପ୍ରଦୀପ ପାଣିଗ୍ରାହୀ, ସ୍ୱାଗତ ମିଶ୍ର, ରାମରାଜ ପଣ୍ଡା, ଅନୁପମ ମିଶ୍ର, ଆଲୋକ ଦାଶ ପ୍ରମୁଖ।



# କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ସ୍ୱାଗତ ଉତ୍ସବ

**ଦେଓଗାଁ, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବଆନନ୍ଦ ଯୁକ୍ତଦୁଇ କଲେଜରେ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡା ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀ ସମୟାନୁବର୍ତ୍ତିତା ହେବାସହ ଶୃଙ୍ଖଳିତଭାବେ କଲେଜକୁ ନିୟମିତ ଆସି ଅଧ୍ୟୟନ କରିବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ବଳରାମ ପଧାନ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ, କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ, ଉପଗ୍ରନ୍ଥାଗାର ଗୌରାଙ୍ଗ ବେମାଲ ପ୍ରମୁଖ ଯୋଗଦେଇଥିବା ବେଳେ ନିରଞ୍ଜନ ପଟେଲ, ଝସକେତନ ସାହୁ, ଶାନ୍ତନୁ କୁମାର ପଣ୍ଡା, ପରମେଶ୍ୱର ସାହୁ, ଶୋଭାମଞ୍ଜରୀ ସୁନା ପ୍ରମୁଖ ସହଯୋଗ କରିଥିଲେ।



# ବଲାଙ୍ଗିର ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ

**ବଲାଙ୍ଗିର, ୨୫।୭ (ସମିସ):** ବଲାଙ୍ଗିର ପଥରଚେପାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ବଲାଙ୍ଗିର ସହରାଞ୍ଚଳ ପଣ୍ଡରା ସମାଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ ମଧ୍ୟ କରିଥିଲେ। ସମାଜର ସଭାପତି ରସରାଜ ସାଙ୍କ ସମେତ ବଂଶୀଧର ସା, ବିନୋଦ ବିହାରୀ ଭୋଇ, ବିଦ୍ୟାଧର ଦ୍ୱାରୀ, ବିଜୟ କୁମାର ସା, ମାନଭଞ୍ଜନ ସା, ଦୁତିଆ ଦେହେରୀ, ଭବାନୀ ଶଙ୍କର ଭୋଇ ପ୍ରମୁଖ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସଭାପତି ରସରାଜ ସା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ।

# ଗୋବିନ୍ଦପୁର ଗାଁ ରାସ୍ତା ଶୋଚନୀୟ

**ବଙ୍ଗୋମୁଣ୍ଡା, ୨୫।୭ (ସମିସ)**

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମୁଣ୍ଡପଦର୍ ପଞ୍ଚାୟତର ଗୋବିନ୍ଦପୁର ଗାଁର ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଯେଉଁଥିରେ ବର୍ଷା ପଡ଼ିଲେ ସାରା ରାସ୍ତା କାଦୁଅରେ ପରିଣତ ହୁଏ। ଗାଁ ଲୋକମାନେ ରାସ୍ତାରେ ଯାତାୟତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଛାତ୍ରଛାତ୍ରୀ ଓ ବୃଦ୍ଧମାନେ ଏହି ଦୁଃସାଧ ଅବସ୍ଥାରେ ପ୍ରତିଦିନ ଯାତାୟାତ କରିବାକୁ ବାଧ ହେଉଛନ୍ତି। ରାସ୍ତାରେ ଆପାତକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଯିବାଆସିବା କରିବା ମଧ କଷ୍ଟ କର ହୋଇପଡୁଛି। ଗୋବିନ୍ଦପୁର ଗାଁ ମୁଖ୍ୟ ରାସ୍ତା ଓ ହରିଜନପଡ଼ାରାସ୍ତା କାଦୁଅ ପଚ୍ ପଚ୍ ହେବା ସହ ପାଣି ଜମି ରହୁଥିବାରୁ ବର୍ଷା ଦିନିଆ ରୋଗ ସଂକ୍ରମଣ ହେବାର ଡର ରହୁଛି। ଗତ କିଛି ବର୍ଷ ଧରି ଗାଁ ଲୋକମାନେ ପ୍ରଶାସନ ପାଖରେ ଅନେକଥର ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ମରାମତି କାମ ଆରମ୍ଭ ହୋଇନାହିଁ। ବର୍ଷା ହେଲେ ରାସ୍ତା କାଦୁଅ ହୋଇଯାଏ, ଚାଲିବା ବେଳେ ମାଟିରେ ପାଦ ଧସିଯାଏ, ଅନେକଥର ବୃଦ୍ଧ ଲୋକ ଓ ଶିଶୁ ପଡ଼ି ଆହତ ମଧ ହେଉଛନ୍ତି। ସ୍ଥାନୀୟ ଲୋକେ କହିଛନ୍ତି ଯେ ଏହି ଅବସ୍ଥା ଦେଖି ମନେ ହୁଏ ଯେ ଆମେ ଆଜି ବି ୨୦ ଶତାବ୍ଦୀରେ ବଞ୍ଚୁଛୁ। ବର୍ଷା ଦିନେ ଆମେ ଅନ୍ୟ ଗାଁକୁ ଯିବା ଅସମ୍ଭବ ହୋଇଯାଏ। ସ୍କୁଲ ଛାତ୍ରଛାତ୍ରୀ ଅସୁବିଧା ଅନୁଭବ କରୁଛନ୍ତି କିନ୍ତୁ ପ୍ରଶାସନ ଶୁଣୁ ନାହାନ୍ତି। ଏନେଇ ଗ୍ରାମବାସୀ ଏବେ ସରକାର ଓ ପ୍ରଶାସନ ପାଖରେ ଦୃଢ଼ ଦାବି ଜଣାଇଛନ୍ତି ଯେ, ତୁରନ୍ତ ଏହି ରାସ୍ତାକୁ ମରାମତି କରାଯାଉ ନହେଲେ, ସେମାନେ ଆନ୍ଦୋଳନ କରିବାକୁ ବାଧ ହେବେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଚାଷ ଜମିରେ ଛିଣ୍ଡିଲା ବିଦ୍ୟୁତ୍ ତାର

**ଅଳ୍ପକେ ବର୍ତ୍ତିଲେ ଚାଷୀ, ଶ୍ରମିକ**

**ନୂଆପଡ଼ା, ୨୫।୭(ସମିସ):** ସ୍ଥାନୀୟ ଖୁଟବନଭେଗା ଗାଁ ଚାଷ ଜମିରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଷୀ ଓ ଶ୍ରମିକମାନେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ମରାମତି କରିଥିଲେ। ପ୍ରକାଶ ଯେ, ବର୍ଷା ଦିନ ଥିବାରୁ ସବୁ ଚାଷ ଜମିରେ ଚାଷୀମାନେ ହଳ ଲଙ୍ଗଳ କରିବା ସହ ଧାନ ରୁଆ କାମ କରୁଛନ୍ତି। ଖୁଟବନଭେଗା ଗାଁରେ ମଧ ପ୍ରମିଳା ଡାଣ୍ଡିଙ୍କ ଚାଷ ଜମିରେ ଶ୍ରମିକ ଓ ଚାଷୀ କାମ କରୁଥିଲେ। ଏହି ସମୟରେ ଚାଷ ଜମି ଦେଇଯାଇଥିବା ବିଦ୍ୟୁତ୍ ଖୁଣ୍ଟରୁ ହଠାତ ତାର ଛିଣ୍ଡି ପଡ଼ିଥିଲା। ଏହି ସମୟରେ ସେଠାରେ କାମ କରୁଥିବା ଚାଷୀ ଓ ଶ୍ରମିକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ସଜାଡିଥିଲେ। ଚାଷ ଜମି ଦେଇ ଯାଉଥିବା ବିଦ୍ୟୁତ୍ ତାର ଉପରେ ବିଶେଷ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# 'ମାଆ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ

**ବିନିକା, ୨୫।୭(ସମିସ):** ବିନିକା ସିବାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରେଖା ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ପ୍ରାୟ ୫୦ଟି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ ଅଧିକାରୀ ରୋହିତ ଧରୁଆ, ଓ୍ୱାଇଆରସି ଧନେଶ୍ୱର ସାହୁଙ୍କ ସମେତ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ସୌମ୍ୟାଶ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ଲାଞ୍ଜିଗଡ଼, ୨୫।୭ (ସମିସ):** ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହ ଅବସରରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ଜଗନ୍ନାଥପୁରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜୟ ନାଏକ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ମନୋଜ ରାଉତ, ପ୍ରଦୀପ ମାଝୀ, ପୂର୍ଣ୍ଣଚନ୍ଦ୍ର ଗଉଡ଼, କର୍ଣ୍ଣ ସାହୁ, ସଦା ନାଏକ, ସନ୍ତୋଷ ଡୁଙ୍କ, ଭାସ୍କର ଚନ୍ଦନ, ମୁକ୍ତ ମାଝୀ, ଗୋପାଳ ଖୁରା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଥାନାଧିକାରୀଙ୍କୁ ଭେଟିଲେ ସ୍ଥାନୀୟ ସାମ୍ବାଦିକ

**କଳମପୁର, ୨୫।୭(ସମିସ):** କଳମପୁର ଥାନାରେ ନୂତନ ଅଧିକାରୀ ଭାବେ ବିଶ୍ୱମ୍ବର କହଁର ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ବିଜେପୁର ଥାନାଧିକାରୀ ଭାବେ ଅବସ୍ଥାପିତ ଥିଲେ। ବିଜେପୁର ଥାନାକୁ କଲମପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କୁ ବଦଳି କରାଯାଇ ଥିବା ବେଳେ ବିଜେପୁରରେ ଅବସ୍ଥାପିତ ଶ୍ରୀ କହଁରଙ୍କୁ କଲମପୁର ଥାନା ଅଧିକାରୀ ଭାବେ ବଦଳି ହୋଇଛନ୍ତି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ କଳମପୁର ଅଞ୍ଚଳ ସାମ୍ବାଦିକମାନେ ସାକ୍ଷାତ କରିବା ସହିତ ନୂତନ ଥାନାଧିକାରୀ ଶ୍ରୀ କହଁରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସାମ୍ବାଦିକ ଶେଷଦେବ ନାଏକ, ଦର୍ଶନ ଗୁପ୍ତା, ଭୋଜରାଜ ଛତ୍ରିଆ, ଶରତ ସୁନାନୀ, ଟିକଚନ୍ଦ ବାଗ ପ୍ରମୁଖ ଶ୍ରୀ କହଁରଙ୍କୁ ଭେଟିଥିଲେ।

# ଦରଲୀପଡ଼ା ମୁଖ୍ୟ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

**କୋମନା, ୨୫।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଦରଲୀପଡ଼ା ଗ୍ରାମର ବସ୍ତି ରାସ୍ତାରେ ଗତ ୫ ଦିନ ହେବ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନବାଡି ଛାତ୍ରଛାତ୍ରୀ ଓ ଯାତ୍ରୀମାନେ ଯିବା ଆସିବା କରିବାରେ ସମସ୍ୟା ସୃଷ୍ଟି ହୋଇଛି। ପାଣି ଜମି ରହୁଥିବାରୁ ରାସ୍ତାରେ ଯାତାୟାତ ବେଳେ ଲୋକେ ସେଠାରେ ପଡ଼ି ଆହତ ହେଉଥିବା ଗ୍ରାମବାସୀ କହିଛନ୍ତି। ପ୍ରାଶାସନ ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ନାଏବ ସରପଞ୍ଚ ରାମେଶ୍ୱରୀ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ପାଇପ୍ ଫାଟି ଅନବର ବୋହୁଛି ପାଣି

**କୋମନା, ୨୫।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ବଙ୍ଗଳାପଡ଼ା ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ପୋତା ଯାଇଥିବା ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ଯାଇଛି। ଏଥିଯୋଗୁଁ ସବୁବେଳେ ରାସ୍ତା ଉପରେ ପାଣି ବୋହୁଛି; ଯେଉଁଥିପାଇଁ ରାସ୍ତାଟି ୨୪ ଘଣ୍ଟା ପାଣିକାଦୁଅ ହୋଇ ରହୁଛି। ଏନେଇ ଗ୍ରାମବାସୀ ଅନେକ ଥର ପାନୀୟ ଜଳଯୋଗାଣ ବିଭାଗକୁ ଯୋଗାଯୋଗ କଲେ ମଧ୍ୟ କିଛି ଲାଭ ହେଉନି। ଗୋଟିଏ ବର୍ଷ ହେବ ଲୋକେ ଅଭିଯୋଗ କରି କରି ଥକିଲେଣି।

# କୁଳିହାବନ୍ଧା ସ୍କୁଲରେ ଚିତଉ ଅମାବାସ୍ୟା

**ନୂଆପଡ଼ା, ୨୫।୭(ସମିସ):** କୁଳିହାବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚିତଉ ଅମାବାସ୍ୟା ପାଳିତ ହୋଇଯାଇଛି। ସରପଞ୍ଚ ସନ୍ତରାମ ପାଣ୍ଡେ, ମଶାନକୁଣ୍ଡା ସାଧନ କେନ୍ଦ୍ର ସଂଯୋଜକ ଦେଓଲାଲ ବାଗ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ବେହେରା, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର ପରିଡ଼ା, ଶିକ୍ଷୟିତ୍ରୀ ଲିଲାବାଇ ଶବରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଅନ୍ତଃ ଅଭିଯୋଗ କମିଟିର କର୍ମଶାଳା

**ନୂଆପଡ଼ା, ୨୫।୭(ସମିସ):** ସ୍ଥାନୀୟ ନ୍ୟାସନାଲ ମହାବିଦ୍ୟାଳୟରେ ଅନ୍ତଃ ଅଭିଯୋଗ କମିଟି ପକ୍ଷରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିତେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୌନ ନିର୍ଯାତନା ନିବାରଣ ଆଇନ ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୨୦୧୫ ସମ୍ପର୍କରେ ଆଲୋଚିତ ହୋଇଥିଲା। କାର୍ଯ୍ୟରତ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଏବଂ ସଫଳ କରିବା ପାଇଁ ସାହାଯ୍ୟ ଟୋଲ୍ ଫ୍ରି ନମ୍ବର ୧୮୧ର ପ୍ରଚାର ସହ ସମ୍ବେଦନଶୀଳ/ସଚେତନମୂଳକ ଏକ ଦିବସୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ କର୍ମଚାରୀ, ସହଯୋଗୀ ମହିଳା ସୁରକ୍ଷା ସମ୍ବନ୍ଧରେ ସତର୍କତା ଅବଲମ୍ବନ କରିବା ପାଇଁ ଶପଥ କରିଥିଲେ। ମମତା ପଟ୍ଟନାୟକ, ଅଧ୍ୟାପିକା ନନ୍ଦିନୀ ମଞ୍ଜରୀ ହୋତା, ବିଧାନ ଚନ୍ଦ୍ର ମିଶ୍ର, ଡ. ପ୍ରଣତୀ ପଣ୍ଡା, ଆଇନ ବିଶେଷଜ୍ଞ ବବିତା ମିଶ୍ର ଯୋଗ ଦେଇଥିଲେ। ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡ. ପ୍ରଣତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଦୂଷିତ ପାଣି ଯୋଗୁଁ ବ୍ୟାପୁଛି ଝାଡ଼ାବାନ୍ତି**

# ନଙ୍ଗଲବୋର୍ଡରେ ପହଞ୍ଚିଲେ ଡାକ୍ତରୀ ଦଳ

**ସିନାପାଲି, ୨୫।୭(ସମିସ)**





ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବଣ ପାହାଡ ଘେରା ଦୁର୍ଗମ ନଙ୍ଗଲବୋର୍ଡ ପଞ୍ଚାୟତର ବିଭିନ୍ନ ପଡ଼ା ଗ୍ରାମ ଓ କଳିଙ୍ଗ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରାନ୍ତ ରୋଗୀଙ୍କୁ ପଚାରି ବୁଝିଛନ୍ତି।। ଗ୍ରାମରେ ଥିବା ନଳକୂପ, ଜଳଯୋଗାଣ ପ୍ରକଳ୍ପରୁ ଆସୁଥିବା ପାଣିର ନମୁନା ସଂଗ୍ରହ କରିବା ସହ ଭଟ୍ଟପାଣି କଳିଙ୍ଗ ଉଚ୍ଚ ବିଦ୍ୟାଳୟ ଓ ଛାତ୍ର ନିବାସରେ ବ୍ୟବହାର ହେଉଥିବା ପାଣି ନମୁନା ସଂଗ୍ରହ କରିଛନ୍ତି। ସେଠିକାର ବ୍ୟବହାର ହେଉଥିବା ପାଇଖାନା, ଜଳ ଯୋଗାଣ, ଗାଧୋଉଥିବା ପାଣି ଟ୍ୟାଙ୍କ, ପାନୀୟ ଜଳ ବ୍ୟବହାର ହେଉଥିବା ଆରୋ ସମେତ ସେଠିକାର ପରିବେଶ ଓ ସ୍ୱଚ୍ଛତାକୁ ପରଖି ଥିଲେ। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳ ବିଦ୍ୟାଳୟରେ ବ୍ୟବହାର ହେଉଥିବା ପାନୀୟ ଜଳ ଓ ପରିଚାଳନା ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେଠାରେ ଥିବା ବିଭିନ୍ନ ଆରୋ, ଏକ୍ୱାଗାର୍ଡ ଓ ପାଣି ବ୍ୟବହାର ହେଉଥିବା ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକ ସଠିକ ଭାବରେ ସଫା ରଖୁ ନ ଥିବା ବେଳେ ଦୀର୍ଘ ଦିନ ପରେ ମଧ ବଦଳା ଯାଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଦୂଷିତ ପାଣି ଯୋଗୁଁ ଏଭଳି ଝାଡାବାନ୍ତି ବ୍ୟାପୁଥିବା କହିଥିଲେ। ସେହିପରି ପ୍ରକଳ୍ପରୁ ହେଉଥିବା ଜଳ ଯୋଗାଣରେ ମଧ ଅବ୍ୟବସ୍ଥା ଦେଖାଦେଇଥିବା ଦଳ ଅନୁସନ୍ଧାନ ବେଳେ ଜାଣିବାକୁ ପାଇଥିଲେ। ଉଦନ୍ତୀ ନଦୀ ନିକଟରେ ସ୍ଥାପିତ ହୋଇଥିବା ପାଣି ପମ୍ପ ହାଉସରୁ ଜଳ ଯୋଗାଣରେ ଅବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ଆନୁଷଙ୍ଗିକ ଅବ୍ୟବସ୍ଥା ଯୋଗୁଁ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହେଉଥିବାରୁ ଲୋକେ ବାଧ ହୋଇ ନାଳ ଓ ଝରଣା ପାଣି, ପୋଖରୀ ଉପରେ ନିର୍ଭର କରୁଛନ୍ତି। ଯାହା ଫଳରେ ଏଭଳି ସମସ୍ୟା ଉପୁଜୁଥିବା ଓ ପ୍ରଶାସନ ତରଫରୁ ପାନୀୟ ଜଳର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଦିନକୁ ଦିନ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି ଡାକ୍ତରୀ ଦଳ କହିଛନ୍ତି। ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଟ୍ୟାଙ୍କର ଯୋଗେ ଟାଙ୍ଗରୀ ପଡ଼ା ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା କରିଛି। ଅନ୍ୟପଟେ ସେଠାରେ ଥିବା ନଳକୂପ ସମେତ ବିଭିନ୍ନ ସ୍ଥାନରୁ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ଉକ୍ତ ଜଳରେ ଇକୋଲିନ ତଥା ହଇଜା ଜୀବାଣୁ ଥିବା ଜଣାପଡ଼ିଛି। ବର୍ତ୍ତମାନ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଥିବା ବେଳେ କିଛି ରୋଗୀ ସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ଆବଶ୍ୟକ ଔଷଧ ପ୍ରଦାନ କରାଯିବା ସହ ସଚେତନ କରାଯାଉଛି। ସ୍ଥିତି ଉପରେ ନଜର ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ ଶ୍ରୀମାନ ସାହୁ ପ୍ରକାଶ କରିଛନ୍ତି। ଶୁକ୍ରବାର ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରଥମେ ଭଟ୍ଟାପାଣି ଉଚ୍ଚ ବିଦ୍ୟାଳୟ ଓ ପରେ ଟାଙ୍ଗରୀପଡ଼ା ପହଞ୍ଚିଥିଲେ। ସେଠାରେ ଅନେକ ଦିଗ ଉପରେ ଅନୁଧ୍ୟାନ କରିଥିଲେ। ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣ ରହିଥିବା ବେଳେ ସମ୍ପୂର୍ଣ୍ଣ ପ୍ରତିହତ କରିବା ପାଇଁ ଡାକ୍ତରୀ ଦଳ ଚେଷ୍ଟା ଜାରି ରଖିଛନ୍ତି। ଏକ ଡାକ୍ତରୀ ଦଳ ଗାଁରେ ଡେରା ପକାଇ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଉଛନ୍ତି ବୋଲି ନୂଆପଡ଼ା ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମଞ୍ଜୁରାଣୀ ସିଂ ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳରେ ଥିବା ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଡା. ତୁଷାର କାନ୍ତ ମେହେର, ଡା. ଶରତ ଚନ୍ଦ୍ର ନାଗ, ଡା. ସୁଶ୍ରୀ ପ୍ରିୟ ଦର୍ଶନୀ ଶତପଥିଙ୍କ ସମେତ ନୂଆପଡ଼ା ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ମଞ୍ଜରାଣୀ ସିଂ, ବିଭାଗୀୟ ଅଣୁଜୀବୀ ବିଶେଷଜ୍ଞ ଅଧିକାରୀ ସୁଚରିତା ସାହୁ, ମହାମାରୀ ବିଶେଷଜ୍ଞ ଜଗତ ବନ୍ଧୁ ମହାପାତ୍ର, ସିନାପାଲି ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରତ୍ନମଣି ଭୁଏ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଶ୍ରୀମାନ ସାହୁ, ସ୍ଥାନୀୟ ସରପଞ୍ଚ ଜଗଦିଶ ମାଝି, ସିନାପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଖୁଟୁରାମ ସୁନାନୀ ଉପସ୍ଥିତ ଥିଲେ।

# ନାବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ

**ଥୁଆମୂଳ ରାମପୁର, ୨୫।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ଗ୍ରାମର ନରେଶ ସାହୁ ନାମକ ଜଣେ ୧୫ ବର୍ଷର ନାବାଳକ ଜଣକ ନିଖୋଜ ଥିବା ଅଭିଯୋଗ ହୋଇଛି। ଗାଁ ନିକଟସ୍ଥ ଧବାଚଞ୍ଚରା ଆଡେ ନରେଶ ବୁଧବାର ବୁଲିବା ପାଇଁ ଯାଇଥିଲେ। ଏହି ସମୟରେ ତେନ୍ତୁଳିପଡ଼ା ଗ୍ରାମର ଜରେ ୧୪ ବର୍ଷର ନାବାଳିକାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଉଭୟେ କଥାବାର୍ତ୍ତା ହେଉଥିବା ସମୟରେ ନାବାଳକାଙ୍କ ମାଆ ପହଞ୍ଚି ଗାଲିଗୁଲଜ କରିବା ସହ ମାଡ଼ ମାରିଥିବା ପୁଅର ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବୁଧବାର ଅପରାହ୍ନ ୩ ଟାରେ ଏହି ଘୋଟଣା ଘଟିଥିବା ବେଳେ ଆଜିକୁ ପ୍ରାୟ ୩ ଦିନ ବିତିଗଲାଣି ପୁଅର ପତ୍ତା ମିଳୁନି। ଏଥିଯୋଗୁଁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କଲାପରେ ବି ପତ୍ତା ମିଳୁନାହିଁ। ଏନେଇ ନାବାଳକଙ୍କ ମାଆ ସୁନି ସାହୁ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ନାବାଳକ ଜଣକ କୁଆଡେ ଗଲେ, ସେ କେଉଁ ଭଳି ପରିସ୍ଥିତିରେ ଅଛନ୍ତି ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ତାଙ୍କ ମୋବାଇଲ ଫୋନ୍ ଲାଗୁନି। ଯଦି ନରେଶଙ୍କ କୌଣସି କ୍ଷତିହୁଏ ତାହାହେଲେ ସମ୍ପୃକ୍ତ ଝିଅର ମାଆବାପା ହିଁ ଦାୟୀ ରହିବେ ବୋଲି ନରେଶଙ୍କ ମାଆ କହିଛନ୍ତି।





# ହାଇସ୍କୁଲ ପଡ଼ିଆରେ ବନ ମହୋତ୍ସବ

**କୋମନା, ୨୫।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ସ୍ଥିତ ଜିତାମିତ୍ର ହାଇସ୍କୁଲ ପଡ଼ିଆରେ କୋମନା ବନ ବିଭାଗର ତତ୍ତ୍ୱାବଧାନରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କଳାହାଣ୍ଡି ସଂସଦ ବସନ୍ତ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ସମାଜସେବୀ ସଦନ ତିୱାରୀ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମେହେର, ବିଜେପି କାର୍ଯ୍ୟକର୍ତ୍ତା ତୁଳସ ପଟେଲ, ଘନଶ୍ୟାମ କରୁଆଁ, ଜୟଗୋପାଲ ପଣ୍ଡା, ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ହାଇସ୍କୁଲ ପଡ଼ିଆର ଚାରିଆଡେ ଅତିଥିମାନେ ବିଭିନ୍ନ ଚାରା ରୋପଣ କରିଥିଲେ। କୋମନା ବନ ବିଭାଗ ରେଞ୍ଜର ଦେବଦତ୍ତ ସୂତାର ସଭା ପରିଚାଳନା କରିଥିଲେ।

# ଓଡ଼ିଆ ବିଭାଗର ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫।୭ (ସମିସ):** ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କଥାଶିଳ୍ପୀ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ଯଶୋଧାରା ମିଶ୍ର ନିମନ୍ତ୍ରିତ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଗୁଣନିଧି ନାଏକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ବାଲ୍ମୀକି କରୁଆଁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ସଭା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡୋଳାମଣି ଧରୁଆ, ସୁବ୍ରତ ମାଝୀ, ଅଧ୍ୟାପିକା ରେଣୁକା ଡାକୁଆ ତଥା ବିଭାଗର ଗବେଷକ, ଗବେଷିକା, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଚାରା ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା

**କଣ୍ଟାବାଞ୍ଜି/ମୁରିବାହାଲ, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ବିଭିନ୍ନ ଜନ ହିତକର କାର୍ଯ୍ୟ କରି ଆସୁଥିବା ବିକାଶ ମଞ୍ଚ ଦ୍ୱାରା ମଞ୍ଚ ସମ୍ପାଦକ ଅମରେଶ ମାଝୀଙ୍କ ତତ୍ତ୍ୱାବଧାନରେ ତଥା ସଭାପତି ଫାଲଗୁନି ହାତୀଙ୍କ ନିର୍ଦ୍ଦେଶ କ୍ରମେ ବିକାଶ ମଞ୍ଚ କାର୍ଯ୍ୟାଳୟ ପରିସର ରେ ଗଛ ଲଗାଇ ପରିବେଶ ସୁରକ୍ଷା ର ବାର୍ତ୍ତା ଦେଲେ ମୁରିବାହାଲ ବ୍ଲକ ବିକାଶ ମଞ୍ଚର କର୍ମକର୍ତ୍ତା। କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ର କାର୍ଯ୍ୟକାରୀ ସମ୍ପାଦକ ଥବିର ସା, ସମ୍ପାଦକ ଅମରେଶ ମାଝୀ, କୋଷାଧକ୍ଷ ହରିଦାସ ତାଣ୍ଡି, ଉପ ସଭାପତି ଅଶୋକ ପ୍ରଧାନ, ବଜରଙ୍ଗ ଶାଣ୍ଟ, ରବି ବାଗ, ସୁଶୀଲ ବାଗ, ବନ ବିଭାଗ ପକ୍ଷରୁ ଫରେଷ୍ଟ ଗାଡ଼ ଅଜିତ ବେହେରା, କୁବେର ଠେଲା, ଲିଙ୍ଗେଶ୍ୱର ମହାନନ୍ଦ, କୁବେର ମାଝୀ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ବଲାଙ୍ଗିର, ୨୫।୭ (ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅତିରିକ୍ତ ଜି ଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷ୍ୟତା ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ କୁମାର ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଏଡିଇଓ ରିନା କୁମାରୀ ବେହେରା, ଏସଡିଓ ଜନସ୍ୱାସ୍ଥ୍ୟ ବିଭାଗ ଇଂ ରାଜେଶ କୁମାର ବେହେରା, ଅତିରିକ୍ତ ପରିବହନ ଅଧିକାରୀ କିଶୋର କୁମାର ଦେ, ଏସଡିପିଓ ସରୋଜ କୁମାର ଉପଧ୍ୟାୟ, ଆରଆଇ, ପୋଲିସ ପ୍ରଦୀପ୍ତ କୁମାର ଦେବତା, ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ରଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିବା ଲାଗି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ ଘଟିକା ସମୟରେ ରାମଧୁନ, ସକାଳ ୬ ରୁ୭ ଘଟିକା ମଧ୍ୟରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି, ସକାଳ ଘ.୭.୦୦ମି ରୁ ଘ.୮.୦୦ମି ମଧ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ଘ.୭.୩୦ମିରୁ ଘ.୭.୪୫ମି ମଧ୍ୟରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଏବଂ ସକାଳ ଘ.୦୯.୧୫ମି ସମୟରେ ମନୋହରପୁର ରିଜର୍ଭ ପୁଲିସ ପଡ଼ିଆରେ ଆନୁଷ୍ଠାନିକ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଦିବସର ମୁଖ୍ୟ ଅତିଥି ସକାଳ ଘ.୦୯.୧୫ମି ସମୟରେ ଆନୁଷ୍ଠାନିକ ଉତ୍ସବ ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିବେ। ସମ୍ମିଳିତ ପ୍ୟାରେଡ ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ, ଗୃହ ରକ୍ଷୀ ବାହିନୀ, ପୁଲିସ କଲର ପାର୍ଟିଙ୍କ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଏନସିସି, ସ୍କାଉଟ, ଗାଇଡ୍, ରେଡ୍‌କ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ। ଅପରାହ୍ନ ୪ଟାରେ ସ୍ଥାନୀୟ ମିଶନ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏକାଦଶ ବନାମ ଜିଲ୍ଲା ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ବୈଠକ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ମୁନା, କେଶବ ବାଗ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ।



# କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ମ.ରାମପୁର, ୨୫।୭(ସମିସ):** ବାଲେଶ୍ୱର ଏଫ୍ ଏମ୍ କଲେଜର ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ମ.ରାମପୁରରେ କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହେଇଯାଇଛି। ନାରାୟଣ ପ୍ରସାଦ ଅଗ୍ରୱାଲ(ଟିମ୍ପୁ) ଙ୍କ ନେତୃତ୍ୱରେ ବାବୁଲାଲ୍ ନାଏକ, ଦିଲୀପ ମହାଖୁଡ଼, ହେମନ୍ତ ନାଏକ, କିଶୋର ମହାନନ୍ଦ, ଯଶୋଦା ନାଗ, ଯତିନ ସାହୁ, ଜଗୁ ସାହୁ, ଖଗେଶ୍ୱର ଧରୁଆ ପ୍ରମୁଖ ସଔମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଜିଲ୍ଲା ଜର୍ଜ କୋର୍ଟରେ ସ୍ୱାଗତ ସମାରୋହ

**ଭବାନୀପାଟଣା, ୨୫।୭(ସମିସ):** ନିଖିଳ ଉତ୍କଳ ନ୍ୟାୟିକ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲା ଜର୍ଜ କୋର୍ଟ ପରିସରରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ୨୦୨୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ନ୍ୟାୟାଳୟରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ ତଥା ନିଖିଳ ଉତ୍କଳ ନ୍ୟାୟିକ କର୍ମଚାରୀ ସଙ୍ଘ, ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ଆୟୋଜକ ସଭାପତି କୌଶିକ ମାଝୀ, ଉପସଭାପତି ଲମ୍ବୋଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ

**ଭବାନୀପାଟଣା, ୨୫।୭(ସମିସ):** ସ୍ଥାନୀୟ ଅମଳା ଭବନରେ ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜୟ ନାରାୟଣ ବାବୁ, ବିରଞ୍ଚି ନାରାୟଣ ପଣ୍ଡା, ବିଶ୍ୱ ରଞ୍ଜନ ସାହା, ଡୋଳାମଣି ସାହୁ, ଲୋଚନ ସାହୁ, ତପସ୍ୱିନୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବନୀ ପାଢ଼ୀ, ବିମଳା ଗଉଡ, ସୁରେନ୍ଦ୍ର ମୋହନ କର, ଭବାନୀ ଶଙ୍କର ରାଉତ, ଝରଣା ସାହୁ ଓ ନଳିନୀ ବାଗଙ୍କୁ ସମ୍ମାନିତ କରାଯାଇଥିଲା। ନବୀନ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦନ୍ତୀ ମହୋତ୍ସବ ମଞ୍ଚ ନିର୍ମାଣରେ ଅନିୟମିତତା

**ସିନାପାଲି, ୨୫।୭(ସମିସ)**



ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ଉଦନ୍ତୀ ମହୋତ୍ସବ ପାଇଁ ସ୍ଥାୟୀ ମଞ୍ଚ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଐତିହ୍ୟ ସଂସ୍କୃତି ପରମ୍ପରାକୁ ନେଇ ପ୍ରତିବର୍ଷ ଉଦନ୍ତୀ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ମହୋତ୍ସବ ପାଇଁ ଅଞ୍ଚଳର ଜନସାଧାରଣଙ୍କ ସାମୁହିକ ସ୍ୱାର୍ଥ ରକ୍ଷା ପାଇଁ ଏକ ବଳିଷ୍ଠ ମଞ୍ଚ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଲୋକଙ୍କ ଦାବିକୁ ନେଇ ରାଜ୍ୟସଭା ସାଂସଦଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ମଞ୍ଚ ନିର୍ମାଣ କାର୍ଯ୍ୟ ସିନାପାଲି ଧାନ ମଣ୍ଡି ନିକଟରେ କରାଯାଇଥିଲା। ହେଲେ ନିର୍ମାଣର କିଛି ମାସ ନ ପୁରୁଣୁ ତାହା ଭାଙ୍ଗି ଦଦରା ଅବସ୍ଥାରେ ରହିଛି। ଯାହାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଜନସାଧାରଣ ଓ ସିନାପାଲିସଦର ସମିତି ସଭ୍ୟ ମନୀଷ ପଟେଲ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରୀ ନୀତି ନିୟମକୁ ଉପେକ୍ଷା କରି ଆବଶ୍ୟକ ମୁତାବକ ସାମଗ୍ରୀ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇନାହିଁ। ଆରମ୍ଭରୁ ବିରାଟ ଫାଟ ସୃଷ୍ଟି ହୋଇ ମଞ୍ଚ ଭାଙ୍ଗିବାରେ ଲାଗିଛି। ଯାହା

**ନିମ୍ନମାନର କାର୍ଯ୍ୟର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର**

କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଏହାର ତଦନ୍ତ କରି ଦୋଷୀଙ୍କ ବରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା




**ବୌଦ୍ଧ, ୨୫।୭(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, କନ୍ଧମାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ବାଲିଗୁଡା ଉପଜିଲ୍ଲାପାଳ ଡ. ରୀନା ପ୍ରଧାନ, ବୌଦ୍ଧ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ବିଡିଓ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଚୀନାଙ୍କୁ ଭିସା

ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପୂର୍ବରୁ ଚୀନ ସହ ଗତ ୫ ବର୍ଷ ଧରି ଥିବା ତିକ୍ତ ସଂପର୍କକୁ ସହଜ ଓ ସାବଲୀଳ କରିବା ପାଇଁ ଭାରତ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ପଦପେକ୍ଷ ସ୍ୱରୂପ ଜୁଲାଇ ୨୪ରୁ ଚୀନ ନାଗରିକଙ୍କୁ ପର୍ଯ୍ୟଟନ ଭିସା ଦେବା ସକାଶେ ରାଜି ହୋଇଛି ଭାରତ। ଏହା ଫଳରେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସଂପର୍କ ଓ ସହଯୋଗ ପ୍ରତିଷ୍ଠା ହୋଇପାରିବ। ଗଲୱାନ ଉତ୍ତେଜନା ଓ କୋଭିଡ ମହାମାରୀ ପ୍ରେକ୍ଷାପଟରେ ଏହି ସଂପର୍କ ଏକପ୍ରକାର ତୁଟି ଯାଇଥିଲା। ନିକଟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବେଜିଂ ଗସ୍ତରେ ଯାଇ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ କରିଥିବା ଆଲୋଚନା ଏ ଦିଗରେ ପଥ ପରିଷ୍କାର କରିଛି। ଦ୍ୱିପାକ୍ଷିକ ସଂପର୍କର ଭିତ୍ତିଭୂମି ଗତ ଅକ୍ଟୋବରରେ ଜିନପିଙ୍ଗ ଓ ମୋଦୀଙ୍କ ମସ୍କୋ ବୈଠକରେ ପଡ଼ିଥିଲେ ମଧ୍ୟ 'ଅପରେସନ ସିନ୍ଦୂର'ରେ ଚୀନର ଭୂମିକା କ୍ଷେତ୍ରପ୍ରସ୍ତୁତିରେ ବାଧକ ସାଜିଥିଲା। ତେବେ ପରିବର୍ତ୍ତିତ କୂଟନୈତିକ ଦୃଶ୍ୟପଟ ଦୁଇପକ୍ଷଙ୍କୁ ପୁନର୍ବିଚାର କରିବାର ସୁଯୋଗ ଆଣିଦେଇଛି। ଏଥିସହ କୈଳାସ ମାନସରୋବର ଯାତ୍ରା ସକାଶେ ମଧ୍ୟ ପଥ ପରିଷ୍କାର ହୋଇଛି।

ଏକଥା ସତ ଯେ ସୋଭିଏତ ରୁଷ ବିଭାଜନ ପରେ ଆମେରିକାର ପ୍ରତିପତ୍ତି ଓ ପଇଁତରା ବଢ଼ିଛି। ପୂର୍ବ ୟୁରୋପର କମ୍ୟୁନିଷ୍ଟ ଦୁର୍ଗର ପତନ ଘଟିଛି। ଅଧିକାଂଶ ବିଭାଜିତ ରାଷ୍ଟ୍ର ନାଟୋ ମେଣ୍ଟରେ ଅଂଶୀଦାର ହୋଇଛନ୍ତି, ଯାହାର ପରିଣତି ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ। ରୁଷର ଦୁର୍ବଳ ଅର୍ଥନୀତି ପୁତିନଙ୍କ ନେତୃତ୍ୱରେ ସବଳ ହୋଇଛି। ସର୍ବଶକ୍ତିମାନ ଆମେରିକା ପାଇଁ ଆହ୍ୱାନ ସୃଷ୍ଟି କରିପାରି ନଥିଲେ ମଧ୍ୟ ରୁଷ ନିଜର ସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି। ଆମେରିକାରେ ଟ୍ରମ୍ପଙ୍କ ପରିବର୍ତ୍ତିତ ନେତୃତ୍ୱ ନିଜର ବାଣିଜ୍ୟ ନୀତି ମାଧ୍ୟମରେ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିକଳ୍ପ କ୍ଷମତା କେନ୍ଦ୍ରର ଆବଶ୍ୟକତା ରହିଛି। ଏସବୁ ସତ୍ତ୍ୱେ ଚୀନର ମୁକାବିଲାମୂଳକ ଆଭିମୁଖ୍ୟ ନିକଟରେ ଆମେରିକା ନିଜ ବଜାରର ଚାହିଦା ଦୃଷ୍ଟିରୁ କେତେକାଂଶରେ ସାଲିସ କରିବାକୁ ବାଧ୍ୟ ହୋଇଛି। ଆମେରିକା ପଛକୁ ଚୀନ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହୋଇଥିଲେ ହେଁ ନିଜର ବାଣିଜ୍ୟକ ସ୍ୱାର୍ଥରକ୍ଷା ପାଇଁ ମାର୍କିନ ବଜାର ଉପରେ ନିର୍ଭରଶୀଳତାକୁ ଅଣଦେଖା କରିପାରିବ ନାହିଁ। ଉଭୟ ସାମରିକ ଓ ବୈଷୟିକ ଜ୍ଞାନକୌଶଳ ହାସଲ କରିବାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଚୀନ ଯେ ଅନ୍ୟତମ ଶକ୍ତି ଏକଥା ସ୍ୱୀକାର କରିବାକୁ ହେବ। ରୁଷ ଓ ଚୀନ ସଂପର୍କ ଆମେରିକା ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ପୁତିନଙ୍କ ପକ୍ଷରୁ ରୁଷ-ଭାରତ-ଚୀନ (ଆରଆଇସି) ସଂପର୍କ ଓ ସହଯୋଗ ପ୍ରତିଷ୍ଠା ସକାଶେ ଆରମ୍ଭ ହୋଇଥିବା ଉଦ୍ୟମରେ ଚୀନର ବିସ୍ତାରବାଦୀ ଆଭିମୁଖ୍ୟ ବାଧକ ସାଜିଛି। ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ଚୀନ ମଧ୍ୟରେ ଆରମ୍ଭ ହୋଇଥିବା ଭିସା ରାଜନୀତି ସ୍ୱାଭାବିକ ସଂପର୍କ ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

ଚୀନ ପଞ୍ଚମଥର ପାଇଁ ସଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ଆୟୋଜନ କରୁଛି। ୯ଟି ରାଷ୍ଟ୍ରକୁ ନେଇ ଗଠିତ ଏହି ସଂଗଠନରେ ରୁଷ, ଚୀନ, ଭାରତ, ପାକିସ୍ତାନ ଓ ଇରାନ ସଦସ୍ୟ ଥିବାରୁ ଏହାର ସ୍ୱତନ୍ତ୍ର କୂଟନୈତିକ ଗୁରୁତ୍ୱ ରହିଛି। ଆମେରିକାର ରୁଷ ଓ ଇରାନ୍ ବିରୋଧୀ ଆଭିମୁଖ୍ୟକୁ ଆହ୍ୱାନ ଦେଲା ଭଳି ଯଦି କୌଣସି ନିଷ୍ପତ୍ତି ସମ୍ମିଳନୀରେ ଗ୍ରହଣ କରାଯାଏ ତେବେ ଟ୍ରମ୍ପ ବ୍ରିକ୍ସ ଘୋଷଣାନାମା ଭଳି ଏକ୍ଷେତ୍ରରେ ବିଷୋଦ୍‌ଗାର କରିବା ଏକ ପ୍ରକାର ନିଶ୍ଚିତ। ଆମେରିକା ସହ ୟୁରୋପୀୟ ରାଷ୍ଟ୍ରସଂଘ ରୁଷ ସହ ବାଣିଜ୍ୟିକ ସଂପର୍କ ରକ୍ଷା ନ କରିବା ସକାଶେ ଯେଉଁ ଚେତାବନୀ ଦେଇଛି ତାହା ବିରୋଧରେ ଭାରତ ଓ ବ୍ରାଜିଲ ସ୍ପଷ୍ଟ ମତ ରଖିଛନ୍ତି। ଯେତେଦୂର ମନେ ହୁଏ ସଂଘାଇ ସହଯୋଗ ସମ୍ମିଳନୀରେ ସେନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇପାରେ। ଦକ୍ଷିଣ ଏସିଆରେ ଭାରତ ନିଜର ଶକ୍ତି ଓ ସାମର୍ଥ୍ୟ 'ଅପରେସନ ସିନ୍ଦୂର' ମାଧ୍ୟମରେ ପ୍ରଦର୍ଶନ କରିସାରିଛି। ତେଣୁ ଏଭଳି ଏକ ମହାମେଣ୍ଟ ସଂରଚନା ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ସେଥିରେ ଟ୍ରମ୍ପ ଭାରତ ବିରୋଧୀ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ ହେବେ। ପାକିସ୍ତାନକୁ ଯୁଦ୍ଧ ବେଳେ ତୁର୍କୀ ଓ ଚୀନ ଉଭୟ ସହାୟତା ଦେଇଥିଲେ ମଧ୍ୟ ଭାରତ ନିଜର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ବେଜିଂ ସଂପୃକ୍ତି ନେଇ ନିରବ ରହିଛି।

ଗଲୱାନ ଉତ୍ତେଜନା ପରେ ପରେ ଏଲଏସିକୁ ନେଇ ବୁଝାମଣା ଓ ସୈନ୍ୟ ପ୍ରତ୍ୟାହାର ପରେ ଭାରତ ଓ ଚୀନ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲେ ହେଁ ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ବାଂଲାଦେଶ ସହ ବେଜିଂର ଆଭିମୁଖ୍ୟ ସଦ୍ଭାବନା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଚୀନ ଏଥିମଧ୍ୟରେ ବିଶ୍ୱର ସର୍ବବୃହତ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଭାରତ ଓ ଭୂଟାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ବ୍ରହ୍ମପୁତ୍ର ନଦୀରେ ନିର୍ମାଣାଧୀନ ଏହି ନଦୀବନ୍ଧ ଯୋଜନା ମାଧ୍ୟମରେ ଚୀନ ନିଜ ଦେଶର ୩୦ ଟି ସହରକୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଶକ୍ତି ଯୋଗାଇବାକୁ ସମର୍ଥ ହେବ। ବ୍ରହ୍ମପୁତ୍ରର ଉପରମୁଣ୍ଡରେ ନଦୀଜଳକୁ ନିୟନ୍ତ୍ରଣ କରାଗଲେ ତଳମୁଣ୍ଡରେ ଜଳ ସଂକଟ ସୃଷ୍ଟି ହେବା ଏକ ପ୍ରକାର ନିଶ୍ଚିତ। ଭାରତର ଉତ୍ତର ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟବାସୀଙ୍କ ବ୍ରହ୍ମପୁତ୍ର ନଦୀଜଳ ଉପରେ ନିର୍ଭରଶୀଳତାକୁ ବିଚାର କଲେ ଚୀନ ଯେ ଆଗାମୀ ଦିନରେ ଏହାକୁ ଜଳବୋମା ରୂପେ ପ୍ରୟୋଗ ନ କରିବ ଏକଥା କିଏ କହିବ। ଭାରତର ଆପତ୍ତି ଓ ଚୀନର ପ୍ରତିଶ୍ରୁତି ଶେଷକଥା ନୁହେଁ। ୧୬୦ ବିଲିୟନ ଡଲାର ବ୍ୟୟରେ ନିର୍ମାଣାଧୀନ ଏହି ଜଳ ପ୍ରକଳ୍ପର ଭବିଷ୍ୟତ ନେଇ ଚିନ୍ତା କଲେ ଆମେ ଯେଉଁ ସଂପର୍କର ସେତୁ ବାନ୍ଧୁଛେ ତାହାର ସୀମିତତା ବାରି ହୋଇପଡୁଛି।

ଚୀନ ଭାଇ ଭାଇ ସଂପର୍କ ୧୯୬୨ ଆକ୍ରମଣରେ ଭୁଶୁଡ଼ି ପଡ଼ିଥିଲା। ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଦୀର୍ଘ ବର୍ଷ ଧରି ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନଥିଲା। ନବେ ଦଶକରେ ଏହି ତିକ୍ତତା ଦୂର ହେବା ସହ ବାଣିଜ୍ୟିକ ସଂପର୍କ ମଧ୍ୟ ସୁଦୃଢ଼ ହୋଇଥିଲା। ଏସବୁ ସତ୍ତ୍ୱେ ଭାରତର ପ୍ରଗତି ଓ ସମୃଦ୍ଧି ଚୀନ ପାଇଁ ଅସହଣୀୟ। ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଆମେ ଚୀନର ପ୍ରତିଦ୍ୱନ୍ଦ୍ୱୀ ହୋଇନଥିଲେ ମଧ୍ୟ ବିଶ୍ୱର ଚତୁର୍ଥ ଅର୍ଥନୀତି ଭାବେ ଦକ୍ଷିଣ ଏସିଆରେ ଭାରତର ଯେ ପତିଆରା ଓ ପଇଁତରା ରହିଛି ତାହାକୁ ଅସ୍ୱୀକାର କରିହେବନି। ତେଣୁ ଯୋଜନାବଦ୍ଧ ଭାବେ ଆମର ପଡ଼ୋଶୀ ରାଷ୍ଟ୍ରଙ୍କୁ କୁଟିଳ କୂଟନୀତି ପ୍ରୟୋଗ କରି କରାୟତ୍ତ କରିରଖିଛି ଚୀନ। ଭାରତକୁ ସଂପର୍କ ଯୋଡ଼ିଲା ବେଳେ ହାତେ ମାପି ଚାଖଣ୍ଡେ ଚାଲିଲା ଭଳି ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ।

# ତୋତେ ହିଁ ତୁହି ରକ୍ଷା କର

ପ୍ରହଲାଦ କୁମାର ସିଂହ

ଯେଉଁଠି ନାରୀମାନଙ୍କ ପୂଜା କରାଯାଏ ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି ବୋଲି ଆମ ଶାସ୍ତ୍ରପୁରାଣରେ ଉଲ୍ଲେଖ ରହିଛି। ଏବେ ଆମ ରାଜ୍ୟ ଓ ଦେଶରେ ନାରୀମାନଙ୍କ ପ୍ରତି ଯେଭଳି ଅପରାଧ ବଢ଼ି ଚାଲିଛି ଏବଂ ଘରେ ଓ ବାହାରେ କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କାମାନେ ଅସୁରକ୍ଷିତ ହୋଇ ପଡୁଛନ୍ତି ଦେବଲୀଳା ଭୂମି ଆମ ରାଜ୍ୟ ଓ ଦେଶ ଏକପ୍ରକାର ଈଶ୍ୱରଙ୍କ ପରିତ୍ୟକ୍ତ ଅଞ୍ଚଳରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ ଓ ମନ୍ଦୋଦରୀଙ୍କ ଭଳି ପଞ୍ଚକନ୍ୟାଙ୍କ ନାମ ପ୍ରତିଦିନ ସ୍ମରଣ କଲେ ମହାପାତକ ନାଶ ହୁଏ ବୋଲି ଶାସ୍ତ୍ର କହୁଛି। ତେବେ ଆମ ରାଜ୍ୟ ଓ ଦେଶରେ ଲକ୍ଷଲକ୍ଷ କନ୍ୟା ନିର୍ଯାତନାର ଶିକାର ହେବା ସହ ନ୍ୟାୟ ନପାଇ ପ୍ରାଣ ବିସର୍ଜନ କରୁଥିବା ବେଳେ ଆମ ଉପରେ କେତେ ଯେ ପାପ ଲଦି ହୋଇଯାଉଥିବ ତାହା ମାପିବ କିଏ?

ମା'ଦୁର୍ଗା, କାଳୀ, ପାର୍ବତୀ ଆଦି ମହାଶକ୍ତିମାନେ ବହୁ ପରାକ୍ରମଶାଳୀ ରାକ୍ଷସମାନଙ୍କ ନିପାତ କରି ସୃଷ୍ଟିର ସୁରକ୍ଷା କରିଥିବା ପୁରାଣର କଥାବସ୍ତୁ। ଘରେଘରେ ପାଳନ କରାଯାଉଥିବା ମାଣବସା ବେଳେ ବୋଲାଯାଉଥିବା ମହାଲକ୍ଷ୍ମୀଙ୍କ ପୁରାଣ ଏକଥା କୁହେ ଯେ ମଣିଷ ହେଉ କି ଦେବତା, ଯିଏ ବି ନାରୀର ଅସମ୍ମାନ କରେ ସେମାନେ କଠୋର ଦଣ୍ଡରେ ଦଣ୍ଡିତ ହୁଅନ୍ତି। ନାରୀମାନଙ୍କ ନିରାପତ୍ତା ଲାଗି ଆମ ଆଇନ୍‌ରେ ବହୁ ବ୍ୟବସ୍ଥା ରହିଛି। ଭାରତୀୟ ପିଙ୍ଗଳ କୋଡ୍, ଭାରତୀୟ ନ୍ୟାୟ ସଂହିତା, ପୋସ୍, ପକ୍‌ସୋ ଆଦି ମାଳମାଳ ଆଇନ୍‌ରେ ନିର୍ଯାତିତା ନାରୀଙ୍କୁ ନ୍ୟାୟ ଦେବା ସହ ଏହାର ନିରାକରଣ ପାଇଁ ବି ଅନେକ କଥା କୁହାଯାଇଛି। କିନ୍ତୁ ବାସ୍ତବ ଚିତ୍ର ହେଉଛି ସତେଯେମିତି ଆମ କଠୋର ଆଇନ୍ କାନୁନ୍‌କୁ ଅପରାଧୀମାନେ ଖାତିର କରୁନାହାନ୍ତି। ଫଳରେ ବର୍ଷକୁ ବର୍ଷ ମହିଳାଙ୍କ ପ୍ରତି ଅପରାଧିକ ମାମଲା ସଂଖ୍ୟା ବଢ଼ିବଢ଼ି ଚାଲିଥିବା ବେଳେ ଏ କ୍ଷେତ୍ରରେ ମାମଲା ଫଇସଲା ଓ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି।

ନିକଟରେ ଯୁକ୍ତରାଷ୍ଟ୍ର ଆମେରିକା ତାହାର ଅଧିବାସୀମାନଙ୍କ ପାଇଁ ଭାରତ ସଂକ୍ରାନ୍ତରେ ଯେଉଁ ମାର୍ଗନିର୍ଦ୍ଦେଶିକା ଜାରି କରିଛି ତାହା ଯେକୌଣସି ଦାୟିତ୍ୱସଂପନ୍ନ ଭାରତୀୟଙ୍କୁ ଲଜ୍ଜିତ କରିବ। ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କ ପ୍ରତି ବଳାତ୍କାର ସମେତ ବିଭିନ୍ନ ହିଂସା ଘଟୁଥିବା ଏବଂ ଅନ୍ୟାନ୍ୟ ଅପରାଧ ବଢୁଥିବାର ଉଦାହରଣ ଦେଇ ଏସବୁ ଅଞ୍ଚଳକୁ ଆମେରିକୀୟମାନେ ଆସିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ଆମ ସଂସ୍କୃତି, ସ୍ୱାଭିମାନ, ଅସ୍ମିତା ଓ ବ୍ୟବସ୍ଥା ଆଦି ପାଇଁ ଆହ୍ୱାନ ନିଶ୍ଚୟ।

ଏବେ ବାଲେଶ୍ୱରର ଫକୀର ମୋହନ କଲେଜ୍ ଛାତ୍ରୀ ଆତ୍ମାହୁତିଠାରୁ ବଲାଙ୍ଗୀର ନାବାଳିକାଙ୍କୁ ଦିନବେଳା ରାସ୍ତାଘାଟରେ ପୋଡ଼ି ମାରିବାକୁ ଉଦ୍ୟମ କରାଯିବା ଘଟଣା ଘେନି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ବଳାତ୍କାର ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଏବଂ ଅନୁଗୁଳ ଜିଲ୍ଲା ବିଜେପି ସଂପାଦକଙ୍କୁ ଦଳ ନିଲମ୍ବନ କରିଛି। ବ୍ରହ୍ମପୁର ସହରରେ ଦିବଙ୍ଗତ ପ୍ରଧାନମନ୍ତ୍ରୀଙ୍କ ନାମରେ ଏକ କ୍ଲିନିକ ଖୋଲିଥିବା ଜଣେ ନକଲି ଡାକ୍ତର ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି। ବାଲେଶ୍ୱର ଘଟଣାରେ କଲେଜ୍‌ର ଅଧ୍ୟକ୍ଷ ଓ ଜଣେ ଅଧ୍ୟାପକ ନିଲମ୍ବିତ ହେବା ସହ ଏବେ ଜେଲ୍‌ରେ ଅଛନ୍ତି। ଏପରି ଅଘଟଣର ତାଲିକା ବେଶ୍ ଲମ୍ବା। ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ଏଭଳି ଦୁଃସମ୍ବାଦମାନ ପ୍ରକାଶ ପାଉଛି।

ସ୍ୱାଧୀନତା ସଂଗ୍ରାମ ବେଳେ କୁହାଯାଉଥିଲା ଯେ ସ୍ୱାଧୀନ ଭାରତର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏତେ ମାର୍ଜିତ ହେବ ଏବଂ ଆମ ଦେଶର ଲୋକେ ଏତେ ସୁଶୃଙ୍ଖଳ ହେବେ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରିଆସିପାରିବ। କେନ୍ଦ୍ର ସରକାରଙ୍କ ରିପୋର୍ଟ ମୁତାବକ ପ୍ରତି ତିନି ଜଣରେ ଦୁଇଜଣ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଏମିତିକି ନିକଟରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଝିଅ ନିରାପତ୍ତା ରକ୍ଷୀମାନଙ୍କ ଉପସ୍ଥିତିରେ ଅସାମାଜିକ ବ୍ୟକ୍ତିଙ୍କ ଅସୌଜନ୍ୟ ଆଚରଣର ଶିକାର ହେବା ଘଟଣାରେ ନିଜେ କେନ୍ଦ୍ରମନ୍ତ୍ରୀ ରକ୍ଷା ଖଡ଼ସେ ମହାରାଷ୍ଟ୍ର ପୁଲିସ ନିକଟରେ ଅଭିଯୋଗ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ହିମାନୀ ନରୱାଲ୍ ନାମ୍ନୀ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତ ଶରୀର ବାକ୍ସ ଭିତରୁ ହରିଆନାର ଏକ ବସ୍‌ଷ୍ଟାଣ୍ଡ ନିକଟରୁ ମିଳିଛି। କିଛିବର୍ଷ ତଳେ ନୈନା ସାହାଣୀ ନାମ୍ନୀ ଜଣେ ଯୁବନେତ୍ରୀଙ୍କୁ ଖଣ୍ଡଖଣ୍ଡ କରି କାଟି ଦିଲ୍ଲୀର ଏକ ତନ୍ଦୁରୀ ଚୁଲିରେ ପୋଡ଼ି ଦିଆଯାଇଥିଲା। ସେହିଭଳି ଦିଲ୍ଲୀର ନିର୍ଭୟାରୁ କଲିକତାର ଅଭୟା ହତ୍ୟା ଘଟଣା ଏବେ ବି ଜନମାନସରେ ରହିଛି। ଗତ ଯୁକ୍ତଦୁଇ ପରୀକ୍ଷା ସମୟରେ ପଟ୍ଟାମୁଣ୍ଡାଇର ଜଣେ ବାଣିଜ୍ୟ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯିବାରୁ ସେ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଏବଂ ନିଜ ଝିଅକୁ ବଳାତ୍କାର କରି ଜେଲ୍ ଦଣ୍ଡ ଭୋଗୁଥିବା ବାଣପୁର ଅଞ୍ଚଳର ଅପରାଧୀ ପିତାଙ୍କ କଳା କାହାଣୀ ଆମ ସମସ୍ତଙ୍କ ମୁହଁରେ କାଳିମା ବୋଳି ଦେଇଛି।

୧୯୯୦ ଦଶକରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ଯୁବକ ମଦ ନିଶାରେ ନିଜର ନାବାଳିକା ଝିଆରୀକୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଖୁଣ୍ଟରେ ଝୁଲିଥିଲା। ତା'ପରଠାରୁ ଆଉ କାହାକୁ ଫାଶୀ ଦିଆଯାଇନାହିଁ। ଏହାପରେ ସମ୍ବଲପୁର, ଝାରସୁଗୁଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ତିନୋଟି ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଦୌରା ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ସେମାନେ ଉପର ଅଦାଲତରେ ଖସିଯାଇଛନ୍ତି। ଆମ ରାଜ୍ୟରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଏବଂ ମହିଳା କର୍ମଚାରୀ କିମ୍ବା ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯିବା ସଂକ୍ରାନ୍ତୀୟ ଯେତେ ଅଭିଯୋଗ ଦରଜ ହେଉଛି ତାହାର ଢେର ଅଧିକ ଗୁଣ ମାମଲା କିନ୍ତୁ ଲୋକଲଜ୍ଜା ଏବଂ ଅନ୍ୟାନ୍ୟ କାରଣରୁ ଚାପି ହୋଇ ରହିଯାଉଛି।

ଏ ସମସ୍ୟାର ସମାଧାନ ପାଇଁ ୧୯୯୭ରେ ସୁପ୍ରିମକୋର୍ଟ 'ବିଶାଖା ମାମଲା'ରେ ଦେଇଥିବା ମାର୍ଗ ନିର୍ଦ୍ଦେଶିକା ଆଧାରରେ ଆଭ୍ୟନ୍ତରୀଣ ତଦନ୍ତ କମିଟି ପ୍ରତି ସଂସ୍ଥାରେ ରହିବା ଦରକାର। ପୋସ୍ ଆଇନ୍‌ରେ ବି ବ୍ୟବସ୍ଥା ରହିଛି। ରାଜ୍ୟ ସରକାରୀ କର୍ମଚାରୀ ଆଚରଣ ବିଧିରେ ମଧ୍ୟ ଏହାକୁ ବିଶୃଙ୍ଖଳା ଭାବେ ଗଣନା କରାଯାଏ। କିନ୍ତୁ ଏତେସବୁ ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ସଂଖ୍ୟାଧିକ କ୍ଷେତ୍ରରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନହେବା ଏବଂ ଆଇନଗତ ପନ୍ଥାକୁ ମୋଡ଼ିମକଚି ଦିଆଯିବା ଫଳରେ ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ ସମେତ ଅନ୍ୟ ବହୁ ସାଙ୍ଘାତିକ ଘଟଣା ଘଟୁଛି। ନିଶା ସମସ୍ତ ଦୁଷ୍କୃତିର ଜନନୀ ବୋଲି କୁହାଯାଉଥିବା ବେଳେ ଏହାର ନିବାରଣ ପରିବର୍ତ୍ତେ ପ୍ରସାରଣ କରାଯାଉଛି।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନ୍ୟାନସାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ସର୍ବଶେଷ ପ୍ରକାଶିତ ତଥ୍ୟ ମୁତାବକ ଓଡ଼ିଶାରେ ୨୦୨୨ ଶେଷ ସୁଦ୍ଧା ୧, ୬୯, ୫୬୨ଟି ମହିଳାଙ୍କ ପ୍ରତି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିରୁ ଉକ୍ତ ବର୍ଷରେ ମାତ୍ର ୭୩୯୩ଟି ଫଇସଲା ହୋଇଥିଲା ଏବଂ ତନ୍ମଧ୍ୟରୁ ମାତ୍ର ୬୭୧ଟିରେ ଅପରାଧୀଙ୍କୁ ଦଣ୍ଡିତ କରାଯାଇଥିଲା। ଅବଶ୍ୟ ଏହା ବିରୋଧରେ ସେମାନଙ୍କ ଭିତରୁ ଅନେକ ଉପର ଅଦାଲତରେ ଅପିଲ୍ କରିଥିବେ। ସେହିବର୍ଷରେ ମହିଳାଙ୍କ ପ୍ରତି ଅପରାଧିକ ମାମଲାର ଫଇସଲା ହାର ମାତ୍ର ୪.୨ ପ୍ରତିଶତ ଥିବା ବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। ଏବେ ଆମ ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧିକ ବିଚାରାଧୀନ ମାମଲା ସଂଖ୍ୟା ୨ଲକ୍ଷରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। କ୍ରାଇମ୍ ରେଟ୍ ରିପୋର୍ଟ ଅଫ୍ ଇଣ୍ଡିଆ-୨୦୨୪ର ଅନ୍ୟ ଏକ ତଥ୍ୟ ମୁତାବକ ଦେଶରେ ବଳାତ୍କାର ଓ ଅପହରଣ ମାମଲା ବଢ଼ି ଚାଲିଛି।

ନୀତି ବିହୀନ ରାଜନୀତିର ପଶାପାଲିରେ ଗୋଟି ହୋଇଛି ଚରିତ୍ର ବିହୀନ ଶିକ୍ଷା, ବିବେକ ବିହୀନ ବିଳାସ, ଶ୍ରମ ବିହୀନ ସଂପଦ ଓ ତ୍ୟାଗ ବିହୀନ ଉପାସନା। ଆମ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ବ୍ୟବସ୍ଥାରୁ ନୈତିକତା ଶବ୍ଦ ହଜି ଯାଉଥିବା ବେଳେ ନାଗରିକ ସମାଜ ଜଡ଼ବତ୍ ପଡ଼ିଛି। ବ୍ୟକ୍ତି, ସମାଜ ଓ ଜାତୀୟ ଜୀବନ କଳୁଷିତ ହେବାରେ ଲାଗିଥିବା ବେଳେ ଏହାକୁ ସ୍ୱଚ୍ଛ କରିବା ପରିବର୍ତ୍ତେ ମଦ୍ୟ ବନ୍ୟାରେ ଆମେ ଆମ ବ୍ୟବସ୍ଥାକୁ ଉବୁଟୁବୁ କରାଉଛୁ।

ଯେଉଁ ଭାରତ ମାଟି ଦିନେ ସାରା ବିଶ୍ୱକୁ ଭାଇଚାରାର ବନ୍ଧନରେ ବାନ୍ଧିବା ପାଇଁ 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' ଘୋଷଣା କରୁଥିଲା ସେଠି ଆଜି ସତ୍ୟ, ଅହିଂସା, କରୁଣା, ସେବା ପରିବର୍ତ୍ତେ ହିଂସା ଓ ଭ୍ରଷ୍ଟାଚାରର ତାଣ୍ଡବ ଚାଲିଛି। ମହାସତୀ ସୀତା ଓ ଦ୍ରୌପଦୀ ଆଦି ସେମାନଙ୍କ ନିଜସ୍ୱ ସାଧନା ବଳରେ ନିଜ ନିଜର ଇଜ୍ଜତ ସୁରକ୍ଷିତ ରଖିପାରିଥିଲେ। ଏବେ ଆମ ମା', ଝିଅ, ଭଉଣୀ ଆଦିଙ୍କ ଇଜ୍ଜତ କୁରୁସଭାର ପଶାପାଲିରେ ବାଜି ଲାଗିଥିବା ବେଳେ ପୁରୁଷ ପ୍ରଧାନ ବ୍ୟବସ୍ଥା ଅସହାୟ ପାଣ୍ଡବଙ୍କ ଭଳି ଅନାଇ ବସିଛି। ଏ ପରିପ୍ରେକ୍ଷୀରେ ମାତୃଶକ୍ତି ଜାଗ୍ରତ ହୋଇ ନିଜେ ନିଜର ସୁରକ୍ଷା ଲାଗି ଆଗେଇ ନଆସିଲେ ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯିବ। ଅପରାଧୀର ଅପରାଧକୁ ଯେଉଁମାନେ ନିୟନ୍ତ୍ରଣ କି ବିରୋଧ କରିପାରୁ ନାହାନ୍ତି ସେମାନେ ମଧ୍ୟ ମହାପାତକର ଅଂଶୀଦାର ହେଉଛନ୍ତି। ବ୍ୟବସ୍ଥାର ଉଦ୍‌ବେଗ ପୀଡ଼ିତାଙ୍କ ପୀଡ଼ା ଉପଶମ କରିପାରୁନାହିଁ କିମ୍ବା ଭବିଷ୍ୟତରେ ଏଭଳି ଅଘଟଣ ନଘଟିବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇପାରୁନଥିବା ବେଳେ ବିଗିଡ଼ା ପରିସ୍ଥିତିକୁ ସଜାଡ଼ିବା ପାଇଁ ନୀତି ନୈତିକତାର ଆଧାରରେ ଆମକୁ ବ୍ୟବସ୍ଥାର ପରିବର୍ତ୍ତନ ଲାଗି ଲମ୍ବା ଲଢ଼େଇ ଲଢ଼ିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ବିବାହର ପ୍ରତିଶ୍ରୁତି ବିବାହ ନୁହେଁ

ବୈଷ୍ଣବ ମେହେର

ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେବା ଏବଂ ଅନ୍ତରଙ୍ଗ ସମ୍ପର୍କ ପରେ ପ୍ରତାରଣା କରିବା ଖବରକୁ ନେଇ ଏବେ ଲୋକେ ଆଉ ବିଶେଷ ବିଚଳିତ ହେଉନାହାନ୍ତି। କିନ୍ତୁ ବିବାହର ପ୍ରତିଶ୍ରୁତି ଦେଇଥିବା ଅନ୍ତଃସତ୍ତ୍ୱା ପ୍ରେମିକାକୁ ନିର୍ଯାତନା ଦେବା କିମ୍ବା ହତ୍ୟା କରିବା ନିଶ୍ଚିତ ଭାବରେ ବିଚଳିତ କଲା ଭଳି ଘଟଣା। ଏସବୁ ସାଂଘାତିକ ଘଟଣା ସମାଜରେ ବାରମ୍ବାର ଘଟୁଥିଲେ ହେଁ ସେସବୁରୁ ଶିକ୍ଷା ଲାଭ କରିବାରେ କିନ୍ତୁ ଅନେକ ବିଫଳ ହେଉଛନ୍ତି। ଫଳରେ ଏଭଳି ଅମାନବୀୟ ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଛି।

ନିଜର ଅପରିଣାମଦର୍ଶିତା କାରଣରୁ ଯେଉଁମାନେ ଏଭଳି ପ୍ରତାରଣାର ଶିକାର ହେଉଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଦୁଇବର୍ଷ ତଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ମାମଲାର ବିଚାର କରି ଦେଇଥିବା ରାୟ ବିଷୟରେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ। ମାନ୍ୟବର ନ୍ୟାୟଳୟର ରାୟ ଅନୁଯାୟୀ ଭଲ ସମ୍ପର୍କରୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ମନୋମାଳିନ୍ୟ ଘଟି ବିବାହ କରିବାକୁ ରାଜି ନ ହେବାକୁ ଦୁଷ୍କର୍ମ ବୋଲି କୁହାଯାଇ ପାରିବ ନାହିଁ। ସେତେବେଳେ ଭୁବନେଶ୍ୱରର ନିର୍ଦ୍ଦିଷ୍ଟ ଘଟଣାରେ ଜଣେ ମହିଳା ତାଙ୍କ ପୁରୁଷବନ୍ଧୁଙ୍କ ନାଁରେ କରିଥିବା ମାମଲାର ଶୁଣାଣି କରି ବିଚାରପତିଙ୍କ ଖଣ୍ଡପୀଠ ଅଭିଯୁକ୍ତଙ୍କ ବିରୋଧରେ ଥିବା ଆଇପିସିର ଧାରା ୩୭୬କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏଭଳି ଘଟଣାରେ ବିଶେଷ ଭାବରେ ଝିଅ କିମ୍ବା ମହିଳାମାନେ ଶିକାର ହେଉଥିବାରୁ ସେଦିନର ଉକ୍ତ ବିଚାର ବିଶେଷ କରି ଝିଅ ଓ ମହିଳାଙ୍କ ପାଇଁ ଏକ ସତର୍କବାଣୀ ଥିଲା।

ସମସ୍ତେ ହେଜିବା ଦରକାର ଯେ ବିବାହ ଓ ବିବାହର ପ୍ରତିଶ୍ରୁତି ଦୁଇଟି ଆଦୌ ଏକା କଥା ନୁହେଁ। ବରଂ ଏହି ଦୁଇଟି ମଧ୍ୟରେ ଯୋଜନେ ଦୂରତା ରହିଛି। ତେଣୁ ସାମୟିକ ଉତ୍ସାହ ବା ଭାବପ୍ରବଣତାରେ ଭାସି ନଯାଇ ସତର୍କତାର ସହ ବୁଝି ବିଚାରି ପଦକ୍ଷେପ ନେଲେ ହିଁ ନିଜ ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ବର୍ତ୍ତମାନର ଝିଅ ମାନେ ତ କେବଳ ଉଚ୍ଚଶିକ୍ଷିତ ନୁହନ୍ତି, ବରଂ ସେମାନଙ୍କ ମଧ୍ୟରେ ଥିବା ଭଲମନ୍ଦ ବିଚାର କରିବାର ଅପାର ଶକ୍ତି ଯୋଗୁଁ ବିବେକାନୁମୋଦିତ ନିଷ୍ପତ୍ତି ନେବାରେ ମଧ୍ୟ ସେମାନେ ଧୁରନ୍ଧର। କହିବାକୁ ଗଲେ ଝିଅଟିଏ ଲାଞ୍ଛନାର ପ୍ରତିଟି ଫନ୍ଦକୁ ପ୍ରତିହତ କରି ନିଜ ପାଇଁ ତିଆରି କରିସାରିଛି ନୂଆ ପରିଚୟ। ତଥାପି ବେଳେ ବେଳେ ସେମାନେ ଅନ୍ୟର ଶଠତାକୁ ଅନେକାଂଶରେ ବୁଝି ନପାରି କିପରି ତା'ର ମାୟାଜାଲରେ ପଡ଼ିଯାଉଛନ୍ତି, ଏନେଇ ସେମାନଙ୍କୁ ଗଭୀର ଚିନ୍ତନ କରିବାର ଆବଶ୍ୟକତା ଅଛି। ପ୍ରେମର ପ୍ରକୃତ ପରିଭାଷାକୁ ବୁଝି ପ୍ରେମ ନିବେଦନ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟକୁ ଉପଯୁକ୍ତ ଭାବରେ ଠଉରେଇବାକୁ ପଡ଼ିବ। ଦ୍ୱିତୀୟତଃ, ପ୍ରେମ ଯଦି ହୋଇଗଲା ତେବେ ପ୍ରେମକୁ ପ୍ରେମର ପରିସୀମା ଭିତରେ ହିଁ ସୀମିତ ରଖିବାର ପ୍ରୟାସ କରାଯିବା ଅପରିହାର୍ଯ୍ୟ। ପ୍ରେମ ଯେମିତି ଶାରୀରିକ ବାସନା ମଧ୍ୟକୁ ଚାଲି ନଯାଉ। ଯାହା ବିବାହ ପରେ ହେବା କଥା ତାକୁ ଆଦୌ ବିବାହ ପୂର୍ବରୁ କେହି ସ୍ୱୀକାର ନ କରନ୍ତୁ।

ଏକଥାକୁ ଭୁଲି ଯିବା ନାହିଁ ଯେ ଆମର ଅନେକ ଆପଣାର ମଣିଷ, ଯେଉଁମାନେ ଜୀବନକାଳ ମଧ୍ୟରେ ଆମକୁ ଅନେକ ପ୍ରତିଶ୍ରୁତିରେ ପୋତି ପକାଇଥା'ନ୍ତି। ସେସବୁ ପ୍ରତିଶ୍ରୁତି ମଧ୍ୟରୁ କିଛି ପୂରଣ ହୁଏ ତ ଅନେକ ପୂରଣ କରି ପାରନ୍ତି ନାହିଁ। ଏପରିକି ପିତାମାତାମାନେ ମଧ୍ୟ ନିଜ ସନ୍ତାନକୁ ଦେଇଥିବା ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ପରପୁରୁଷ ଯିଏ ଆକସ୍ମିକ ଭାବରେ ଆସି ତା'ର ପ୍ରତିଶ୍ରୁତି ପୂରଣ କରିବ ବୋଲି ଆମେ କିପରି ବିଶ୍ୱାସ କରିବା? ଏକଥା ଜାଣିରଖିବା ଦରକାର ଯେ, ସେ କେବଳ ଜଣେ ପ୍ରେମିକ ନୁହେଁ, ବରଂ ସେ ବି କାହାର ପୁଅ, କାହା ଭାଇ, କାହା ମାମୁଁ ତ କାହାର ବନ୍ଧୁ ଭଳି ଅନେକ ପାରିବାରିକ ଓ ସାମାଜିକ ସମ୍ବନ୍ଧରେ ବନ୍ଧା। ସେ ଦୃଷ୍ଟିରୁ ତା' ପ୍ରତି ଅନେକଙ୍କ ଅପାର ଆଶା ଓ ବିଶ୍ୱାସ ରହିଥିବା ବେଳେ ଅନୁରୂପ ଭାବେ ସେମାନଙ୍କ ପ୍ରତି ମଧ୍ୟ ତା'ର ଗୁରୁଦାୟିତ୍ୱ ରହିଛି। ସେହି ସମ୍ବନ୍ଧମାନଙ୍କ ମଧ୍ୟରୁ ଅନେକଙ୍କୁ ଏଭଳି ଅନେକ ପ୍ରତିଶ୍ରୁତି ଦେଇ କିଛି ପୂରଣ କରିବାରେ ସମର୍ଥ ହେଉଥିବା ବେଳେ ଅନେକ ପୂରଣ କରିପାରେ ନାହିଁ। ସେଭଳି ଏକ ପ୍ରତିଶ୍ରୁତି ପ୍ରେମିକାକୁ ଦେଇ ପୂରଣ କରି ନ ପାରିବା ବି ତା' ପାଇଁ ଏକ ସାଧାରଣ କଥା ହୋଇଯାଏ। କିନ୍ତୁ ସେହି ସାଧାରଣ ପ୍ରତିଶ୍ରୁତି ଜଣେ ଝିଅର ଜୀବନକୁ ନଷ୍ଟ କରିଦେଇ ପାରେ, ସେକଥା ବର୍ତ୍ତମାନର ଯୁବସମାଜ ଭୁଲିଯିବା ଉଚିତ ହେବ ନାହିଁ। ତେଣୁ ସାମୟିକ ଭାବପ୍ରବଣତାରେ ପଡ଼ି ବିବାହର ପ୍ରତିଶ୍ରୁତି ଦେବା ଯେ ବାସ୍ତବ ବିବାହ କରିବା ନୁହେଁ, ଏକଥାକୁ ବୁଝି ପାରିଲେ ପ୍ରେମ ପ୍ରତିଶ୍ରୁତି ଓ ପ୍ରତାରଣା ଭଳି ଘଟଣା ଆଗକୁ ଘଟିବ ନାହିଁ। ଅନେକ ଶାରୀରିକ ଓ ମାନସିକ ଭାବରେ ନିଜକୁ ସୁରକ୍ଷିତ ମଣିବେ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

# ତିବ୍ବତରେ ବୌଦ୍ଧଧର୍ମ

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

ରାଜା ଖ୍ରୀ-ସ୍ରନ୍ ବୌଦ୍ଧଧର୍ମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ତାଙ୍କର ଜନ୍ମକାଳ ଖ୍ରୀ୭୩୦। ତାଙ୍କୁ ତେର ବର୍ଷ ବୟସ ହୋଇଥିବା ସମୟରେ ପିତାଙ୍କ ତିରୋଧାନ ଯୋଗଁ ସେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ଦେଶର ପ୍ରାଚୀନ ତଥ୍ୟର ଅନୁଧ୍ୟାନ ସହ ବିଭିନ୍ନ ଶାସ୍ତ୍ର ଅଧ୍ୟୟନରେ ତାଙ୍କର ଅନୁରକ୍ତି ରହିଥିଲା। ତାଙ୍କର ମନ୍ତ୍ରିମଣ୍ଡଳ ଧାର୍ମିକ ଦୃଷ୍ଟିରୁ ବୌଦ୍ଧଧର୍ମ ଏବଂ ପ୍ରଚଳିତ ଧର୍ମମତର ଅନୁଗାମୀ ଭାବେ ଦୁଇଟି ଭିନ୍ନ ଗୋଷ୍ଠୀ ହୋଇ ରହିଥିଲେ। ସମସ୍ତ ତଥ୍ୟ ଅନୁଧ୍ୟାନ ପରେ ରାଜା ବୌଦ୍ଧଧର୍ମ ସପକ୍ଷବାଦୀ ହୋଇଗଲେ। ଏହି ରାଜାଙ୍କ ଶାସନକାଳ ହେଲା ଖ୍ରୀ୭୫୫-୭୯୭। ରାଜା ବୌଦ୍ଧଧର୍ମକୁ ତିବ୍ବତର ରାଜଧର୍ମ ଭାବେ ଘୋଷଣା କଲେ। ବୌଦ୍ଧଧର୍ମ ସପକ୍ଷବାଦୀ ମନ୍ତ୍ରୀ ଓ ନେତୃସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନାକ୍ରମେ ସେ ସମୟରେ ଜଣେ ପ୍ରଖ୍ୟାତନାମା ବୌଦ୍ଧ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କୁ ଧର୍ମର ପ୍ରଚାର ପ୍ରସାର ପାଇଁ ଭାରତରୁ ତିବ୍ବତ ଆଣିବା ପାଇଁ ସ୍ଥିର ହେଲା। ଆଚାର୍ଯ୍ୟ ଶାନ୍ତରକ୍ଷିତ ସେତେବେଳେ ମଗଧର ବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳରେ ଅଧ୍ୟାପନା କରୁଥିଲେ। ରାଜା ତାଙ୍କର ମନ୍ତ୍ରୀ ବାସଲନାଙ୍ଗ୍‌ଙ୍କୁ ଶାନ୍ତରକ୍ଷିତଙ୍କ ନିକଟକୁ ନିମନ୍ତ୍ରଣ ଜଣାଇବା ପାଇଁ ପଠାଇଲେ। ଶାନ୍ତରକ୍ଷିତ କିଛିକାଳ ଅପେକ୍ଷା ପାଇଁ ପରାମର୍ଶ ଦେଲେ। ପରେ ତିବ୍ବତରେ ରାଜା ସର୍ବସାଧାରଣରେ ବୌଦ୍ଧଧର୍ମ ପ୍ରତି ନିଜର ସମର୍ଥନ ଜଣାଇବା ପରେ ଶାନ୍ତରକ୍ଷିତ ମନ୍ତ୍ରୀ ବାସଲନାଙ୍ଗଙ୍କ ସହିତ ତିବ୍ବତ ଯାତ୍ରା ଆରମ୍ଭ କଲେ। ରାଜା ବହୁ ଆଡ଼ମ୍ବରରେ ନେପାଳ ସୀମାରୁ ଶାନ୍ତରକ୍ଷିତଙ୍କୁ ସ୍ୱାଗତ ଜଣାଇ ନିଜ ରାଜପ୍ରସାଦାକୁ ନେଲେ।

ଆଚାର୍ଯ୍ୟ ଶାନ୍ତରକ୍ଷିତ ତିବ୍ବତରେ ତାଙ୍କର ବୌଦ୍ଧଧର୍ମ ପ୍ରଚାର କାର୍ଯ୍ୟ ଧର୍ମର ମୌଳିକ ଶିକ୍ଷାରୁ ଆରମ୍ଭ କଲେ। ମାତ୍ର ତାଙ୍କର ଶିକ୍ଷା ବିଷୟବସ୍ତୁ ଓ ପଦ୍ଧତି ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଲା ନାହିଁ। ସମ୍ଭବତଃ ତାଙ୍କର ଶିକ୍ଷା ଶୂନ୍ୟବାଦ ଓ ନାସ୍ତିବାଦ ତଥା ଅଧିକ ପାଣ୍ଡିତ୍ୟପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଲା ନାହିଁ। ତିବ୍ବତୀୟମାନେ ମୂଳତଃ ଗୁଣିଗାରେଡ଼ି ତଥା ଅତ୍ୟଧିକ ଅନ୍ଧବିଶ୍ୱାସଜନିତ ବନ୍ ଧର୍ମ ସହ ଜଡ଼ିତ ଥିଲେ। ତିବ୍ବତୀୟମାନେ ବୌଦ୍ଧଧର୍ମକୁ ଗ୍ରହଣ କରିପାରୁନଥିଲେ। ତା'ସାଙ୍ଗକୁ ପ୍ରଚାର କାର୍ଯ୍ୟ ସେମାନଙ୍କ ପାଇଁ ଆଗ୍ରହ ଜନ୍ମାଇ ନ ପାରିବା ସହ ସେ ସମୟକୁ ବିଭିନ୍ନ ଦୈବୀ ଦୁର୍ବିପାକ ଦେଖାଗଲା। ସଂକ୍ରାମକ ବ୍ୟାଧି ସହ ଝଡ଼ ତୋଫାନ ଆଦି ବ୍ୟାପକ ଭାବେ ଧନଜୀବନର କ୍ଷୟକ୍ଷତି ଘଟାଇଲା। ସହଜରେ ବନ୍ ଧର୍ମର ନେତୃସ୍ଥାନୀୟ ବ୍ୟକ୍ତି ବୌଦ୍ଧଧର୍ମର ଘୋର ବିରୋଧୀ ଥିଲେ। ପୁଣି ଆଚାର୍ଯ୍ୟଙ୍କ ଧର୍ମପ୍ରଚାର କାର୍ଯ୍ୟ ଅନାଦୃତ ହେବାକୁ ସର୍ବୋପରି ଅଚାନକ ପ୍ରାକୃତିକ ବିପଦମାନ ଘଟି ସମସ୍ତ ଘଟଣାକ୍ରମ ଶାନ୍ତରକ୍ଷିତଙ୍କ ବିରୋଧରେ ବିରାଟ ଜନଆନ୍ଦୋଳନ ସୃଷ୍ଟି କରାଇଲା। ରାଜାଙ୍କ ଦ୍ୱାରା ନୂତନ ଧର୍ମର ପ୍ରଚାର ଯୋଗୁଁ ଏ ସବୁ ଘଟୁଛି ବୋଲି ପ୍ରଚାର ହେଲା।

ରାଜା ଓ ଆଚାର୍ଯ୍ୟ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ସହ ଲୋକମାନଙ୍କର ଧନଜୀବନର ସୁରକ୍ଷା କିପରି ହୋଇପାରିବ ତାହା ଆଲୋଚନା କଲେ। ଶାନ୍ତରକ୍ଷିତ ତାଙ୍କର ଭଗ୍ନୀପତ୍ନୀ ତଥା ନାଳନ୍ଦା ବିଶ୍ୱବିଦ୍ୟାଳୟର ଯୋଗ-ତନ୍ତ୍ର ବିଭାଗରେ ଅଧ୍ୟାପନା କରୁଥିବା ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇବାକୁ ରାଜାଙ୍କୁ ପରାମର୍ଶ ଦେଲେ। ତିବ୍ବତରେ ସାମ୍ପ୍ରତିକ ଘଟଣାକ୍ରମ ଦୃଷ୍ଟିରୁ ପଦ୍ମସମ୍ଭବ ହିଁ ଧର୍ମପ୍ରଚାର କାର୍ଯ୍ୟ ପାଇଁ ସବୁଠାରୁ ଯୋଗ୍ୟତମ ଗୁରୁ ବୋଲି ଶାନ୍ତରକ୍ଷିତ ରାଜାଙ୍କୁ କହିଲେ। ଶାନ୍ତରକ୍ଷିତ ଇତିମଧ୍ୟରେ ତିବ୍ବରେ ନ ରହି କିଛିକାଳ ନେପାଳରେ ବିଶ୍ରାମ ନେବା ପାଇଁ ରାଜା ତାଙ୍କୁ ଅନୁରୋଧ କଲେ। ଶାନ୍ତରକ୍ଷିତ ସ୍ୱୟଂ ମହାଯାନର ମାଧ୍ୟମିକ ଶାଖାର ପାରମ୍ପରିକ ବିନୟ-ସୂତ୍ର-ଆଧାରିତ ଦାର୍ଶନିକ ପରମ୍ପରାର ଆଚାର୍ଯ୍ୟ ଥିବା ସମୟରେ ପଦ୍ମସମ୍ଭବ ବୌଦ୍ଧଧର୍ମର ମହାଯାନ ଅନ୍ତର୍ଗତ ତନ୍ତ୍ରଯାନଭିତ୍ତିକ ବଜ୍ରଯାନର ଗୁରୁ ଥିଲେ। ଶାନ୍ତରକ୍ଷିତଙ୍କ ପରାମର୍ଶ ରାଜା ଗ୍ରହଣ କଲେ ଏବଂ ତୁରନ୍ତ ଏକ ସବିନୟ ନିମନ୍ତ୍ରଣ ପତ୍ର ପଦ୍ମସମ୍ଭବଙ୍କ ନିକଟକୁ ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଦ୍ୱାରା ନାଳନ୍ଦା ପ୍ରେରଣ କଲେ। ପଦ୍ମସମ୍ଭବ ଏହା ଗ୍ରହଣ କଲେ। ଖ୍ରୀ୭୪୬ରେ ନାଳନ୍ଦା ପରିତ୍ୟାଗ କରି ନେପାଳ ହୋଇ ଶାନ୍ତରକ୍ଷିତଙ୍କ ସହ ବାର୍ତ୍ତାଳାପ କରି ଖ୍ରୀ ୭୪୭ ଆଦ୍ୟଭାଗରେ ତିବ୍ବତରେ ପହଞ୍ଚିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅନିଶ୍ଚିତତା ଭିତରେ ରାଜ୍ୟର ମେଟ୍ରୋ ପ୍ରକଳ୍ପ: ବିଜେଡି

**■ ମେଟ୍ରୋ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅସ୍ପଷ୍ଟ**

**■ ନିଜସ୍ୱ ପାଣ୍ଠିରୁ ନିର୍ମାଣରେ ଲୋଡ଼ାନାହିଁ କେନ୍ଦ୍ର ଅନୁମୋଦନ**

ଭୁବନେଶ୍ୱର,୨୫।୭ (ସମିସ): ପୂର୍ବ ବିଜେଡି ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା, ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜେଡି କହିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହାଫଳରେ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି। କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ମନ୍ତବ୍ୟ ଦେଇଛନ୍ତି। ଏହାପରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି। ବିଜେଡି ସରକାରଙ୍କ ସମୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ଏହା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ନିର୍ମାଣ ହେବ ବୋଲି କୁହାଯାଇଥିଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର କୌଣସି ଆବଶ୍ୟକତା ନାହିଁ। ମାତ୍ର ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଭିନ୍ନ ଭିନ୍ନ ବକ୍ତବ୍ୟ ରଖୁଛନ୍ତି। ଏହି ପ୍ରକଳ୍ପକୁ ସମ୍ପ୍ରସାରଣ କରାଯିବ ଓ ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଏହି ପ୍ରକଳ୍ପ ଏଲିଭେଟେଡ୍ ଷ୍ଟ୍ରକ୍‌ଚରରେ ଅର୍ଥାତ ମାଟି ଉପରେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏହା ମାଟି ତଳେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଛନ୍ତି। ସେହିପରି ନଗର ଉନ୍ନୟନ ମନ୍ତ୍ରୀ ନୂତନ ଡିପିଆର ପ୍ରସ୍ତୁତ ହେବା ପରେ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ ବୋଲି ଡଃ ମହାନ୍ତି କହିଛନ୍ତି।

**ଏସ୍‌ସିବିରେ ଡାକ୍ତର ପଦ ଖାଲି ଓ ଡ୍ୟୁଟି ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ**

# ସବିଶେଷ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୫।୭ (ସମିସ): କଟକ ସହର ସମସ୍ୟା ପ୍ରସଙ୍ଗରେ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଶୁଣାଣି କରି ଆସୁଥିବା ବେଳେ ଆଜି ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ବିସ୍ତୃତ ଶୁଣାଣି କରିଛନ୍ତି। ବିଶେଷକରି, ଏସ୍‌ସିବିରେ କେତୋଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଛି ଓ ଏଥିମଧ୍ୟରୁ କେତେ ପଦବୀ ଖାଲି ପଡ଼ିଛି, ସେ ସଂକ୍ରାନ୍ତରେ ଏସ୍‌ସିବି ଅଧୀକ୍ଷକଙ୍କୁ ହାଇକୋର୍ଟ ଜବାବ ତଲବ କରି ସତ୍ୟପାଠ ଜରିଆରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଡ୍ୟୁଟି ସମୟରେ ଡାକ୍ତରମାନେ ମେଡିକାଲରେ ଅନୁପସ୍ଥିତ ରହୁଥିବା ତଥା ଘରୋଇ ଚିକିତ୍ସା କରୁଥିବା ଅଭିଯୋଗକୁ ମଧ୍ୟ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହା ଉପରେ କର୍ତ୍ତୃପକ୍ଷଙ୍କ କ'ଣ ନିୟନ୍ତ୍ରଣ ରହିଛି ଓ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି; ସେନେଇ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି ଅଦାଲତ।

ଅନ୍ୟପଟରେ ଏସସିବି ମେଡିକାଲରେ ରୋଗୀ ଆଟେଣ୍ଡାଣ୍ଟଙ୍କ ପାଇଁ ପର୍ଯ୍ୟାପ୍ତ ସେଡ୍ ବା ଆଶ୍ରୟସ୍ଥଳ ନଥିବା ପ୍ରସଙ୍ଗରେ ଅଧୀକ୍ଷକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ ମେଡିକାଲରେ ମୋଟ ୩୭ଟି ବିଭାଗ ରହିଥିବା ବେଳେ ସେଥିମଧ୍ୟରୁ ୨୨ଟି କ୍ଲିନିକାଲ ବିଭାଗ। ଏବେ ଏଠାରେ ୯ଟି ସେଡ୍ ୧୦୪୦ଜଣ ରୋଗୀ ଆଟେଣ୍ଡାଣ୍ଟ କ୍ଷମତା ବିଶିଷ୍ଟ ଉପଲବ୍ଧ ରହିଛି। ମୋଟ ୨୭୪୨ଟି ଶଯ୍ୟା ରହିଥିଲେ ମଧ୍ୟ ଏହାର ବହୁଗୁଣା ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏଣୁ ରୋଗୀ ଆଟେଣ୍ଡାଣ୍ଟଙ୍କ ସଂଖ୍ୟା ମଧ୍ୟ ଅନୁରୂପ ଅଧିକ ରହୁଛି ବୋଲି ଦର୍ଶାଯାଇଛି। ନିରାମୟ କେନ୍ଦ୍ରଗୁଡ଼ିକରେ ଅନେକ ସମୟରେ ରୋଗୀ ଓ ସମ୍ପର୍କୀୟ ଧାଡ଼ିବାନ୍ଧି ଛିଡ଼ା ହୋଇ ଔଷଧ ନଥିବାରୁ ନିରାଶରେ ଫେରୁଥିବା ନେଇ ଆଡଭୋକେଟ୍ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଉପଲବ୍ଧ ନଥିବା ଔଷଧର ଡିଜିଟାଲ ପ୍ରଦର୍ଶନ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୭କୁ ଧାର୍ଯ୍ୟ କରାଯାଇଛି।

## କାରଖାନା ଶ୍ରମ କଲ୍ୟାଣ ଅଧିକାରୀଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର, ୨୫।୭ (ସମିସ): କାରଖାନାଗୁଡ଼ିକରେ ନିୟୋଜିତ ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ରାଜ୍ୟ କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶ୍ରମିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଏବଂ ନ୍ୟାଯ୍ୟ ଅଧିକାର ସମ୍ବନ୍ଧରେ ସଜାଗ ଏବଂ ସଚେତନ କରାଇବା ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ପ୍ରଧାନ ସାମାଜିକ ଦାୟିତ୍ୱ ଏବଂ ସେଥିପ୍ରତି ଉଭୟ ସମ୍ବେଦନଶୀଳ ହୋଇପାରିଲେ ଶିଳ୍ପାୟନରେ ଶାନ୍ତି, ସୁରକ୍ଷା, ଦକ୍ଷତା ଏବଂ ପାରଦର୍ଶିତାରେ ପ୍ରଗତି ହେବାସହ ଉତ୍ପାଦନ ବୃଦ୍ଧି ପରିଲକ୍ଷିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ।

**AFFIDAVIT**
I , Farheen Alam W/o Sayed Alam Husaain, village-Bateswar Po/Ps-Salepur Dist-Cuttack , Pin -754202 ,Odisha declared by this affidavit No. 6465, dated 16/07/25 that now onwards I shall be known as Farheen Alam for all future purposes.

**AFFIDAVIT**
I, Abhishek Nirmal Modi S/o Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7862 dtd 24.07.2025 that now onwards I shall be known as **ABHISHEK MODI** for all future purposes.

**AFFIDAVIT**
I, Neetu Abhishek Modi W/o Abhishek Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7860 dtd 24.07.2025 that now onwards I shall be known as **NEETU MODI** for all future purposes.

**AFFIDAVIT**
I, Sangeeta Nirmal Kumar Modi D/o Gopilal Agarwal, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7861 dtd 24.07.2025 that now onwards I shall be known as **SANGEETA NIRMAL MODI** for all future purposes.

**AFFIDAVIT**
I, Shraddha Nirmal Modi D/o Sangeeta Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7859 dtd 24.07.2025 that now onwards I shall be known as **SHRADDHA MODI** for all future purposes.

**AFFIDAVIT**
I Susanta Keshari Samal, S/o- Sesadev Samal, Resident of At/Po-Benipur, Ps-Nikirai, Dist- Kendrapara, PIN-754251, Odisha declare by this affidavit No.90 on dated 23.07.2025 that now onwards I shall be known as **SUSANT KESHARI SAMAL** for all future purposes.

**AFFIDAVIT**
By virtue of an affidavit No 7858 dated 24.07.2025 sworn before the Notary public, Cuttack, I Abhishek Modi changed my minor Daughters name from Vanisha Modi to Vanisha Abhishek Modi. Henceforth, she will be known as **VANISHA ABHISHEK MODI** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Padmapur, Dist.- Rayagada no. 304/2417125 dtd.24.7.2025, I, SRI HARIS CHANDRA SAHU, S/o- Late Raghunath Sahu resident of Vill.- Rayalapadar, Po.- Biripadar, Ps.- Padmapur, Dist.- Rayagada state that, I have changed my minor son's name from **Alok Sahu** to **Sridhar Sahu**. Henceforth he will be known as Sridhar Sahu for all purposes.

**AFFIDAVIT**
I, Kondavalasa Chandra Muli, aged 72 years, S/o- Late K C R Patnaik, resident of 7-3-16, Gonti Veedhi, PSMNH School Road, Dist- Srikakulam, PIN- 532001, Andhra Pradesh declared by this affidavit No-601, dtd- 23/07/2025 that now onwards I shall be known as **KONDAVALASA CHANDRA MOULI** for all future purposes.

**AFFIDAVIT**
I, Guru Charan Bandhu Charan Biswal, aged 60 years, S/o- Bandhu Charan Biswal, resident of HV-82, Hadibandhu Bihar, At-Kasoti, Po-Pandiri, Mahakalapada, Dist-Kendrapara, Odisha, Pin-754211 declared by this affidavit No-603, dtd-23/07/2025 that now onwards I shall be known as **GURU CHARAN BISWAL** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Nabarangpur, no.826 dtd.18.07. 2025 I, SMT. MOUSUMI RANI ORAM, D/o- Shanti Oram resident of Senapati street, Po./Ps.- Nabarangpur, Dist.- Nabarangpur, Odisha state that, my actual name is Mousumi Rani Oram but in my State bank of India Passbook my name has been mentioned as Mausumi Harijan. Hence **Mousumi Rani Oram** and **Mausumi Harijan** is one and same person for all purposes.

**AFFIDAVIT**
I, Tumulu Dharmendra, S/o- Late Tumulu Srinivas, resident of Subham Bihar 4th lane, Somanath Nagar, Po-Berhampur, Ps-Town, Pin-760002, Dist- Ganjam, Odisha declare by this affidavit No- 22047, date-19/07/2025, that now onwards I shall be known as **TUMULU DHARMENDRA KUMAR** for all future purposes.

**LOST**
I Pragnya Paramita Das, D/o- Dipak Kumar Das, Preeti Enclave, Mishrapada, that I have lost my B. Tech original certificate, Visa documents, laptop bag with laptop, mobile phone while I was travelling from Bhubaneswar Baramunda Bus stand to Angul New Bus stand by bus no OD02CT2122.If anybody found please contact 7609960707.

Office of The Principal
**Biju Pattnaik (Degree) College of Sciences & Education**
Jayadev Vihar, Bhubaneswar -751013 (ODISHA)
**Quotation Call Notice Date :26/7/2025**
Sealed quotations are invited from GST Registered firm agencies before **30/7/2025** to supply desktop computers, UPS System, Multifunction Printers (MFM), Led TV (65 inch), Wireless Mic, cameras for virtual meetings, and internet Facilities etc. Under GOVT. of Odisha, upgrading IT Infrastructure funds. For details Logon to : www.bpdcse.in, bpcsed@gmail.com

**ବଲଙ୍ଗା ନାବାଳିକାକୁ ଜାଳିଦେବା ଘଟଣା**

# ଏମ୍ସରେ ପୀଡ଼ିତାଙ୍କ ବୟାନ ରେକର୍ଡ

ବଲଙ୍ଗା, ୨୫।୭ (ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଜାଳିଦେବା ମାମଲାର ତଦନ୍ତ ଜାରି ରହିଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଯାଇଥିବା କ୍ରାଇମ୍‌ବ୍ରାଞ୍ଚ ଓ ପୁଲିସର ଟିମ୍ ଆଜି ସେଠାରେ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାର ବୟାନ ରେକର୍ଡ କରାଇଛନ୍ତି। ପରେ ତଦନ୍ତକାରୀ ଟିମ୍ ଅପରାହ୍ଣରେ ପୀଡ଼ିତାଙ୍କ ପରିବାରକୁ ଯାଇ ପଚରାଉଚରା କରିଛି। ଏହାସହ ପୀଡ଼ିତାକୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମଙ୍କୁ ଥାନାକୁ ଡକାଇ ପୁନର୍ବାର ପଚରାଉଚରା କରିଛି। ସେହିପରି ଆଜି ସକାଳେ ତଦନ୍ତକାରୀ ଟିମ୍ ପୁନର୍ବାର ପୀଡ଼ିତାଙ୍କ ସାଙ୍ଗ ଘରକୁ ଯାଇ ପଚରାଉଚରା କରିଥିଲା।

# ଅବଶିଷ୍ଟାଂଶ

## ସ୍କୁଲଘର ଭୁଶୁଡ଼ି...

ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷକୁ ହଟାଇ ପିଲାମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୫ ଜଣ ପିଲା ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଚିକିତ୍ସାଧୀନ ଥିବା ବେଳେ ଆଉ ୩ଜଣ ଛାତ୍ର ପ୍ରାଣ ହରାଇଥିଲେ। ଅବହେଳା ପାଇଁ ୫ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି।

ସକାଳେ ବର୍ଷା ହେବା କାରଣରୁ ପିଲାମାନେ ଖେଳିବାକୁ ନଯାଇ କ୍ଲାସ ରୁମ୍‌ରେ ଥିଲେ।। ଏହାପରେ ଛାତ ପଡ଼ିବା ଫଳରେ ୩୫ ପିଲା ଫସିଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମେ ଛାତରୁ ଛୋଟ ଛୋଟ ଟୁକୁଡା ଖସିଥିଲା। କିନ୍ତୁ ଶିକ୍ଷକ ଏହା ପ୍ରତି ଧ୍ୟାନ ଦେଇ ନଥିଲେ ବୋଲି ଜଣେ ଛାତ୍ରୀ କହିଛନ୍ତି। ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଦୁଃଖ ପ୍ରକାଶ କରିଛନ୍ତି।

## ଡ୍ରୋନ୍‌ରୁ ସଫଳ...

କରି ସୂଚନା ଦେଇଛନ୍ତି ଓ ଡିଆରଡିଓକୁ ଧନ୍ୟବାଦ୍ ଜଣାଇଛନ୍ତି। ଏହି ପରୀକ୍ଷଣ ଭରାତୀୟ କ୍ଷେପଣାସ୍ତ୍ର କ୍ଷମତାକୁ ଆହୁରି ବୃଦ୍ଧି କରିଛି ବୋଲି ସେ କହିଛନ୍ତି। ଏବେ ସାରା ବିଶ୍ୱରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ତେଣୁ ଏହି ପରୀକ୍ଷା ଭାରତ ପାଇଁ ଏକ ବଡ଼ ସଫଳତା ସାବ୍ୟସ୍ତ ହୋଇଛି।। 'ଅପରେସନ ସିନ୍ଦୂର'ରେ ମଧ୍ୟ ଭାରତ ଡ୍ରୋନ୍‌ର ବହୁଳ ବ୍ୟବହାର କରି ପାକିସ୍ତାନକୁ ଚକ୍‌ମା ଦେଇଥିଲା। ଆଧୁନିକ ଯୁଦ୍ଧରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପରୀକ୍ଷା କରାଯାଇଛି। ୟୁଏଲ୍‌ପିଜିଏମ୍- ଭି୩ ହେଉଛି ପୂର୍ବବର୍ତ୍ତୀ ଭି-୨ ଭ୍ୟାରିଏଣ୍ଟର ଆଧୁନିକ ସଂସ୍କରଣ। ଏହାକୁ ଡିଆରଡିଓର ଟର୍ମିନାଲ ବାଲାଷ୍ଟିକ ରିସର୍ଚ୍ଚ ଲାବାରୋଟୋରୀ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଭି-୨ ଭ୍ୟାରିଏଣ୍ଟରେ ମଲ୍ଟିପଲ ୱାରହେଡ୍ କନଫିଗରିରେସନର ସୁବିଧା ଥିଲା।। ଭି-୩ରେ ଆହୁରି ଅଧିକ ଆଧୁନିକ ବୈଷୟିକ ପ୍ରାଣାଳୀ ସାମିଲ କରାଯାଇଛି।। ଏଥିରେ ଇମର୍ଜିଂ ଇନଫ୍ରାରେଡ ସିକର ଓ ଡ୍ୟୁଏ ଥ୍ରଷ୍ଟ ପ୍ରୋପଲସନ ସିଷ୍ଟମ ରହିଛି। ଏହା ଦ୍ୱାରା ଏହାର ରେଞ୍ଜ୍ ଓ ଆକ୍ରମଣ କ୍ଷମତାରେ ଯଥେଷ୍ଟ ବୃଦ୍ଧି ହୋଇଛି।

## ପଞ୍ଚମ ଦିନ...

ବାଧା ନଦେଇ ଗୃହକୁ ସୁରୁଖୁରରେ ଚଳାଇବାରେ ସହଯୋଗ କରନ୍ତୁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ପ୍ରଥମେ ଲୋକସଭାରେ ୧୬ ଘଣ୍ଟା ଧରି ଆଲୋଚନା ହେବ ଏବଂ ଏହାପର ଦିନ ରାଜ୍ୟସଭାରେ ୧୬ ଘଣ୍ଟା ପାଇଁ ଏହି ପ୍ରସଙ୍ଗରେ ଆଲୋଚନା ହେବ। ଆଲୋଚନାର ଉତ୍ତର ପ୍ରଧାନମନ୍ତ୍ରୀ ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଭଳି କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ କିଏ ଜବାବ ଦେବ, ତାହା ସରକାର ସ୍ଥିର କରିବେ। ସେହିଭଳି ରାଜ୍ୟସଭାରେ ମଧ୍ୟ ଆରମ୍ଭରୁ ବିହାରକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳର ସଭ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ପୀଠାସୀନ ଅଧ୍ୟକ୍ଷଙ୍କ ଚେତାବନୀ ସତ୍ତ୍ୱେ ସେମାନେ ବିହାର ପ୍ରସଙ୍ଗରେ ଆଲୋଚନା ଦାବି କରି ଗୃହକୁ ଅଚଳ କରିଦେଲେ। ଶେଷରେ ରାଜ୍ୟସଭାକୁ ମଧ୍ୟ ସୋମବାର ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା।

ଇତିମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ କହିଛନ୍ତି ଯେ ଟଙ୍କା ଜବତ ମାମଲାରେ ଫସିଥିବା ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ଆରମ୍ଭ ହେବ। ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ଲାଗି ଉଭୟ ସରକାର ଓ ବିରାଧୀ ଦଳ ସହମତ ଅଛନ୍ତି। ଏଥିପାଇଁ ଉଭୟ ପକ୍ଷର ୧୫୨ ସାଂସଦ ମିଳିତ ନୋଟିସ ଦେଇଛନ୍ତି। ଏହି ନୋଟିସକୁ ଲୋକସଭା ବାଚସ୍ପତି ଗ୍ରହଣ କରିବା ସହିତ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହେବ।

## ବୟନ ଶିଳ୍ପ...

ପାର୍କ ବିକଶିତ କରିବାକୁ ଯୋଜନା ରହିଛି। ସେହିପରି ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଥିବା ବେଳେ ମହିଳାମାନଙ୍କ ପାଇଁ ଅଧିକ ସୁଯୋଗ ରହିଛି, ଯାହାକି ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଦେଶର ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଦେଶରେ...

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧିର ଅସମାନତାକୁ ପ୍ରକଟ କରିଛି । ମୁଣ୍ଡପିଛା ଆୟ ଦୃଷ୍ଟିରୁ କର୍ଣ୍ଣାଟକ ଦେଶର ସବୁଠାରୁ ଧନୀ ରାଜ୍ୟ ହୋଇଥିବାବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ଉଭା ହୋଇଛି । ୨୦୨୪-୨୫ରେ କର୍ଣ୍ଣାଟକରେ ମୁଣ୍ଡପିଛା ହାରାହାରି ଆୟ ୨.୦୪ ଲକ୍ଷ ଟଙ୍କା ଥିବାବେଳେ ବିହାରର ହାରାହାରି ମୁଣ୍ଡପିଛା ଆୟ ୨୦୨୩-୨୪ରେ ମାତ୍ର ୩୨୨୨୭ ଟଙ୍କା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ରିପୋର୍ଟରେ ଉଲ୍ଲେଖ ଅଛି । ସେହିପରି ମଧ୍ୟପ୍ରଦେଶରେ ହାରାହାରି ମୁଣ୍ଡପିଛା ଆୟ ୭୦୪୩୪ ଟଙ୍କା, ଛତିଶଗଡ଼ରେ ୯୩୧୬୧ ଟଙ୍କା, ରାଜସ୍ଥାନରେ ୯୬୬୩୮ ଟଙ୍କା, ଓ ଆସାମରେ ମୁଣ୍ଡପିଛା ହାରାହାରି ଆୟ ୮୧୧୨୭ ଟଙ୍କା ଥିବା ରିପୋର୍ଟରେ କୁହାଯାଇଛି। ଅର୍ଥନୈତିକ ବିକାଶର ବିଭିନ୍ନ ସ୍ତର, ଆଞ୍ଚଳିକ ଗଠନ, ସଂରଚନା ଜନିତ ଅସମାନତା ଏବଂ ଶାସନ ତନ୍ତ୍ରରେ ପାର୍ଥକ୍ୟ ଯୋଗୁଁ ଆୟ ହାର ବୃଦ୍ଧିରେ ପାର୍ଥକ୍ୟ ଦେଖାଯାଇଥାଇପାରେ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଚୌଧୁରୀ ମତ ପ୍ରକାଶ କରିଛନ୍ତି।

## ଡେପୁଟୀ ରେଞ୍ଜରଙ୍କ...

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ଉ କରିଥିଲା। ଏକକାଳୀନ ୬ଟି ସ୍ଥାନରେ ଚଢଉ ହୋଇଥିଲା। ଜୟପୁର ସହର ତାଙ୍କର ପୈତୃକ ଘର, ଜୟପୁର ପିଆର ପେଟ୍ଟା ରୋଡରେ ଥିବା ଗୋଟିଏ ବିଲ୍ଡିଂର ଦୁଇଟି ଆପାର୍ଟମେଣ୍ଟ, ଭୁବନେଶ୍ୱର ରଘୁନାଥପୁରରେ ସମ୍ପର୍କୀୟଙ୍କ ଫ୍ଲାଟ, ଜୟପୁର ସୋମ୍ବର ତୋଟା ଥିବା ସମ୍ପର୍କୀୟଙ୍କ ଘର ଏବଂ ସରକାରୀ ବାସଭବନରେ ଚଢଉ କରିଥିଲା ଭିଜିଲାନ୍ସ। ଚଢଉରେ ବାବୁଙ୍କ ଅମାପ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛି ଭିଜିଲାନ୍ସ। ତାଙ୍କ ଘରେ ଥିବା ଏକ ଗୁପ୍ତ ଟ୍ରେଜେରୀରୁ ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାକୁ ଭିଜିଲାନ୍ସ ଟିମ୍ ଗଣିଗଣି ହାଲିଆ ହୋଇପଡ଼ିଥିଲେ। ଶେଷରେ ଭିଜିଲାନ୍ସ ଟଙ୍କାଗଣା ମେସିନ୍ ଆଣିବା ପରେ ଟଙ୍କା ଗଣାଯାଇଥିଲା। ରାମଚନ୍ଦ୍ରଙ୍କ ନାମରେ ଜୟପୁର, ପିଆର ପେଟ୍ଟା, ଏନ୍‌କେଟି ରୋଡ୍‌ରେ ରହିଛି ଗୋଟିଏ ୩ତାଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଗୋଟିଏ ୩ବିଏଚ୍‌କେ ଫ୍ଲାଟ୍, ପିଆର ପେଟ୍ଟାରେ ଗୋଟିଏ ଆପାର୍ଟମେଣ୍ଟରେ ୨ଟି ୨ବିଏଚ୍‌କେ ପ୍ଲାଟ ରହିଛି। ସେହିପରି ଜୟପୁର ଟାଉନ୍‌ରେ ୧.୩୩କୋଟିର ଦୁଇଟି ପ୍ଲଟ ରହିଛି। ରାମଚନ୍ଦ୍ରଙ୍କ ଘରୁ ୧.୫କେଜି ସୁନା ଏବଂ ୪.୬୩୭କେଜି ରୁପା ଅଳଙ୍କାର ଜବତ କରାଯାଇଛି। ବଡ଼ କଥା ହେଲା ଧରା ନପଡ଼ିବା ପାଇଁ ବାବୁ ସୁନାକୁ ବିସ୍କୁଟ ଏବଂ କଏନ୍ ଆକାରରେ କରି ରଖିଥିଲେ। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ବୀମାରେ ୧କୋଟି ୩୨ଲକ୍ଷ ୮୫ହଜାର ୭୫୪ଟଙ୍କା ରହିଛି। ରାମଚନ୍ଦ୍ରଙ୍କ ନାମରେ ଦୁଇଟି କାର ଏବଂ ୩ଟି ବାଇକ୍ ରହିଥିବା ବେଳେ ୧୫.୫୯ ଲକ୍ଷର ଘରର ବିଭିନ୍ନ ଆସବାବପତ୍ର ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଜୟପୁର ଗୋଲ୍ଡେନ ହାଇଟ ଆପାର୍ଟମେଣ୍ଟର ଗୁପ୍ତ ଟ୍ରେଜେରୀରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଜୟପୁର ଟାଉନ ସ୍ଥିତ ତାଙ୍କ ଘରୁ ୪ ଲକ୍ଷ ୪୪ ହଜାର ଟଙ୍କା ଠାବ ହୋଇଛି। ଜବତ ଟଙ୍କା, ସୁନା ଗହଣା ଏବଂ ଧନସମ୍ପତ୍ତି ସମ୍ପର୍କରେ ପଚରାଉଚରା କରାଯାଇଥିଲେ ମଧ୍ୟ ସେ ଏହାର ହିସାବ ଦେଇ ପାରିନଥିଲେ। ଶେଷରେ ଭିଜିଲାନ୍ସ ତାଙ୍କ ନାମରେ ମାମଲା ରୁଜୁ କରି ଉଠାଇ ନେଇ ପଚରାଉଚରା କରୁଛି।

ଏହି ଚଢ଼ଉରେ ଭିଜିଲାନ୍ସର ୬ଟି ଟିମ୍ ସାମିଲ ଥିଲେ। ଏଥିରେ ୬ ଜଣ ଡିଏସ୍‌ପିଙ୍କ ସମେତ ୫ ଇନ୍ସପେକ୍ଟର ଓ ୯ ଜଣ ଏଏସଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ସାମିଲଥିଲେ।

ରାମଚନ୍ଦ୍ର ୧୯୮୯ ମାର୍ଚ୍ଚ ୯ ତାରିଖରେ ସେ ଗ୍ରାମ୍ୟ ବନ କର୍ମଚାରୀ ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ତାଙ୍କୁ ଜୟପୁର ଫରେଷ୍ଟ ଡିଭିଜନକୁ ବଦଳି କରାଯାଇଥିଲା। ସେବେଠୁ ସେ ଜୟପୁର ଡେପୁଟି ରେଞ୍ଜର ଏବଂ ରେଞ୍ଜର ଦାୟିତ୍ୱରେ ରହିଥିଲେ। ତାଙ୍କର ମାସିକ ଦରମା ୬୯ ହଜାର ୬୮୦ଟଙ୍କା ଥିବା ବେଳେ ଅନ୍ୟାନ ମିଶି ସେ ୭୬ ହଜାର ୮୮୦ ଟଙ୍କା ପାଉଥିଲେ। ଆଜି ପର୍ଯ୍ୟନ୍ତ ସେ ସରକାରୀ ଚାକିରିରେ ଯୋଗଦେବା ପରଠୁ କୋରାପୁଟ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକାଳ ସମୟରେ ଏକାଧିକ ଦୁର୍ନୀତି କରି ଟଙ୍କା ଅର୍ଜନ କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ଭିଜିଲାନ୍ସ ଏହି ଅଭିଯୋଗର ତଦନ୍ତ କରି ସତ୍ୟାସତ ଜାଣିବା ପରେ ଆଜି ସକାଳୁ ଚଢଉ କରିଥିଲା। ଆଉ ୫ ମାସ ପରେ ସେ ଅବସର ନେଇଥାଆନ୍ତେ ବୋଲି ଜଣାପଡ଼ିଛି।

## ବଡ଼ ବର୍ଷାରେ...

ହେଉଥିବା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ଉଭୟ ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ଦୁଇ ଦିନ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ହେବା ନେଇ ଜଳସମ୍ପଦ ବିଭାଗ ମଧ୍ୟ ସତର୍କ କରାଇଛି। ମୁଖ୍ୟତଃ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଓ ବୈତରଣୀ ଆଦି ନଦୀରେ ଜଳସ୍ତର ବଢ଼ିବ। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ଗତକାଲିଠାରୁ ଆଜି ଭିତରେ ୧୫ ଜିଲ୍ଲାର ୪୩ ବ୍ଲକରେ ୫୦ ମିଲିମିଟର ଠାରୁ ଅଧିକ ବର୍ଷା ହୋଇଛି। ତେଣୁ ନଦୀଗୁଡ଼ିକୁ ଜଳପ୍ରବାହ ବୃଦ୍ଧି ପାଇଛି। ହୀରାକୁଦର ଏବେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବା ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ସମସ୍ତ ନଦୀର ଜଳ ସ୍ତର ବିପଦ ସଂକେତ ତଳେ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଜାରି କରିଛନ୍ତି। ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୨୮ ତାରିଖ ଯାଏଁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

## ରାଜ୍ୟର କୌଣସି...

ତାଲିକା ଅନୁସାରେ ଆନ୍ଧ୍ରପ୍ରଦେଶ, କେରଳ ଏବଂ ତାମିଲନାଡୁର ସାମୁଦ୍ରିକ ଉତ୍ପାଦ ଯଥା ଚିଙ୍ଗୁଡ଼ି ଓ ଟୁନା ମାଛ ଭଳି ସାଂଗ୍ରୀ ରହିଥିବା ବେଳେ ଜମ୍ମୁ ଓ କଶ୍ମୀରର ପଶ୍ମିନା ସାଲ୍, କେଶର ଓ ବାସୁମତି ଚାଉଳ, ପଞ୍ଜାବ ଓ ହରିୟାଣାର ବାସୁମତି ଚାଉଳ ଏବଂ ଜଳନ୍ଧରର କ୍ରୀଡ଼ା ସାମଗ୍ରୀ, ଉତ୍ତରପ୍ରଦେଶର ଆଗ୍ରା ଓ କାନପୁରର ଚମଡ଼ା ସାମଗ୍ରୀ ଏବଂ ମୀରଟର କ୍ରୀଡ଼ା ଉପକରଣ ରପ୍ତାନି ହେବ। ସେହିପର ଗୁଜରାଟର ବାନ୍ଧଣୀ ଓ ସୁରଟର ବସ୍ତ୍ର, ମୋର୍ବିର ସେରାମିକ୍ସ ଏବଂ ସୁରଟର ହୀରା, ମହାରାଷ୍ଟ୍ରର କୋହ୍ଲାପୁରୀ ଚପଲ, ଅଙ୍ଗୁର ଓ ପିଆଜ ରପ୍ତାନୀ ହେବ। ପଶ୍ଚିମବଙ୍ଗର ଡାର୍ଜିଲିଂ ଚା, ବାଲୁଚରି ଶାଢ଼ି ଏବଂ ତ୍ରିପୁରାର ରବର ରପ୍ତାନିକୁ ପ୍ରୋତ୍ସାହନ ମିଳିବ। ତାମିଲନାଡୁର କାଞ୍ଚିପୁରମ୍ ଶାଢ଼ୀ, କେରଳର ମସଲା (ଗୋଲମରିଚ, ଅଳେଇଚ), କଫି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଉଦ୍ୟାନ କୃଷି ଉତ୍ପାଦ ରପ୍ତାନୀ ହେବ ଓ ଏଗୁଡ଼ିକ ଶୁଳ୍କମୁକ୍ତ ପ୍ରବେଶ ଦ୍ୱାରା ସିଧାସଳଖ ଲାଭ ପାଇବେ। କିନ୍ତୁ ଦୁଃଖର ବିଷୟ ଯେ ଓଡ଼ିଶାରୁ ଉତ୍ପାଦିତ ଏବଂ ପ୍ରସ୍ତୁତ ହେଉଥିବା ଅନେକ ସାମଗ୍ରୀର ବିଶ୍ୱ ବଜାରରେ ଚାହିଦା ରହିଥିଲେ ହେଁ ଏହି ଚୁକ୍ତିରେ ଓଡ଼ିଶାର ଗୋଟିଏ ବି ସେପରି ସାମଗ୍ରୀ ସ୍ଥାନ ପାଇନାହିଁ।

ବିଭିନ୍ନ ରାଜ୍ୟରୁ ରାପ୍ତାନୀ ହେବାକୁ ଥିବା ସାମଗ୍ରୀ ଭଳି ଓଡ଼ିଶାରେ ମଧ୍ୟ ଅନେକ ସାମଗ୍ରୀ ବିଦେଶରେ ସୁନାମ ଅର୍ଜନ କରିଛି। କୋରାପୁଟ କଫିଠାରୁ ଆରମ୍ଭ କରି କନ୍ଧମାଳ ହଳଦୀ, ଇକତ୍ ଶାଢ଼ି, ସମ୍ବଲପୁରୀ ଶାଢ଼ି ସହ କଟକର ତାରକସୀ କାରୁକାର୍ଯ୍ୟର ସାମଗ୍ରୀ ଆଦି ରପ୍ତାନୀ ହୋଇପାରିଥା'ନ୍ତା। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ତାଲିକାରେ କାହିଁକି ଓଡ଼ିଶାର କୌଣସି ସାମଗ୍ରୀକୁ ସ୍ଥାନ ଦିଆଯାଇ ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଏନେଇ ଓଡ଼ିଶାର ଜିଆଇ ବିଶେଷଜ୍ଞ ଡଃ ଅନିତା ସାବତ୍ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପ୍ରକାଶିତ ତାଲିକାରେ ଆନ୍ଧ୍ର ପ୍ରଦେଶରୁ ଆରୁକୁ କଫି ରପ୍ତାନୀ ହେବ ବୋଲି ଦର୍ଶାଯାଇଛି। ମାତ୍ର ଏହି କଫି ଉଭୟ ଆନ୍ଧ୍ର ଓ ଓଡ଼ିଶାର କୋରାପୁଟରେ ଉତ୍ପାଦନ ହୋଇଥାଏ। ଏମିତିକି ଜିଆଇ ମାନ୍ୟତା ବେଳେ ମଧ୍ୟ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରକୁ ମିଳିତ ଭାବେ 'ଆରୁକୁ ଭ୍ୟାଲି ଆରାବିକା କଫି'ର ମାନ୍ୟତା ମିଳିଥିଲା। ସେହିପରି ହଳଦୀ ରପ୍ତାନୀରେ କନ୍ଧମାଳ ହଳଦୀ ବିଶ୍ୱସ୍ତରରେ ନାଁ ରହିଛି। ମାତ୍ର ଓଡ଼ିଶା ପ୍ରତି ଏଥିରେ ଅନ୍ୟାୟ କରାଯାଇଛି। ଓଡ଼ିଶାକୁ ମର୍ଯ୍ୟାଦା ମିଳିବା ଦରକାର। କେନ୍ଦ୍ର ସରକାର ପୂନର୍ବାର ଓଡ଼ିଶାର ନାଁ ରଖି ତାଲିକା ପ୍ରକାଶ କରିବାକୁ ଡଃ ସାବତ ଦାବି କରିଛନ୍ତି।

ବିଜେଡି ନିଜ ସୋସିଆଲ୍ ମିଡିଆ ପେଜ୍‌ରେ ଡବଲ ଇଂଜିନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ପାଇକ ବିଦ୍ରୋହକୁ ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ଦେଇ ପରବର୍ତ୍ତୀ ସମୟରେ ଭଲ୍ୟୁମ୍-୨ରେ ସ୍ଥାନ ମିଳିବା ଭଳି ଏହି କ୍ଷେତ୍ରରେ ମଧ୍ୟ ସମାନ ପନ୍ଥା ଗ୍ରହଣ କରାଯିବ କି ବୋଲି ଦଳ କଟାକ୍ଷ କରିଛି। ସେହିପରି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏଭଳି ନିଷ୍ପତ୍ତି ପାଇଁ ସମାଲୋଚନା କରିଛନ୍ତି।

## ସୁନାନ୍ତରରେ ଗର୍ଜିଲା...

ଗୁଳିମାଡ଼ କରିଥିଲେ। ବୋମା ମାଡ଼ରୁ ବର୍ତ୍ତି ଯାଇଥିଲେ ମଧ୍ୟ ତାଙ୍କ ଦେହରେ ଗୁଳି ବାଜିଥିବା ଜଣାପଡ଼ିଛି।

ବୋମା ଓ ଗୁଳିମାଡ଼ ଶବ୍ଦ ଶୁଣି ନିରଞ୍ଜନଙ୍କ ପୁତୁରା ମନୁ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କୁ ପିଛା କରୁଥିବା ବେଳେ ତାଙ୍କ ଉପରକୁ ମଧ୍ୟ ଦୁର୍ବୃତ୍ତ ବୋମା ଫିଙ୍ଗିଥିଲେ। ଫଳରେ ସେ ମଧ୍ୟ ଆହତ ହୋଇଛନ୍ତି। ବୋମା ଓ ଗୁଳିମାଡ଼ ପରେ ଦୁର୍ବୃତ୍ତମାନେ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ପଳାଇବାରେ ସକ୍ଷମ ହୋଇଥିଲେ। ପରେ ନିରଞ୍ଜନ ଓ ତାଙ୍କ ପୁତୁରା ମନୁଙ୍କୁ ଗ୍ରାମବାସୀ ଉଦ୍ଧାର କରି ବ୍ରହ୍ମପୁର ବଡମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ପୂର୍ବ ଶତ୍ରୁତାରୁ ଏପରି ଘଟିଥିବା ସୂଚନା ମିଳୁଛି। ଶେରଗଡ଼ ମକରା ଗୌଡ଼ ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ୨୦୧୪ରେ ପୁଲିସ ନିରଞ୍ଜନ ଓରଫ କାଳିଆଙ୍କୁ ସୁରଟରୁ ଗିରଫ କରିଥିଲା।

ଖବର ପାଇ ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠିଙ୍କ ସମେତ ଶେରଗଡ଼ ଥାନା ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଦାସ, ସମୀର କୁମାର ସୁନାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

ସକାଳ
THE SAKALA



### ବିଶାଖାପାଟଣାର ସେଭେନ ହିଲ୍ ହସ୍ପିଟାଲରେ ଗରିବ ପରିବାର ହଟହଟା

# ଆୟୁଷ୍ମାନ କାର୍ଡକୁ ଭରସା କରି ଫସିଗଲେ

**ଭବାନୀପାଟଣା, ୨୫ ।୭ (ସମିସ)**

ଆୟୁଷ୍ମାନ କାର୍ଡ ଭାରତ ବର୍ଷର ବହୁ ବୃହତ୍ତ ହସ୍ପିଟାଲରେ ଲାଗୁ କରାଯାଇଥିବା କଥା କେନ୍ଦ୍ର ସରକାର ଲୋକଙ୍କୁ ଆଶ୍ୱାସନା ଦେଉଛନ୍ତି । ଦୁର୍ଗମ ଅଞ୍ଚଳର ଗରିବ ପରିବାର ଏହିଭଳି ଘୋଷଣାରେ ବୁଝିଥିଲେ ଯେ ଏହାଦ୍ୱାରା ରାଜ୍ୟ ବାହାରେ ଯେଉଁଠି ମଧ୍ୟ ଚିକିତ୍ସା ସେବା ନିଶ୍ଚିତ ମିଳିବ । କିନ୍ତୁ ପରିସ୍ଥିତି ଭିନ୍ନ ଦିଗରେ ଗତି କରୁଛି । ଏହି କାର୍ଡକୁ ଭରସା କରି ଏବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ଗାଁର ବିକ୍ରମ ହରିଜନ ଫସି ଯାଇଛନ୍ତି ।

ସେ ତାଙ୍କ ପୁଅ ମିଥୁନଙ୍କୁ ଏହି କାର୍ଡ ଭରସାରେ ବିଶାଖାପାଟଣାର ସେଭେନ ହିଲ୍ ହସ୍ପିଟାଲରେ ଭର୍ତ୍ତି କରି ଘୋର ହଟହଟାର ଶିକାର ହୋଇଛନ୍ତି । ବୃଦ୍ଧ ବାପମାଆଙ୍କ ମିଥୁନ ଗୋଟିଏ ବୋଲି ରୋଜଗାରିଆ ପୁଅ । କାମ କରି ପରିବାର ଚଳାଉଥିଲେ । ହଠାତ ଅସୁସ୍ଥ ହୋଇପଡ଼ିଲେ । ଦେଖୁ ଦେଖୁ ଗୁରୁତର ହୋଇଗଲେ । ସ୍ଥାନୀୟ ଡାକ୍ତର ଚିକିତ୍ସା କରିବାକୁ ହାତ ଟେକିଦେଲେ । ଶେଷରେ ଅନ୍ୟ ଉପାୟ ନ ପାଇ ସମ୍ପର୍କୀୟଙ୍କ ସହାୟତାରେ ଘର ଲୋକେ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ସେଭେନ ହିଲସ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ତେବେ ପାଖରେ ଆୟୁଷ୍ମାନ ଭାରତ କାର୍ଡ ଥିଲେ ହେଁ ଏହାର କୌଣସି ମୂଲ୍ୟ ନାହିଁ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସଫା ସଫା ମନା କରିଦେଇଛନ୍ତି । ମିଥୁନଙ୍କ ଚିକିତ୍ସା ଲାଗି ଦୈନିକ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଛି । ମିଥୁନଙ୍କ ଘର ଲୋକେ ୭ ଦିନ ମଧ୍ୟରେ ଧାର କରଜ ଓ ଜମି ବନ୍ଧା ରଖି ୩ଲକ୍ଷ ଟଙ୍କା ପୈଠ କଲେଣି । ସେଭେନ ହିଲ ହସ୍ପିଟାଲ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇବାକୁ ତାଲିକାଭୁକ୍ତ ହୋଇ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଏବେ ଟଙ୍କା ମାଗୁଛନ୍ତି । ବର୍ତ୍ତମାନ ଏହି ପରିବାର ସଦସ୍ୟ ନିରୁପାୟ ହୋଇ କାନ୍ଦିବା ସାର ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଆୟୁଷ୍ମାନ ଭାରତ କାର୍ଡ ଆଦୌ କାମ ନ ଦେବାରୁ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି । ଆୟୁଷ୍ମାନ କାର୍ଡ କାମ ନ ଦେବାରୁ ଏହି ଗରିବ ପରିବାର ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ଏ ସମ୍ପର୍କରେ ଲାଞ୍ଜିଗଡ଼ ପ୍ରେସ୍‌କ୍ଲବର ସଭାପତି ସୁଶୀଲ ବାଗ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ 'ଏକ୍ସ'ରେ ଅବଗତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଏହାସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଚିକିତ୍ସା ସହାୟତା ପାଇଁ ଗୁହାରି କରିଛନ୍ତି ।



- କୌଣସି ମୂଲ୍ୟ ନ ଥିବା କହିଲା ହସ୍ପିଟାଲ
- ରାତି ପାହିଲେ ୫୦ ହଜାର ଖର୍ଚ୍ଚ ହେଉଛି
- ସର୍ବସ୍ୱାନ୍ତ ହେଲେଣି ବୃଦ୍ଧ ବାପା, ମାଆ

## ଯାତ୍ରୀ ବିଶ୍ରାମଗୃହ, ଶୌଚାଳୟ ନିର୍ମାଣ ଦାବି

**ଭବାନୀପାଟଣା, ୨୫ ।୭ (ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଖ କଲେଜ ଛକରେ ୨ଟି ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ସହ ଏକ ଶୌଚାଳୟ ନିର୍ମାଣ କରିବା ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ରନେତାମାନେ ଭବାନୀପାଟଣା ନଗରପାଳ ବିଷ୍ଣୁ ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଛାତ୍ରନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ପୌରାଧ୍ୟକ୍ଷଙ୍କୁ ସାକ୍ଷାତ କରି ବସ୍‌ଷ୍ଟପ ବା ଯାତ୍ରୀ ଗୃହ ନ ଥିବା ଯୋଗୁଁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ । ବର୍ତ୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ରାୟ ୪ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ବସରେ ଯିବା ଆସିବା କରିଥାନ୍ତି । ବସ ବିଳମ୍ବ ଯୋଗୁଁ ସେମାନେ ଖରା ଓ ବର୍ଷାରେ ଘଣ୍ଟା ଘଣ୍ଟା ଧରି ଜାତୀୟ ରାଜପଥ ଉପରେ ଛିଡା ହୋଇ ବସକୁ ଅପେକ୍ଷା କରୁଛନ୍ତି । ଏଣୁ ଭବାନୀପାଟଣା ପୌରପାଳିକା ତରଫରୁ କଲେଜ ଛକଠାରେ ଦୁଇଟି ବସ ଷ୍ଟପ ନିର୍ମାଣ ସହ ଏକ ଶୌଚାଳୟ ନିର୍ମାଣ କରାଗଲେ ଛାତ୍ରଛାତ୍ରୀଙ୍କ ସହ ସାଧାରଣ ନାଗରିକ ମଧ୍ୟ ଆଶ୍ୱସ୍ତି ଅନୁଭବ କରିବେ ବୋଲି ଛାତ୍ର ନେତାମାନେ କହିଛନ୍ତି । ସମାନ ଦାବିପତ୍ର ସେମାନେ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି । ତେବେ ୧୫ ମଧ୍ୟରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ଉଭୟ ପୌରାଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି । ଚୈତନ୍ୟ ବାଗ, ମାନସ ସିନ୍ଦୂର, ଦୁଷ୍ମନ୍ତ ରଣା, ରୋହନ ମହାପାତ୍ର, ଆଦିତ୍ୟ ରାଉତ, ଅଂଶୁମାନ ନାଗ, ପିନାକୀ ଆଚାର୍ଯ୍ୟ, କମଳେନ୍ଦ୍ର ତାଣ୍ଡି, କୋଶଳ ରାଉତ, ଆଦର୍ଶ ସୁନ୍ଦର, ସୁରଜ ହରପାଲ ପ୍ରମୁଖ ନଗରପାଳଙ୍କୁ ଭେଟିଥିଲେ । ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, କାଉନସିଲର କ୍ଷୀରସିନ୍ଧୁ ନାଏକ, ଶିବା ସାହୁ, ରଞ୍ଜୁକ୍ତା ପ୍ରଧାନ, ଯୁବନେତା ନବୀନ ନାୟକ, ମିଳନ ମୁଣ୍ଡ, ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।



### ଟିଟିଲାଗଡ଼ ଅଞ୍ଚଳରେ ଗଜା ମରୁଡ଼ି ଆଶଙ୍କା

## ସ୍ଥିତି ପରଖିଲେ ପୂର୍ବତନ ମନ୍ତ୍ରୀ

**ଟିଟିଲାଗଡ଼, ୨୫ ।୭ (ସମିସ):** ଟିଟିଲାଗଡ଼ ଅଞ୍ଚଳରେ ଚଳିତ ଖରିଫ ଋତୁରେ ବର୍ଷାଭାବରୁ ଗଜା ମରୁଡ଼ି ଆଶଙ୍କା ଦେଖାଦେଇଛି । ପୂର୍ବ ସରକାରଙ୍କ ଦ୍ୱାରା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ନିର୍ମିତ ୯ଟି ବୃହତ ଉଠାଜଳସେଚନ ପ୍ରକଳ୍ପରେ ବର୍ତ୍ତମାନ ତାଲା ଝୁଲୁଛି । ଏହାକୁ ନେଇଗୁରୁବାର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାଷୀ ସଇଁତଲା ବ୍ଲକର ଜାତୀୟ ରାଜପଥ ୨୬ ଅବରୋଧ କରିଥିଲେ ।ଆନ୍ଦୋଳନରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଚାଷୀଙ୍କୁ ବର୍ତ୍ତମାନର ସରକାର ତଳିତଳାନ୍ତ କରିବା ଭଳି ଆଭିମୁଖ୍ୟକୁ କଡା ନିନ୍ଦା କରିଥିଲେ । ଶୁକ୍ରବାର ପୂର୍ବତନ ଶ୍ରୀମତୀ ସାହୁ ଟିଟିଲାଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କାଳରେ କରାଳ ମରୁଡ଼ିସ୍ଥିତି ନେଇ ଦୁଃଖ ପ୍ରକାଶ କରିଛନ୍ତି ।ତାଙ୍କ ସରକାର ସମୟରେ ଟିଟିଲାଗଡ଼ ବ୍ଲକରେ ଦୁଇଟି, ସଇଁତଲା ବ୍ଲକରେ ଚାରି ଗୋଟି, ଗୁଡଭେଲା ବ୍ଲକରେ ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ପ୍ରାୟ ୭ ବର୍ଷ ହେଲା ଚାଷୀଙ୍କ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଥିଲା । ତେବେ ବର୍ତ୍ତମାନର ସରକାର ଉକ୍ତ ସମସ୍ତ ପ୍ରକଳ୍ପ ଗୁଡିକରେ ତାଲା ବନ୍ଦ କରିଦେଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଆହୁରି ୧୭୦୦ କୋଟି ଟଙ୍କାର ବିଭିନ୍ନ ଜଳସେଚନ ପ୍ରକଳ୍ପ ପାଇଁ ଟେଣ୍ଡର ମଧ୍ୟ କରିସାରିଥିଲେ । ହେଲେ ବର୍ତ୍ତମାନର ଚାଷୀ ବିରୋଧି ବିଜେପି ସରକାର ଏହାକୁ ବାତିଲ କରିବା ଭଳି ଅକ୍ଷମଣୀୟ ଅପରାଧକୁ ଚାଷୀ କେବେ ବରଦାସ୍ତ କରିବେ ନାହିଁ । କ୍ଷତିଗ୍ରସ୍ତ ଚାଷୀ ପରିବାରଙ୍କ ସହ ଆଗାମୀ ଦିନରେ ଆମେ ମଧ୍ୟ ଏହାର ଜବାବ ମାଗିବୁ, ଚାଷୀଙ୍କୁ ହଇରାଣ ହରକତ କରୁଥିବା ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଛନ୍ତି ।



## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର

**ବୌଦ୍ଧ, ୨୫ ।୭ (ସମିସ):** ବୌଦ୍ଧ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ପକ୍ଷରୁ ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସୁକନ୍ୟା ସମୃଦ୍ଧି ଯୋଜନାର ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ ସୂଚନା ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଲଡିଏମ୍ ତନ ବାସକୋଟି ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଅଟଳ ପେନସନ ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ବିଷୟରେ ସୂଚନୟ ପ୍ରଦାନ କରିଥିଲେ । ଆଇପିଓ କୃଷ୍ଣ ଶତପଥୀ କିଶାନ ବିକାଶ ପତ୍ର, ପ୍ରୋଭିଡେଣ୍ଟ ଫଣ୍ଡ, ପୋଷ୍ଟାଲ ଲାଇଫ ଇନସୁରାନ୍ସ, ଗ୍ରୁପ ଆକ୍ସିଡେଣ୍ଟାଲ ଇନସୁରାନ୍ସ, ବିଶେଷ କରି ସୁକନ୍ୟା ସମୃଦ୍ଧି ଯୋଜନା ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ଯୁଧିଷ୍ଠିର ମେହେର ଆର୍ଥିକ ସାକ୍ଷରତାର ମୁଖ୍ୟ ବିଷୟ ସଞ୍ଚୟ, ଋଣ ପରିଚାଳନାର ଦକ୍ଷତା, ନିବେଶ ଓ ଏହା ଦ୍ୱାରା ନାରୀମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ଏହି ବିଷୟରେ ଆଲୋକପାତ କରିଥିଲେ । ଉପ ଜିଲ୍ଲାପାଳ ପ୍ରବୀଣ ବାଣ୍ଡୁଆ ସାକ୍ଷରତା ଏବଂ ଆର୍ଥିକ ସାକ୍ଷରତା ମଧ୍ୟରେ ପାର୍ଥକ୍ୟକୁ ଦର୍ଶାଇବା ସହ ଆୟ, ବ୍ୟୟ, ସଞ୍ଚୟ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବାଖ୍ୟା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଜୀବନରେ ଧନର ମହତ୍ତ୍ୱ ଟଙ୍କାର ସଦୁପଯୋଗ ଓ ଲୁଟ/ଠକେଇ ଠାରୁ କିପରି ଟଙ୍କାକୁ ସୁରକ୍ଷିତ ରଖାଯାଇପାରିବ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାପାଳ ସୁବ୍ରତ ପଣ୍ଡା ସାଇବର/ ଡିଜିଟାଲ ଠକେଇ ଓ ଅନଲାଇନ ଗ୍ୟାମ୍ବଲିଙ୍ଗ ଏବଂ ଅପରିଚିତ ଲୋକଙ୍କଠୁ ଆସୁଥିବା ଏସଏମଏସ, କଲରୁ ସାବଧାନ ରହିବା ନିମନ୍ତେ ଉପଦେଶ ପ୍ରଦାନ କରିଥିଲେ । ବୌଦ୍ଧ ବ୍ଲକର ସେକ୍ସନ ଅଫିସର ନିରଞ୍ଜନ ପାଢ଼ୀ, ସ୍ୱଳ୍ପ ସଞ୍ଚୟ ବିଭାଗର ମହେଶ୍ୱର ମହାରଣା ଓ ବିଦ୍ୟାଧର ମେହେର ଏବଂ ଧରଣୀଧର ମେହେର ସହଯୋଗ କରିଥିଲେ । ସୁକାନ୍ତ ତ୍ରିପାଠୀ ଧନ୍ୟବାଦ ଜଣାଇଥିଲେ ।

## ବୁଲା ଗାଈଗୋରୁଙ୍କୁ ଉଠାଇନେଲା ଏନ୍‌ଏସି



**ଧର୍ମଗଡ଼, ୨୫ ।୭ (ସମିସ):** ଧର୍ମଗଡ଼ ସହରର ମୁଖ୍ୟ ରାସ୍ତାରେ ଗାଈଗୋରୁଙ୍କ ଅବାଧ ଯାତାୟତ ଯୋଗୁଁ ଦୁର୍ଘଟଣା ଘଟୁଛି । ଜୀବନ ହାନି ହେଉଛି । ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପ୍ରଥମ ଦିନରେ ଏନଏସି ୨୮ ଟି ବୁଲା ଗାଈଗୋରୁଙ୍କୁ ଅଟକ ରଖିଛି । ଏହି ଗାଈଗୋରୁଙ୍କୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅଟକ ରଖି ଖାଦ୍ୟ ବ୍ୟବସ୍ଥା କରାଯାଇଛି । ୩ ଦିନ ମଧ୍ୟରେ ସମ୍ପୃକ୍ତ ଗାଈ ଗୋରୁଙ୍କ ମାଲିକ ଜରିମାନା ପୈଠ କରି ଚୁକ୍ତିନାମା ସ୍ୱାକ୍ଷର ପୂର୍ବକ ନିଜ ନିଜ ଗାଈଗୋରୁଙ୍କୁ ନେଇପାରିବେ । ନ ଚେତ ଏହି ଗାଈଗୋରୁଙ୍କୁ ବଲାଙ୍ଗିର ଗୋଶାଳାକୁ ପଠାଯିବ ବୋଲି ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର ପ୍ରକାଶ କରିଛନ୍ତି ।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୨୫ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ନେଇ ଗୋଲାମୁଣ୍ଡା ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁରା ମହାନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ଗଙ୍ଗାଧର ରାଉତ, ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଲୀଳାମ୍ବର ବିଶି ସଭାପତିତ୍ୱ କରିଥିବାବେଳେ ମାନଝରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ମେହେର ସଭା ପରିଚାଳନା କରିଥିଲେ । ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଶକ୍ତି ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ୪୩ଟି ପ୍ରକଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀ ଜନ ସଚେତନ ବାର୍ତ୍ତା ଦେଇଥିଲେ । ସର୍ବମାଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ ମିଶ୍ର ଓ କବିପ୍ରସାଦ ପଟ୍ଟନାୟକ ବିଚାରକ ଥିଲେ । ସୌମ୍ୟରଞ୍ଜନ ମିଶ୍ର, ବିକ୍ରମ ମାଝୀ, ସସ୍ମିତା ମଙ୍ଗରାଜ, ଅଲିଶା ବରାଳ, ଅରୁଣ ପାଣିଗ୍ରାହୀ, ରଞ୍ଜନ ଜେନା, ସୁବ୍ରତ ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ ।

## ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଚାରାରୋପଣ

**କଣ୍ଟାବାଞ୍ଜି, ୨୫ ।୭ (ସମିସ):** କଣ୍ଟାବାଞ୍ଜି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପିନେତା ଶିବାଜୀ ମହାନ୍ତି, ବେଦବ୍ୟାସ ନାଗ, କଣ୍ଟାବାଞ୍ଜି ରେଞ୍ଜର ସିଦ୍ଧାନ୍ତ ସାହୁ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାଣବନ୍ଧୁ ମହାପାତ୍ର, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । କୈଳାଶ ଦୀପ, ରୋପଣ ମହତ, ତୁଳସୀରାମ ଜଗତ, ବୈକୁଣ୍ଠ ମହାନନ୍ଦ, ମୋହନ ସୁନା, ବାବୁ ସିଙ୍ଗ, ଶିକ୍ଷକ କନିଷ୍ଠ ଭୋଇ, କ୍ଷୀରୋଦ ସେଠ, ଅଦିତି ମିଶ୍ର, ପ୍ରଜ୍ଞା ପରପିତା ପାଢ଼ୀ, ଜ୍ୟୋତିରଞ୍ଜନ ବାରିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ପିଏମ୍‌ଏସ୍‌ବିୱାଇ ବାବଦ ୨ ଲକ୍ଷ ଟଙ୍କା ବୀମା ପାଇଲେ ମୃତକଙ୍କ ପତ୍ନୀ

**ନୂଆପଡ଼ା/କୋମନା, ୨୫ ।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନାର କୁରେଶ୍ୱର ଷ୍ଟେଟବ୍ୟାଙ୍କ ଶାଖା ଜଣେ ଗ୍ରାହକଙ୍କ ପରିବାରକୁ ପିଏମ୍‌ଏସ୍‌ବିୱାଇ ବାବଦ ବୀମା ପ୍ରଦାନ କରିଛି । ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା କୁମୁଟିମୁଣ୍ଡା ଗାଁର ଅଲେଖ ବଘେଲଙ୍କ ପତ୍ନୀ ଲଳିତା ବଘେଲଙ୍କୁ ବ୍ୟାଙ୍କ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛି । ବ୍ୟାଙ୍କ ଶାଖା ପରିଚାଳକ ଭୁପତି ନିଆଲ ଏହି ଚେ଼ ପ୍ରଦାନ କରିଥିଲେ । ଗତ ବର୍ଷ ଉଦ୍ୟାନବନ୍ଧ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍ ଚାପାରେ ଅଲେଖଙ୍କ ମୃତ୍ୟୁ ଘଟିଥିଲା । ଏହି ବ୍ୟାଙ୍କରେ ଅଲେଖଙ୍କ ଏକ ଆକାଉଣ୍ଟ ରହିଛି । ସେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ୨୦ଟଙ୍କାର ପ୍ରିମିୟମ ରାଶି ଜମା କରିଥିଲେ ।



## ଭଙ୍ଗା କୋଠାଘରୁ ଲୁହାଛଡ଼, ଇଟା ନେବାକୁ ଭିଡ଼



**ମନମୁଣ୍ଡା, ୨୫ ।୭ (ସମିସ):** ମନମୁଣ୍ଡାଠାରେ ତେଲନଦୀରେ ନିର୍ମାଣାଧୀନ ଦ୍ୱିତୀୟ ସେତୁ ଆପ୍ରୋଚ ରୋଡରେ ଥିବା ଅନେକ ତିନି ମହଲା କୋଠାକୁ ପ୍ରଶାସନ କିଛି ଦିନ ତଳେ ଭାଙ୍ଗି ଦେଇଛି । ଘର ମାଲିକଙ୍କୁ ଜମି ଓ କୋଠା ଅଧିଗ୍ରହଣ ବାବଦ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯାଇଛି । ସେମାନେ କିନ୍ତୁ ଉଚିତ୍ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିବାରୁ ବିବାଦ ଉପୁଜିଥିଲା । ଶେଷରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଲାଗାଇ ଘର ଭାଙ୍ଗା ଯାଇଥିଲା । ଏଣୁ ବର୍ତ୍ତମାନ ଭଙ୍ଗା ଘରର ଆବର୍ଜନା ପଡ଼ି ରହିଛି । ଗରିବ ଶ୍ରେଣୀର ଲୋକେ ଏବେ ସେମାନଙ୍କ ଘର ନିର୍ମାଣ ପାଇଁ ଏଠାରୁ ଇଟା ସଂଗ୍ରହ କରି ନେଉଛନ୍ତି । କେତେକ ଲୋକ ଭଙ୍ଗାଇଟା ସଂଗ୍ରହ କରି ବିକ୍ରି ଦୁଇ ପଇସା ରୋଜଗାର କରୁଛନ୍ତି । ତେବେ ଲୁହା ଛଡ଼ ସଂଗ୍ରହ ଲାଗି ବେଶୀ ଭିଡ ହେଉଛି । ଲୋକେ ବହୁ ପରିଶ୍ରମ କରି କଂକ୍ରିଟ ଫଟାଉଛନ୍ତି । ସେଥିରୁ ଲୁହା ଛଡ଼ ବାହାର କରି କବାଡିଆ ନିକଟରେ ବିକ୍ରି କରୁଛନ୍ତି ।

## ଅମୃତା ମାତୃପିତୃ ସେବା ସମ୍ପନ୍ନ

**ଧର୍ମଗଡ଼, ୨୫ ।୭ (ସମିସ):** ଗୋଲାମୁଣ୍ଡା ବ୍ଲକ ଉଚ୍ଛଲା ଗ୍ରାମସ୍ଥିତ କପା ମଣ୍ଡିରେ ଅମୃତା ମାତୃ ପିତୃ ସେବା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡ. ଯଶୋଧାରା ମିଶ୍ରଙ୍କ ପ୍ରେରଣାରେ ସ୍ଥାନୀୟ ବାଳ ଗୋପାଳ ସେବା ନିକେତନ ଓ ମାତା ଅମୃତା ନନ୍ଦ ମୟୀ ମଠର ଯୁବ ଶାଖା ଆୟୁଧ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା । ଡା. ସୁମନ ସିଦ୍ଧାର୍ଥ ମେହେର, ଡା ରବୀନ୍ଦ୍ର ନାଥ ଖଟୁଆ, ଡା. ବିଜୟ ପଣ୍ଡା, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଚହଗାଁ, ବଡଚେରଗାଁ ଓ ଉଚ୍ଛଲା ପଞ୍ଚାୟତର ବୃଦ୍ଧବୃଦ୍ଧା ପିତାମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା । ମହିଳା ସ୍ୱାସ୍ଥ୍ୟକର୍ମୀ ଲୀଳାବତୀ ମେହେର ସହଯୋଗ କରିଥିଲେ । ୩୮ ୯ ଜଣ ପୁରୁଷ ଓ ୬୧୨ ଜଣ ମହିଳାଙ୍କୁ ସ୍ୱାସ୍ଥ୍ୟସେବା, ଅନ୍ନସେବା, ବସ୍ତ୍ରସେବା ଯୋଗାଇ ଦେବା ସହ ମଧୁମେହ ପରୀକ୍ଷା କରାଯାଇଥିଲା । ଦୃଷ୍ଟି ଶକ୍ତି ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଇଥିଲା । ଶ୍ରୀଜଗନ୍ନାଥ ନେତ୍ରାଳୟର ସହଯୋଗରେ ମୋତିଆ ବିନ୍ଦୁ ପରୀକ୍ଷା କରାଯାଇଥିଲା । ୭୦ ଜଣଙ୍କଠାରେ ମୋତିଆ ବିନ୍ଦୁ ଚିହ୍ନଟ କରଯାଇଥିଲା । ୨୫ରିଖ ଦିନ ସେମାନଙ୍କୁ ଆଣି ଭବାନୀପାଟଣା ଶ୍ରୀ ଜଗନ୍ନାଥ ନେତ୍ରାଳୟଠାରେ ନିଃଶୁଳ୍କ ଅସ୍ତ୍ରୋପଚାର କରାଯିବ । କେଶବ ଭୋଇ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିତାମ୍ବର ଶବର, ପାଣ ସ୍ୱାଇଁ, ଗଙ୍ଗାଧର ଶବର, ପୂର୍ଣ୍ଣଚନ୍ଦ୍ର ଶବର, ଜଗନ୍ନାଥ ଶବର ପ୍ରମୁଖ ସହଯୋଗ କରିଥିଲେ । ବାଳ ଗୋପାଳ ସେବା ନିକେତନର ପ୍ରତିଷ୍ଠାତା ଶ୍ରୀ ହେମନ୍ତ କୁମାର ମୁଣ୍ଡ କାର୍ଯକ୍ରମ ପରିଚାଳନା କରିଥିଲେ ।

## ନାରୀ ସୁରକ୍ଷା ଉପରେ କର୍ମଶାଳା




**ଭବାନୀପାଟଣା, ୨୫ ।୭ (ସମିସ):** କଳାହାଣ୍ଡି ଆଇନ ମହାବିଦ୍ୟାଳୟରେ ନାରୀ ସୁରକ୍ଷା ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସୁନୀଲ ମୁଣ୍ଡ ଏଥିରେ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଦୀପ ପଟ୍ଟନାୟକ, ବିଶ୍ୱଜିତ କର, ଅଧ୍ୟାପକ ନରେନ୍ଦ୍ର ମାହାର, ହରିଶ ବେହେରା, ଅବିନାଶ ପୁରୋହିତ, ଦୀପ୍ତିରାଣୀ ପଟ୍ଟନାୟକ, ସତ୍ୟେନ ଚୌଧୁରୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ବିଶି, ହେମନ୍ତ ଦାସ, ବିକ୍ରମ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

**ନୂଆପଡ଼ା:** ନୂଆପଡ଼ା ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ମଧ୍ୟ ନାରୀ ସୁରକ୍ଷା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଯେଉଁ ବିଭାଗରେ ୧୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି ୭ ଦିନ ମଧ୍ୟରେ ଏକ କମିଟି ଗଠନ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଙ୍ଗୀତା ପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ଆଇନ ପ୍ରାଧିକରଣ ସେବା ସଚିବ ନବନୀତା ଦାଶ ଏବଂ ଆଇନଜୀବୀ କୁମୁଦ ଚନ୍ଦ୍ର ହୋତା କର୍ମକ୍ଷେତ୍ରରେ ମହିଳାମାନେ ସମ୍ମୁଖୀନ ହେଉଥିବା ଯୌନ ନିର୍ଯାତନା ଜନିତ ସମସ୍ୟା, ପ୍ରତିରୋଧ ଓ ନିବାରଣ ନିମନ୍ତେ ଉଦ୍ଦିଷ୍ଟ ଆଇନ -୨୦୧୩ ଅନୁଯାୟୀ ଥିବା ବିଧିବଦ୍ଧ ବ୍ୟବସ୍ଥା ଏବଂ ଏହାର ନିରାକରଣ ନିମନ୍ତେ ତାଲିମ ଦେଇଥିଲେ । ଏଥିରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ପୁଲିସ ଅଧିକାରୀ, ସାମାଜିକ ଅନୁଷ୍ଠାନ, ବ୍ୟାଙ୍କ, ବାଣିଜ୍ୟିକ ଅନୁଷ୍ଠାନର କର୍ମଚାରୀ ତାଲିମ ନେଇଥିଲେ । ମଞ୍ଜୁ ଶୁକ୍ଳା ଧନ୍ୟବାଦ ଦେଇଥିବାବେଳେ ରଞ୍ଜନ ସାହୁ ପରିଚାଳନା କରିଥିଲେ ।

## ମହରାପଦର-ସରଗିପାଲି ରାସ୍ତା ଶୋଚନୀୟ

**ଖପ୍ରାଖୋଲ, ୨୫ ।୭ (ସମିସ):** ସରକାର ଗାଁରୁ ସହରକୁ ରାସ୍ତା ସଂଯୋଗ କରିବାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି କେଉଁଠି ସିମେଣ୍ଟ କଂକ୍ରିଟ ରାସ୍ତା ଉପରେ ପୁଣି କଂକ୍ରିଟ ରାସ୍ତା ତିଆରି ହେଉଛି । ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ରାସ୍ତା ଅବସ୍ଥା ସୁଧୁରୁ ନାହିଁ । କାଦୁଅ ପଚପଚ ରାସ୍ତା ଦେଖିବାକୁ ମିଳିଛି । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମହରାପଦର ପଞ୍ଚାୟତରୁ ସରଗିପାଲି ଗାଁକୁ ସଂଯୋଗ କରୁଥିବା ରାସ୍ତାର କଥା ନ କହିବା ଭଲ । ଏହି ରାସ୍ତାରେ ବର୍ଷା ଦିନରେ ଯାନବାହାନ ତ ଦୂରର କଥା ଚାଲିଚାଲି ଯିବା ଆସିବା ମଧ୍ୟ ସମ୍ଭବ ନୁହେଁ । ସର୍ଗିପାଲିଗ୍ରାମରୁ ମହରାପଦର ମଧ୍ୟରେ ଥିବା ପଞ୍ଚାୟତ ରାସ୍ତା ସିଧାସଲଖ ପଞ୍ଚାୟତ ମହକୁମା ତଥା ଖପ୍ରାଖୋଲ ବ୍ଲକ ମହକୁମାକୁ ଯୋଡୁଛି ।ପଞ୍ଚାୟତ ଓ ବ୍ଲକକୁ ବିଭିନ୍ନ କାମ ପାଇଁ ସର୍ଗୀପାଲି ତଥା ଏହାର ଆଖପାଖ ଲୋକେ ଏହି ରାସ୍ତାକୁ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ବ୍ୟବହାର କରିଥାନ୍ତି । ଆହୁରି ମଧ୍ୟ ଯେ ମହାରାପଦର ପଞ୍ଚାୟତ ହୋଇଥିବା ଯୋଗୁଁ ପଞ୍ଚାୟତକୁ ଭତ୍ତା, ରାସନ, ଆଦିକାମ ପାଇଁ ସର୍ଗିପାଲିର କାଦୁଅ ପଚପଚ ରାସ୍ତାରେ ଯାତାୟାତ ପାଇଁ ବାଧ ହେଉଛନ୍ତି । କାରଣ ସର୍ଗୀପାଲି ପାଇଁ ଏହି ଗୋଟିଏ ରାସ୍ତା ସିଧାସଳଖ ପଞ୍ଚାୟତକୁ ସଂଯୋଗ କରୁଛି । ଏହା ସହିତ ସର୍ଗିପାଲିରୁ ମହରାପଦର ଉଚ୍ଚ ବିଦ୍ୟାଳୟ ଓ ଖପ୍ରାଖୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କଚ୍ଚା ରାସ୍ତାରେ ଯାତାୟାତ କରୁଛନ୍ତି । ବର୍ଷା ଦିନରେ ରାସ୍ତାରେ ଖାଲ ଖମାରେ ପାଣି ଭର୍ତ୍ତି ହୋଇଯାଇ ଯିବା ଆସିବାରେ ଅସୁବିଧା ହୋଇଥାଏ । ଯାହାକି ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ ବାଧା ହେବା ସହିତ ଛାତ୍ର ଛାତ୍ରୀ ବହୁ କଷ୍ଟରେ ଯିବା ଆସିବା କରିଥାନ୍ତି । ମହରାପଦର ଉଚ୍ଚ ବିଦ୍ୟାଳୟକୁ ଏହି ରାସ୍ତାରେ ଚାଲିଚାଲି ଯିବାକୁ ବି କଷ୍ଟ ହୋଇପଡୁଛି । ଏହି ରାସ୍ତା ଏକ ମୁଖ୍ୟ ରାସ୍ତା ହୋଇଥିବା ଯୋଗୁଁ ଏହାର ଉନ୍ନତିକରଣ ନିହାତି ଆବଶ୍ୟକ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ସର୍ଗିପାଲୀ ଠାରୁ ମହରାପଦର ରାସ୍ତାର ଉନ୍ନତିକରଣ ଶୀଘ୍ର କରିବା ପାଇଁ ସାଧାରଣରେ ଦାବି ହେଉଛି ।



### ଜିଲ୍ଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ହାଇଟେକ୍ ପବ୍ଲିକ୍ ସ୍କୁଲ ଚାମ୍ପିଅନ

**ଭବାନୀପାଟଣା, ୨୫ ।୭ (ସମିସ)**

ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମେ ୨୧ରୁ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସର ଚୂଡାନ୍ତ ମ୍ୟାଚ ଭବାନୀପାଟଣା ହାଇଟେକ ପବ୍ଲିକ ସ୍କୁଲ ଓ ବିକାଶ ଆବାସିକ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ହାଇଟେକ ପବ୍ଲିକ ସ୍କୁଲ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ଓଭରରେ ୮ ୱିକେଟ ହରାଇ ୧୬୩ ରନ୍ ସଂଗ୍ରହ କରିଥିଲା । ଜବାବରେ ବିକାଶ ଆବାସିକ ବିଦ୍ୟାଳୟ ୧୬.୧ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୬୭ ରନ୍ ସଂଗ୍ରହ କରିଥିଲା । ଏହାଫଳରେ ହାଇଟେକ୍ ପବ୍ଲିକ ସ୍କୁଲ ୯୬ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଖେଳକୁ ଜଗଦୀପ ସିଂ ଓ ମଳୟ ବାଗ ପରିଚାଳନା କରିଥିଲେ । ସାକ୍ଷୀ ଗୋପାଳ ପଣ୍ଡା ଡିଜିଟାଲ ସ୍କୋରର ଦାୟିତ୍ୱ ନେଇଥିଲେ । ମନୋଜ ସିଂ ମାନୁଆଲ ସ୍କୋରର ଦାୟିତ୍ୱ ନେଇଥିଲେ । ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ହାଇଟେକ ପବ୍ଲିକ ସ୍କୁଲର ବିଶ୍ୱଜିତ ସେଣ୍ଡ୍ରିଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ ବେହେରା ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ । ସଂସ୍ଥାର ଉପସଭାପତି ରାମ କୁମାର ଜୈନ, ଅର୍ଜୁନ ପଟ୍ଟନାୟକ, କାଳିପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠି, ସର୍ଦ୍ଦାର ସନ୍ତ ସିଂ, ମହମ୍ମଦ ଅବଦୁଲ କାଦିର, ସର୍ଦ୍ଦାର ନିର୍ମଳ ସିଂ, ଧିରେନ୍ଦ୍ର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ଭିକାରି ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ସମ୍ଭୁ ପ୍ରସାଦ ରାଉତ, ପଙ୍କଜ ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର ପଣ୍ଡା, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଡତ, ଅମୀୟ ସେନାପତି, ଆଶୁତୋଷ କୁମାର, ରବି ଚନ୍ଦ୍ର ନାଏକ, ବିପ୍ଳବ ସିଂ, ତେଜେଶ୍ୱର ଆଚାରୀ, ତେଜେନ ଦୁର୍ଗା, ଗୋଷିବା ନାଏକ ପ୍ରମୁଖ ଉପସ୍ଥି ଥିଲେ ।



## ବିଇଓଙ୍କ ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ



ଶଗଡା,୨୫ ।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି । ଦୈନିକ 'ସକାଳ'ରେ ନିକଟରେ ଏ ସମ୍ପର୍କରେ ଏକ ଖବର ପ୍ରକାଶ ପାଇଛି । ଏହାପରେ ବ୍ଲକ୍ ଶିକ୍ଷା ବିଭାଗର ନିଦ ଭାଙ୍ଗିଛି ।

ଶୁକ୍ରବାର କଣ୍ଟାମାଳ ବ୍ଲକ୍ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି ରଣ୍ଡିମହୁଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ ତରଫରୁ ପ୍ରଥମେ ବିଇଓ ଅଶୋଭ ରଞ୍ଜନ ମାଳି ଓ ଏବିଇଓ ଦୁର୍ଗା ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଭିନ୍ନ ଶ୍ରେଣୀକୁ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କୁ ପାଠପଢା, ମାଧ୍ୟାହ୍ନଭୋଜନ ତଥା ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ ।

ପରେ ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଜଗନ୍ନାଥ ମହାପାତ୍ର, କେଙ୍କମଞ୍ଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁ, ସହକାରୀ ଶିକ୍ଷକ ଅକ୍ରୁର ପ୍ରଧାନ, ଆଲୋକ ସାହୁ, ଦେଶବନ୍ଧୁ ବାରିକ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ, କାଦମ୍ବିନୀ ସେଠି, ଏସଏମସି ସଭାପତି ଦେବେନ୍ଦ୍ର ସାହୁ, ପୂର୍ବତନ ଏସଏମସି ସଭାପତି ପୂର୍ଣ୍ଣଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ୟା ଉପରେ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ ।

# ଗାଁଗଣ୍ଡା ଜଳବନ୍ଦୀ, ବାହ୍ୟ ଜଗତରୁ ବିଚ୍ଛିନ୍ନ

## ବୁଡ଼ିଗଲା ଟୁନିମୁଣ୍ଡା ମେହେରୁଣୀ ବ୍ରିଜ୍



ଶଗଡା,୨୪ ।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଲଗାଣ ବର୍ଷା ଯୋଗୁଁ ଟୁନିମୁଣ୍ଡା ନିକଟ ମେହେରୁଣି ବ୍ରିଜ୍ ବୁଡିଯାଇଛି । ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ପାଣି ଚାଲିଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ଦୈନିକ ଶତାଧିକ ଗାଡିମୋଟର, ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ସ୍କୁଲ, କଲେଜକୁ ଯାତାୟାତ କରୁଥିବା ବେଳେ ଏବେ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି । ଉପର ମୁଣ୍ଡରେ ଲଗାଣ ବର୍ଷା ଲାଗି ରହିବା ବେଳେ ପାଣିର ସ୍ରୋତ ବଢିବାକୁ ଲାଗିଛି । ବର୍ତ୍ତମାନ ୨ଟି ପଞ୍ଚାୟତର ଲୋକଙ୍କ ଯାତାୟାତ ବିଚ୍ଛିନ୍ନ ହୋଇଛି । ୧୦ଟି ଗ୍ରାମ ଜଳବନ୍ଦୀ ହୋଇ ରହିଛି । ବଉଳସିଙ୍ଗାରୁ ପଲାସାଗୋରାକୁ ଯାତାୟାତ ବାଧାପ୍ରାପ୍ତ ହେଉଛି । ଲୋକେ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରୁଛନ୍ତି ।

## ପୁରୁଷୋତ୍ତମପୁର କ୍ଷେତିସାହି ନାଳ ରପଟା ଉପରେ ଚାଲିଲା ପାଣି



ମନମୁଣ୍ଡା,୨୫ ।୭ (ସମିସ): ପୁରୁଷୋତ୍ତମପୁର କ୍ଷେତିସାହି ନାଳର ରପଟା ଉପରେ ପାଣି ଚାଲିଛି । ପାହାଡିଆ ଅଞ୍ଚଳର ବର୍ଷା ଜଳ ଯୋଗୁଁ ପାଇଛାଦାଦର ଗ୍ରାମରୁ ଶୁଣ୍ଡିପଦରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ନାଳରେ ପାଣି ଯୋଗୁଁ ପାଇଛାଦାଦର ଗ୍ରାମର ଲୋକ ପଞ୍ଚାୟତ ସଦର ମହକୁମା ଶୁଣ୍ଡିପଦରକୁ ଯିବା ଆସିବା ବନ୍ଦ ହୋଇଯାଇଛି । ପାହାଡିଆ ପାଣି ପ୍ରଖର ଗତିରେ ଆସୁଥିବାରୁ ଲୋକେ ନାଳ ପାର ହେବାକୁ ଭୟ କରୁଛନ୍ତି । ଛାତ୍ରଛାତ୍ରୀଙ୍କ ସ୍କୁଲ, କଲେଜ ଯିବା ବନ୍ଦ ହୋଇଯାଇଛି । ଲୋକମାନେ ଡାକ୍ତରଖାନା ଇତ୍ୟାଦି ଅନେକ ଜରୁରୀ କାମରେ ଆସି ପାରୁ ନାହାନ୍ତି । ଏହି ରାସ୍ତା ଅଞ୍ଚଳର ଏକ ମାତ୍ର ମୁଖ୍ୟ ରାସ୍ତା । ଲୋକଙ୍କ ଯାତାୟତ ପାଇଁ ରାସ୍ତାଘାଟର ସୁବିଧା ନିମନ୍ତେ ସରକାର ଅର୍ଥ ମଞ୍ଜୁରୀକରୁଛନ୍ତି । ଏହି ଜାଗାରେ ପାଇପ ଦେଇ ଉଚ୍ଚ ରାସ୍ତା କିମ୍ବା ଏକ ପୋଲ ନିର୍ମାଣର ଆବଶ୍ୟକତା ରହିଛି । କେବଳ ରପଟା କରି ଦିଆ ଯାଇଥିବାରୁ ଲୋକେ ବର୍ଷାଦିନେ ହଇରାଣ ହେଉଛନ୍ତି ବୋଲି ରଞ୍ଜନ ବାଘ, ଯୁଗଳ ପ୍ରଧାନ, ଲଳିତ ମୋହନ କ୍ଷେତି, ଭୀମ ରାଜହଂସ, ଶଙ୍କର ପ୍ରଧାନ ପ୍ରମୁଖ କହିଛନ୍ତି ।

## ଭାସିଯାଇଥିବା ଟ୍ରାକ୍ଟର ଉଦ୍ଧାର ପରେ ଜବତ



ମନମୁଣ୍ଡା,୨୫ ।୭ (ସମିସ): କୁରୁମୁଣ୍ଡା ନାଳର ବନ୍ୟାଜଳରେ ଗୁରୁବାର ଭାସି ଯାଇଥିବା ଟ୍ରାକ୍ଟରକୁ ଶୁକ୍ରବାର ପୁଲିସ ଉପସ୍ଥିତିରେ ଉଦ୍ଧାର କରାଯାଇଛି । ପୁଲିସ ଟ୍ରାକ୍ଟରଟିକୁ ଜବତ କରି ଶଗଡ଼ା ଫାଣ୍ଡିରେ ରଖିଛି । ଗୁରୁବାର ପାହାଡ ଓ ଜଙ୍ଗଲର ପ୍ରଖର ଜଳ ବରଗୋଛା ଲକ୍ଷ୍ମୀସାଗର ଏମଆଇପି ବନ୍ଧରେ ପଡ଼ି ସେଠାରୁ ଉଦବୃତ୍ତ ବନ୍ୟାଜଳ ନାଳରେ ପ୍ରବାହିତ ହେଉଥିଲା । ଟ୍ରାକ୍ଟର ଚାଳକ ଆଉ ଜଣେ ସହଯୋଗୀଙ୍କୁ ବସାଇ ଦୁଃସାହସିକ ଭାବେ ବାହାଦୂରୀ ଦେଖାଇ ନାଳ ପାର ହେଉଥିବାବେଳେ ଗାଡ଼ିଟି ଭାସି ଯାଇଥିଲା । ଚାଳକ ଓ ସହଯୋଗୀ କିନ୍ତୁ ସୌଭାଗ୍ୟ ବଶତଃ ବଞ୍ଚି ଯାଇଥିଲେ ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୌଦ୍ଧ/ଶଗଡା/ମନମୁଣ୍ଡା,୨୫ ।୭ (ସମିସ): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ପୁରୁଣାପାଣି ରେଳ ଷ୍ଟେସନ ନିକଟ ସାନ ଡୁଙ୍ଗୁରିପାଲିରେ ରେଳ ଧାରଣାରୁ ଶୁକ୍ରବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଯୁବକ ଜଣଙ୍କ ପୁରୁଣାପାଣି ଗ୍ରାମର ନରେନ୍ଦ୍ର ବେହେରା ବୋଲି ଜଣା ପଡିଛି । ଟ୍ରେନ ଲାଇନରେ ଯୁବକଙ୍କ ଗୋଡ଼ ଛିଣ୍ଡି ଯାଇଥିବା ବେଳେ ଶରୀର ଅଲଗା ପଡିଛି । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଏ ଯାଏଁ ସ୍ପଷ୍ଟ ହୋଇନାହିଁ । ନିକଟରୁ ଏକ ମୋବାଇଲ ଓ ରାସ୍ତା କଡରେ ଥିବା ଏକ ବାଇକ୍ ମିଳିଛି । ରେଲୱେ ଓ ମନମୁଣ୍ଡା ପୁଲିସ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ରେଙ୍ଗାଲିରେ ଜଣ୍ଡିସ ଆତଙ୍କ; ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗର ଟିମ୍

ଶଗଡା,୨୫ ।୭ (ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆ ପଞ୍ଚାୟତ ରେଙ୍ଗାଲି ଗ୍ରାମରେ ଜଣ୍ଡିସ ରୋଗ ବ୍ୟାପିବାରେ ଲାଗିଛି । ଘଟଣା ପ୍ରଘଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି । ମନମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଏବଂ ସ୍ଥାନୀୟ ଆଶା ଓ ଅଙ୍ଗନବାଡ଼ି କର୍ମୀ ଗ୍ରାମରେ ପହଞ୍ଚି ଆକ୍ରାନ୍ତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନ୍ୟପଟେ ଗ୍ରାମର ପାନୀୟ ଜଳ ମଧ୍ୟ ପରୀକ୍ଷା କରିଥିଲେ । ପରିବେଶ ସଫା ସୁତୁରା ରଖିବା ସହ ପାଣି ଫୁଟାଇ ପିଇବାକୁ ଅଧିକାରୀମାନେ ଲୋକଙ୍କୁ ପରାମର୍ଶ ଦେଇଥିଲେ ।

## ଜିଲ୍ଲା ସାଧନ କେନ୍ଦ୍ରର ଝରକା ଗ୍ରୀଲ୍ କାଟି ଚୋରି ଅଭିଯୋଗ

ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ଯୋଗୀନ୍ଦ୍ର ଦେବ ହାଇସ୍କୁଲ ପରିସରରେ ଥିବା ଜିଲ୍ଲା ସାଧନ କେନ୍ଦ୍ରର ପଛ ପାଖ ଝରକା ଗ୍ରୀଲ୍ କାଟି ଚୋର ହୋଇଛି । ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି । କାଗଜପତ୍ର, ପାଠ୍ୟ ପୁସ୍ତକ ଓ କମ୍ପ୍ୟୁଟର ଆଦି ନଷ୍ଟ ହୋଇଥିବା ଶୁକ୍ରବାର କାର୍ଯ୍ୟାଳୟ ଖୋଲାଯିବା ସମୟରେ ଦେଖିବାକୁ ମିଳିଥିଲା । ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ଅଧିକ ତଦନ୍ତ ପାଇଁ ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ଡକା ଯାଇଛି ।

## ହୋଟେଲ ଉପରେ ଉପୁଡି ପଡିଲା ବିରାଟ ପିପ୍ପଳ ଗଛ

ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ସହର ପୁରୁଣା ବ୍ଲକ୍ ଛକ ନିକଟରେ ଶୁକ୍ରବାର ସକାଳ ୮ ଟାରେ ଏକ ପିପ୍ପଳ ଗଛ ଗୋଟିଏ ହୋଟେଲ ଉପରେ ପଡିବାରୁ ଆଂଶିକ କ୍ଷତି ହୋଇଛି । ବୌଦ୍ଧ ଅଗ୍ନିଶମ ବାହିନୀ ଗଛଟିକୁ କାଟି ସଫା କରିଛନ୍ତି । ପୁରୁଣା ବ୍ଲକ୍ ଛକ ନିକଟରେ ଥିବା ସୁଦାମ ସୁନ୍ଦର ପାଣିଗ୍ରାହୀଙ୍କ କୋଠା ଉପରେ ରାସ୍ତାର ଅପର ପାଶ୍ୱର୍ରେ ଥିବା ଏକ ବିରାଟ ପିପ୍ପଳ ଗଛ ଟଳି ପଡିଥିଲା । ଏହାଫଳରେ ଫଳରେ କୋଠା ଆଂଶିକ କ୍ଷତି ହେବା ସହ ପୁରୁଣା ବ୍ଲକ୍ ଛକରୁ ଚନ୍ଦ୍ରଚୁଡ ମନ୍ଦିରକୁ ଯାଇଥିବା ରାସ୍ତା ଅବରୋଧ ହୋଇଥିଲା ।

## ଚାଇଲ୍ଡ ହେଲ୍ପ ଲାଇନର ସଚେତନତା କାର୍ଯ୍ୟକ୍ରମ



ତରଭା,୨୫।୭ (ସମିସ): ତରଭା ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ପୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ମେଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୯୮ ଟୋଲ ଫ୍ରି ନମ୍ବର ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତରଭା ଆଇସିଡିଏସ୍ ଅଧିନରେ ବିଭିନ୍ନ ଗ୍ରାମରେ କାର୍ଯ୍ୟରତ ୫୦ ଜଣ ଅଙ୍ଗନବାଡି କର୍ମୀ, ସହାୟିକା ଏବଂ ବିଦ୍ୟାଳୟମାନଙ୍କର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର, ଚାଇଲ୍ଡ ହେଲ୍ପ ଲାଇନର କାଉନସିଲର୍ ସୁଧୀର କୁମାର ଦାସ, ଗୌତମ ମହାପାତ୍ର, ଶିଶୁ କଲ୍ୟାଣ ସମିତି ସଦସ୍ୟ ହେମନ୍ତ କୁମାର ସା ଉପସ୍ଥିତ ରହି ୧୦୯୮ ଟୋଲ ଫ୍ରି ନମ୍ବରର କାର୍ଯ୍ୟକାରିତା, ଶିଶୁମାନଙ୍କ ପୃଷ୍ଠପୋଷକତା ଓ ଆଇନର କାର୍ଯ୍ୟକାରିତା ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଶେଷରେ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ



ବୌଦ୍ଧ,୨୪ ।୭ (ସମିସ): ବୌଦ୍ଧ ଜିଲ୍ଲାରେ ଭାରତୀୟ ମଜଦୂର ସଂଘର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବଡ଼ିଗାଁରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା ଉପସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ ଲୋକନାଥ ଶତପଥୀ, ଶୋଭାଗିନି ଭୋଇ, ସୁଚିତ୍ରା ଦେହୁରୀ, ଇନ୍ଦିରା ଦାସ, ସୁନନ୍ଦା ନାୟକ, ସୁଜାତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନିୟର ରେଡ୍କ୍ରସ ତରଫରୁ ତାଲିମ୍ ଶିବିର

ବୌଦ୍ଧ,୨୫ ।୭ (ସମିସ): ରାମଗଡ଼ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ୍ କ୍ରସ ତରଫରୁ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ଅଙ୍କିତା ମାହାନା ଅଧ୍ୟକ୍ଷତା କରିଥିଲେ । ନବକିଶୋର ଦୀପ, ପ୍ରିୟମ୍ବଦା ସୁବୁଦ୍ଧି, ଗିରିଜା ଶଙ୍କର ବାଘ, ଶିକ୍ଷୟିତ୍ରୀ ସୁଶ୍ରୀ ସୁନିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରାହ୍ମଣୀପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ବ୍ଲକ ବ୍ରାହ୍ମଣପାଲି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଗୋଟିଏ ଗୋଟିଏ ଫୁଲଗଛ ଚାରା ପ୍ରଦାନ କରାଯାଇ ରୋପଣ କରିବାକୁ କୁହା ଯାଇଥିଲ । ଶ୍ରେଣୀଗୃହରେ ଖାତା କଲମ ଓ ମିଠା ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ତ ପ୍ରହ୍ଲାଦ ଶତପଥୀ ଏବଂ ସରପଞ୍ଚ ଅରୁଣ ବାଘ ଯୋଗ ଦେଇଥିଲେ । ଶ୍ରବଣ ମାହାର, ରମାକାନ୍ତ ପଣ୍ଡା, ସୁଧାଂଶୁ ଶେଖର ରଣଭିଂସା, ରଶ୍ମିତା ପ୍ରଧାନ, ରିତାରାଣୀ ସାମଲ, ତ୍ରିନାଥ ପ୍ରସାଦ ନାୟକ, ତାପସ ଚାଉଳିଆ, ଆଶିଷ ପ୍ରଧାନ, ସଞ୍ଜୁଲତା ସା, ହାନା ସୁକାମାଝି, ଧୀରଜ କୁମାର ଝାଙ୍କର, ରଶ୍ମିତା କଅଁର ପ୍ରମୁଖ ଅଧ୍ୟାପ. ଅଧ୍ୟାପିକା ସହଯୋଗ କରିଥିଲେ ।

## ଆଲିଶା ମହାକୁଳ କବିତା ଆବୃତ୍ତିରେ ରାଜ୍ୟସ୍ତରରେ ପ୍ରଥମ



ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ବ୍ଲକ୍ ଗୁନ୍ଦୁଳିଆ ପଞ୍ଚାୟତ ଟୁନିଖମାର ଗ୍ରାମର ସ୍ୱର୍ଗତ ମଞ୍ଜନ ମହାକୁଳ ଓ ତୃଷ୍ଣାମୟୀ ମହାକୁଳଙ୍କ କନିଷ୍ଠା କନ୍ୟା ଆଲିଶା ମହାକୁଳ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ସୁଶ୍ରୀ ଆଲିଶା ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ଓଡିଶା ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗା ବୌଦ୍ଧର ଷଷ୍ଠ ଶ୍ରେଣୀର ଛାତ୍ରୀ ।

## ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ



ଶଗଡା,୨୫ ।୭ (ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ଦହ୍ୟାସ୍ଥିତ ପିଏମ୍ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ଼କ୍ରସ୍ ଆନୁକୂଲ୍ୟରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ ଜୁନିଅର ରେଡକ୍ରସ୍ ସଂଯୋଜକ ତଥା ବିପର୍ଯ୍ୟୟ ପରିଚାଳନା ସାଧନା କର୍ମୀ ବନମାଳୀ ମେହେର ତାଲିମଦାତା ଭାବେ ଯୋଗ ଦେଇଥିଲେ । ହଠାତ୍ ମୂର୍ଚ୍ଛା ହେବା, ସାପ କାମୁଡା, ନିଆଁରୁ ରକ୍ଷା ପାଇବା ପାଇଁ ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ତଥା ହାଡ଼ ଭଙ୍ଗା, ମୁଣ୍ଡ ଫଟା, ରକ୍ତସ୍ରାବର ତତ୍କାଳ ଚିକିତ୍ସା ଓ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ ସୁଶାନ୍ତ ବେଜୀ ସଂଯୋଜନା କରିଥିଲେ । ଶିକ୍ଷକ ବିରେନ୍ଦ୍ର ପ୍ରଧାନ, ସ୍ୱାଧୀନ ରାଜହଂସ, ସୌମିତ୍ରି ପ୍ରଧାନ, ରାକେଶ ସାହୁ, ଶିକ୍ଷୟିତ୍ରୀ ପ୍ରଗତିବାଲା ମଲ୍ଲିକ, ଅନିତା ମିଞ୍ଜ, ଶିକ୍ଷକ ରମେଶ ରଞ୍ଜନ ସେଠୀ, ସିଦ୍ଧାନ୍ତ ପ୍ରଧାନ, ପ୍ରଶାନ୍ତ ମିଶ୍ର, ପ୍ରକାଶ ଡାଙ୍ଗ, ହେମକାନ୍ତ ମେହେର, ରଶ୍ମି କିଶାନ, ସରସିବାଲା ପ୍ରଧାନ, ଉମେଶ ମେହେର, ଚିତ୍ତରଞ୍ଜନ ମେହେର, ଗୋବର୍ଦ୍ଧନ ମଲ୍ଲିକ, ସତ୍ୟ ଦଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ଅଶେଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫସଲ ବିବିଧକରଣ ତାଲିମ କାର୍ଯ୍ୟକ୍ରମ




ମନମୁଣ୍ଡା,୨୫ ।୭ (ସମିସ): ଗୁଡ଼ଭେଲିପଦର ପଞ୍ଚାୟତରେ ଫସଲ ବିବିଧକରଣ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଚି । ଗ୍ଲୋବାଲ ଗ୍ରୀନ ଅନୁଷ୍ଠାନର ସମ୍ପାଦକ ସମ୍ବିତ ନନ୍ଦଙ୍କ ପରିଚାଳନାରେ ଏହି କାର୍ଯ୍ୟମ ଅନୁଷ୍ଠିତ ହୋଇଥିଲା । କଣ୍ଟାମାଳ ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, ସହ କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ, ବ୍ଲକ ମତ୍ସ୍ୟ ଅଧିକାରୀ ଅଂଶୁମାନ ପଣ୍ଡା ପ୍ରମୁଖ ପ୍ରଶିକ୍ଷକ ଭାବ ଯୋଗ ଦେଇଥିଲେ । ସଚିନ ମିଶ୍ର, ମନମୁଣ୍ଡା ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା, ବିଶିଷ୍ଟ ଚାଷୀ ବିବେକାନନ୍ଦ ସାହୁ, ବୃନ୍ଦାବନ ଭୋଇ, ପଞ୍ଚୁପାଣ୍ଡବ ମେହେର, ଟୁନା ଦନ୍ତା, ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଅତିଥିଙ୍କ ସମେତ ପ୍ରାୟ ୫୦ ଜଣ ଚାଷୀ ଯୋଗ ଦେଇଥିଲେ ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ବ୍ଲକ ମେଣ୍ଟିମାଳ ହାଇସ୍କୁଲରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ନିବାରଣ, ନିଷେଧ ଓ ପ୍ରତିକାର ଆଇନ୍ ଏବଂ ଏସସି/ଏସଟି ଅତ୍ୟାଚାର ଓ ନିବାରଣ ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରଦ୍ଧା ସରସ୍ୱତୀ ପରିଡ଼ା ଯୋଗ ଦେଇ ଉଭୟ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ ସହଯୋଗ କରିଥିଲେ ।

## ସଦଭାବନା ସଭାଗୃହରେ ପ୍ରଶାସନର ବୈଠକ

ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ଜିଲ୍ଲା ଗସ୍ତକୁ ନେଇ ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମସ୍ତ ବ୍ଲକର ବିଡ଼ିଓ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଆସନ୍ତା ୩୧ ତାରିଖ ଦିନ ଶ୍ରୀ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିବେ ।

### ଆନ୍ତଃଜିଲ୍ଲା ସାହାଣୀକପ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

# ବରଗଡ଼କୁ ହରାଇ ସମ୍ବଲପୁର ବୌଦ୍ଧ ଜୋନ୍ ଚାମ୍ପିଅନ




ବୌଦ୍ଧ,୨୫ ।୭ (ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମଠାରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ସମ୍ବଲପୁର ଓ ବରଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ଦଳ ୪-୦ ଗୋଲ୍‌ରେ ବିଜୟୀ ହୋଇ ବୌଦ୍ଧ ଜୋନରେ ଚାମ୍ପିଅନ ହୋଇଛି ।

ଖେଳ ଆରମ୍ଭର ୧୫ ମିନିଟ ଓ ୧୭ ମିନିଟରେ ସମ୍ବଲପୁରର ପ୍ରଶାନ୍ତ ଓରାମ ଗୋଟିଏ ଲେଖାଏଁ ଦୁଇଟି ଗୋଲ୍ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ୩୨ ମିନିଟରେ ସମ୍ବଲପୁରର ବିନୟ କିଷାନ ଗୋଟିଏ ଓ ୪୮ ମିନିଟରେ ପ୍ରଶାନ୍ତ ଓରାମ ଗୋଟିଏ ଗୋଲ୍ ଦେଇଥିଲେ । ୪-୦ ଗୋଲ୍‌ରେ ସମ୍ବଲପୁର ଦଳ ବିଜୟୀ ହୋଇଥିଲା ।

ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଦୁର୍ଗା ମାଧବ ଆଚାର୍ଯ୍ୟ, କୃଷକନେତା ସୂର୍ଯ୍ୟ ନାରାୟଣ ମହାପାତ୍ର, ଜିଲ୍ଲା ଚେସ ଆସୋସିଏସନ ସଂପାଦକ ଶଙ୍କର ପ୍ରସାଦ ମିଶ୍ର, ବରିଷ୍ଠ କ୍ରୀଡ଼ାବିତ ତଥା ସନ୍ତୋଷ ଟ୍ରଫି ଖେଳାଳି ସତ୍ୟ ପ୍ରକାଶ ଦାଶ, ସୁନ୍ଦରଗଡ଼ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ ସମ୍ପାଦକ ପ୍ରଭାତ ଭୋଳ ପ୍ରମୁଖ ଯୋଗ ଦେଇଥିଲେ ।

ମୁଖ୍ୟ ରେଫରୀ ଭାବେ ଶିବଶଙ୍କର ପଣ୍ଡା ପରିଚାଳନା କରିଥିବାବେଳେ ଲାଇନରେ ଜିତେନ୍ଦ୍ରୀୟ ଥନାପତି, ଧନେଶ୍ୱର ବାଗ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ସୋମନାଥ ମୁର୍ମୁ ଦାୟିତ୍ୱ ତୁଲାଇଥିଲେ । ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ସାଧାରଣ ସଂପାଦକ ଯୁଗଳ କିଶୋର ସାମଲଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ସମ୍ବଲପୁରର ପ୍ରଶାନ୍ତ ଓରାମଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ଉଭୟ ବିଜେତା ଓ ଉପବିଜେତା ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ୍ ଦି ସିରିଜ ସମ୍ବଲପୁର ବିନୟ କିଷାନଙ୍କୁ ପୁରସ୍କୃତ କରାଯାଇଥିଲା । ୨୭ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବାକୁ ଥିବା ସେମି ଫାଇନାଲ ମ୍ୟାଚରେ ସମ୍ବଲପୁର ଦଳ ଭାଗ ନେବ ।

■ ମଦଭାଟି କର୍ମଚାରୀ ହତ୍ୟା ଘଟଣାର ପର୍ଦ୍ଦାଫାସ୍

# ଟାର୍ଗେଟ୍‌ରେ ଥିଲେ ମ୍ୟାନେଜର୍; ବଳି ପଡ଼ିଲେ କର୍ମଚାରୀ



ବଲାଙ୍ଗିର, ୨୫।୭ (ସମିସ): ଟାର୍ଗେଟ୍‌ରେ ଥିଲେ ମ୍ୟାନେଜର୍, କିନ୍ତୁ ଅଯଥାରେ ବଳି ପଡ଼ିଗଲେ କର୍ମଚାରୀ। ସିନଖମନ ଦେଶୀ ମଦଭାଟି କର୍ମଚାରୀ ସାରଦା ଯାଦବ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରି ବଲାଙ୍ଗିର ପୁଲିସ୍ ଆଜି ଏମିତି ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ

**ଭାଟି ମ୍ୟାନେଜର୍‌ଙ୍କ ସହ ସ୍ତ୍ରୀର ଅନୈତିକ ସମ୍ପର୍କ ସନ୍ଦେହ**

କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ସିନଖମନ ଗାଁର ବଳରାମ ବାରିକ, ସୁନୀଲ ବାଗ, ଆତ୍ତର୍ତ୍ତାଣ ଚିନ୍ଦା ଓ ସଞ୍ଜୀବ ଚିନ୍ଦା। ଅତିରିକ୍ତ ଏସ୍‌ପି ଆଲୋକ ଜେନା ଆଜି ସଦର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ସିନଖମନ ମଦଭାଟି ନିକଟରେ ଗାଁର ବଳରାମ ବାରିକଙ୍କ ଏକ ତେଜରାତି ଦୋକାନ ଥିଲା। ଭାଟି କର୍ମଚାରୀମାନେ ଉକ୍ତ ଦୋକାନରୁ ସାମଗ୍ରୀ କିଣିଥା'ନ୍ତି। ଉକ୍ତ ଦୋକାନରେ ବଳରାମଙ୍କ ସ୍ତ୍ରୀ ମଧ୍ୟ ବସନ୍ତି। ତେବେ ଭାଟି ମ୍ୟାନେଜର୍ ବିଶାଳ ରଞ୍ଜନ କୁମାରଙ୍କ ସହ ତାଙ୍କର ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା ବଳରାମ ସନ୍ଦେହ କରିଥିଲା। ସ୍ତ୍ରୀଙ୍କ ମୋବାଇଲରୁ ସେ ଏହାର ପ୍ରମାଣ ମଧ୍ୟ ପାଇଥିଲା। ତେଣୁ, ମ୍ୟାନେଜର୍ ବିଶାଳଙ୍କୁ ହତ୍ୟା କରିବା ପାଇଁ ସେ ଯୋଜନା କରିଥିଲା। ଏଥିପାଇଁ ସେ ସୁନୀଲ, ଆତ୍ତର୍ତ୍ତାଣ ଓ ସଞ୍ଜୀବର ସାହାଯ୍ୟ ନେଇଥିଲା।

ଯୋଜନା ଅନୁସାରେ, ବଳରାମ ଫୋନ୍ କରି ବିଶାଳଙ୍କୁ ଏକ ଜାଗାକୁ ଡାକିଥିଲେ। କିନ୍ତୁ ବିଶାଳ ସେଠାକୁ ଯିବା ବଦଳରେ ଭାଟିର ଦୁଇ କର୍ମଚାରୀ ସାରଦା ଯାଦବ ଓ ବିକାଶ ବିଶିଙ୍କୁ ପଠାଇ ଦେଇଥିଲେ। ସେଠାରେ ବଳରାମ ଓ ତା'ର ସହଯୋଗୀମାନେ ଦୁହିଁଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ସାରଦାଙ୍କୁ ଅଟକ ରଖି ବିକାଶଙ୍କୁ ବାଇକ୍ ଚାବି ଦେଇ ମ୍ୟାନେଜର୍ ବିଶାଳଙ୍କୁ ଡାକିବାକୁ କହିଥିଲେ। କିନ୍ତୁ ବିଶାଳ ନ ଆସିବାରୁ ରାଗରେ ଅଭିଯୁକ୍ତମାନେ ସାରଦାଙ୍କୁ ହତ୍ୟା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ସଦର ଥାନା ଅଧିକାରୀ ରାଜ୍ୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

କୂଳ ଲଙ୍ଘିଲା ସମୁଦ୍ର

# ସମୁଦ୍ର ଗର୍ଭରେ ଲୀନ ହେବ ହବାଳିଖଟି



ରାଜନଗର, ୨୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଥିବା ବିଶ୍ୱପ୍ରସିଦ୍ଧ ଭିତରକନିକା ନିକଟରେ ଥିବା ହବାଳିଖଟିରେ କୂଳ ଲଙ୍ଘିଛି ସମୁଦ୍ର। ଭିତରକନିକାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହବାଳିଖଟି ନେଚର କ୍ୟାମ୍ପର କଟେଜ ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ ଭୁଶୁଡ଼ି ପଡ଼ିଛି। ଫଳରେ ପର୍ଯ୍ୟଟକଙ୍କୁ ହବାଳିଖଟିକୁ ବାରଣ କରାଯାଇଛି।

ଦେଶବିଦେଶର ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଥିଲା ହବାଳିଖଟି ନେଚର କ୍ୟାମ୍ପ। ଗତବର୍ଷ ବାତ୍ୟା 'ଦାନା' ମାଡ଼ରେ କିଛି କଟେଜ୍ ନଷ୍ଟ ହୋଇଯାଇଥିଲା। ଗତବର୍ଷ ବାତ୍ୟା 'ଦାନା'ର ତାଣ୍ଡବରେ ବଙ୍ଗୋପସାଗର ତଟବର୍ତ୍ତୀ ଗହୀରମଥା ସନ୍ନିକଟରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ବନବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ନେଚର କ୍ୟାମ୍ପରେ ଥିବା କଟେଜ ଛାରଖାର୍ ହୋଇଯାଇଥିଲା। ସେତେବେଳେ ପାଣିପାଗ ବିଭାଗର ସଠିକ୍ ଆକଳନ ଅନୁସାରେ ବାତ୍ୟା ଦାନା ହବାଳିଖଟିରେ ହିଁ ତାର ପ୍ରଥମ ତାଣ୍ଡବ ଆରମ୍ଭ କରିଥିଲା। ପ୍ରଚଣ୍ଡ ବେଗରେ ପବନ ସାଙ୍ଗକୁ ସାମୁଦ୍ରିକ ଜୁଆର ନେଚର କ୍ୟାମ୍ପକୁ ଏକପ୍ରକାର ମାଟିରେ ମିଶାଇ ଦେଇଥିଲା। ନେଚର କ୍ୟାମ୍ପରେ ନିର୍ମାଣ କରାଯାଇଥିବା କଟେଜ ଭାଙ୍ଗୁରୁଜି ଯିବା ସହ କଟେଜ୍ ତଳୁ ୧୦ଫୁଟ୍‌ର ମାଟି ଧୋଇ ନେଇଯାଇଥିଲା। ହବାଳିଖଟିରେ ଥିବା ବିଭିନ୍ନ ଲୁଣାଜାତୀୟ ଗଛ ମଧ୍ୟ ଭାଙ୍ଗିଦେଇଥିଲା। ଏବେ, ସମୁଦ୍ର ଅଶାନ୍ତ ଥିବାରୁ ଉଚ୍ଚଉଚ୍ଚ ଜୁଆର ଉଠି ପ୍ରତିଦିନ ନେଚର୍ସ କ୍ୟାମ୍ପ କଟେଜ୍‌ରେ ମାଡ଼ ହୋଇ ପାଣି ଜମିଥିବାରୁ କଟେଜ୍ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ଫଳରେ, ଏବେ ପର୍ଯ୍ୟଟକଙ୍କ ରହଣି ଉପରେ ବନ ବିଭାଗ ପକ୍ଷରୁ ସ୍ଥଗିତ ରଖାଯାଇଛି।

# କାଠଫା ଜଙ୍ଗଲରେ ମାଓ କ୍ୟାମ୍ପ

ନୂଆପଡ଼ା,୨୫।୭ (ସମିସ): ନୂଆପଡ଼ା ଜିଲ୍ଲା ବୋଡେନ୍ ଥାନା କାଠଫା ଛତାପାଣି ଜଙ୍ଗଲରୁ ଆଜି ଯବାନମାନେ ଏକ ମାଓକ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ତେବେ, ଯବାନମାନେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ଖସିଯାଇଛନ୍ତି। ଜବତ ବିସ୍ଫୋରକ ଓ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି

**ବିସ୍ଫୋରକ ଜବତ, ମାଓବାଦୀ ଚମ୍ପଟ**

ଗୁଳି, ୧୦ଟି ଜେଲୋଟିନ୍ ଷ୍ଟିକ୍, ୩ଟି ଇଲେକ୍ଟ୍ରିକ୍ ଡିଟୋନେଟର୍, ୫୦ ଗ୍ରାମ୍ ଗନ୍‌ପାଉଡର୍, ୨ଟି ସୋଲାର୍ ପ୍ଲେଟ୍, ୱାକିଟକି, ମୋବାଇଲ ଚାର୍ଜର୍, ହେୟାର ଟ୍ରିମର୍, ୱାୟାରକଟର୍, ବ୍ୟାଟେରୀ, ଛତା, ଚପଲ ସହ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରହିଛି। ତେଣୁ, ଜଙ୍ଗଲରେ ଆଉ କିଛି ମାଓବାଦୀଙ୍କ ଉପସ୍ଥିତି ସନ୍ଦେହରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଥିବା ନୂଆପଡ଼ା ଏସ୍‌ପି ଜି.ଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ଗୋଟିଏ ପରେ ଗୋଟିଏ ବଡ଼ ଅପରେସନ୍ ଯୋଗୁଁ ପଡ଼ୋଶୀ ଛତିଶଗଡ଼ରୁ ମାଓବାଦୀମାନେ ଜୀବନ ବିକଳରେ ସୀମା ଡେଇଁ ଓଡ଼ିଶାକୁ ଚାଲି ଆସିଛନ୍ତି। କିଛି ମାଓବାଦୀ ନୂଆପଡ଼ା ଜିଲ୍ଲା ସୀମାନ୍ତ ସୁନାବେଡ଼ା ଅଭୟାରଣ୍ୟର କାଠଫାର ଛତାପାଣି ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ଖବର ପାଇ ଏସ୍‌ପି ଶ୍ରୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ବାଟାଲିୟନ୍-୧୯ର ଯବାନମାନେ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ। ହେଲେ, ଏ ସଂପର୍କରେ ଆଗୁଆ ଖବର ପାଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ପୁଲିସ୍ ଖାନତଲାସି କରି ସେଠାରୁ ଏହି ମାଓକ୍ୟାମ୍ପ ଠାବ କରିଥିଲା।

# ବଜ୍ରପାତରେ ଚାଷୀ ମୃତ

ବହଳଦା, ୨୫।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ କାଦୁଆଣି ଗ୍ରାମର ପରେଶ ଚନ୍ଦ୍ର ମହାନ୍ତ (୬୫)ଙ୍କ ଆଜି ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ଆଜି ଅପରାହ୍ଣରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଏହି ଅଘଟଣ ଘଟିଛି। ଦୀର୍ଘ ସମୟ ଧରି ସେ ବିଲରେ ସେମିତି ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ ହେଁ ଆଖପାଖ ବିଲରେ କାମ କରୁଥିବା ଲୋକେ ଏ ସଂର୍କରେ ଜାଣି ପାରିନଥିଲେ। କାମ ସାରି ଫେରିବା ବେଳକୁ ଏହା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାରଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବହଳଦା ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

# ପୋଖରୀ ତୁଠରେ ଯୁବତୀଙ୍କୁ ଅସଦାଚରଣ; ୪ ଗିରଫ



ନୀଳଗିରି, ୨୫।୭ (ସମିସ): ପୋଖରୀ ତୁଠରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ବରହମପୁର ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଶଙ୍କରା ହେମ୍ବ୍ରମ୍ (୨୧), ବାସୁ ହେମ୍ବ୍ରମ (୨୬), ଠୁଲୁକାଏ ମୁର୍ମୁ (୩୦) ଓ ସାମ୍ନା କିସ୍କୁ (୩୦)। ସୂଚନାନୁଯାୟୀ, ଗତ ୨୪ ତାରିଖ ଦିନ ପ୍ରାୟ ୧ଟାରେ ଛତ୍ରପୁର ପଞ୍ଚାୟତ ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ତୁଠରେ ବସି ଲୁଗାସଫା କରୁଥିବା ବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଯୁବତୀଜଣଙ୍କ ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଆଜି ଯୁବତୀଙ୍କ ପରିବାରଲୋକ ଏ ସଂପର୍କରେ ଥାନାରେ ଅଭିଯୋଗ କରିବାରୁ ଆଇଆଇସି ପ୍ରେମଦା ନାୟକ ଘଟଣାକୁ ଗୁରୁତ୍ୱର ସହ ନେଇ ୪ଯୁବକଙ୍କୁ ଗିରଫ କରିଥିଲେ। ତଦନ୍ତକାରୀ ଅଫିସର୍ ନନ୍ଦକିଶୋର ବିଶ୍ୱାଳ ସେମାନଙ୍କୁ କୋର୍ଟଚାଲାଣ କରିଛନ୍ତି। ଏନେଇ ଥାନାରେ ନମ୍ବର ୯୩/୨୫ରେ ଏକ ମାମଲା ରୁଜୁ ହୋଇଛି।

ନିଟ୍ ପରୀକ୍ଷା ଫଳାଫଳକୁ ନେଇ ଦ୍ୱନ୍ଦ୍ୱ

# ୱେବସାଇଟ୍‌ରେ ପ୍ରଥମେ ୫୪୦, ପରେ ୯୦ ମାର୍କ

ପାଟଣାଗଡ଼, ୨୫।୭ (ସମିସ): ଡାକ୍ତର ହେବାର ସ୍ୱପ୍ନକୁ ବାସ୍ତବ କରିବା ପାଇଁ ଦିନରାତି ଏକ କରିଦେଇଥିଲେ। ନିଟ୍ ପରୀକ୍ଷା ଦେଇଥିଲେ। ଆଶା ମୁତାବକ ଫଳ ବି ମିଳିଥିଲା। ପରୀକ୍ଷା ଫଳ ପ୍ରକାଶ ଦିନ ୱେବ୍‌ସାଇଟ୍‌ରେ ତାଙ୍କର ୫୪୦ ମାର୍କ ରହିଥିବା ଦେଖିଥିଲେ। ତାଙ୍କର ଏହି ସଫଳତା ଦେଖି ବାପା-ମା'ଙ୍କ ଆଖି ବି ଆନନ୍ଦାଶ୍ରୁରେ ଭରିଯାଇଥିଲା। ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କୁ ଖୁସିରେ ମିଠା ବାଣ୍ଟିଥିଲେ। କିନ୍ତୁ, କାଉନସେଲିଂ ପାଇଁ ଯିବା ବେଳକୁ ତାଙ୍କର ସବୁ ଖୁସି ପାଣିଫୋଟକା ପରି ମିଳେଇ ଯାଇଥିଲା। ସେତେବେଳେ ୱେବସାଇଟ୍‌ରେ ତାଙ୍କର ମାତ୍ର ୯୦ ମାର୍କ ରହିଥିବା ଦେଖି ତାଙ୍କ ପାଦ ତଳୁ ସତେଯେମିତି ମାଟି ଖସି ଯାଇଥିଲା। ଏବେ ଛାତ୍ରୀଜଣଙ୍କ ଗଭୀର ମାନସିକ ଚାପରେ। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରର ବ୍ରହ୍ମପୁରା ନିବାସୀ ବିଜୟାନନ୍ଦ ଦାସଙ୍କ ଝିଅ ପ୍ରିୟାଂଶୀ ପ୍ରିୟଦର୍ଶିନୀ ଦାସଙ୍କ କ୍ଷେତ୍ରରେ ଏଭଳି ଏକ ବଡ଼ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିଟ୍ କର୍ତ୍ତୃପକ୍ଷଙ୍କ ଭୁଲ୍ ଯୋଗୁଁ ତାଙ୍କ ଝିଅର ସ୍ୱପ୍ନ ଚୂରମାର୍ ହୋଇଯାଇଛି ବୋଲି ତାଙ୍କ ବାପା ବିଜୟାନନ୍ଦ ଅଭିଯୋଗ କରିଛନ୍ତି। ଏପରିକି, ଉଚିତ ନ୍ୟାୟ ନ ମିଳିଲେ ସେ ସପରିବାରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।



**ମାନସିକ ଚାପରେ ଛାତ୍ରୀ**

**ପରିବାରଲୋକଙ୍କ ଆତ୍ମାହୁତି ଚେତାବନୀ**

ବିଜୟାନନ୍ଦଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଝିଅ ପ୍ରିୟାଂଶୀ ଚଳିତବର୍ଷ ନିଟ୍ ମେଡିକାଲ ପ୍ରବେଶିକା ପାଇଁ ପରୀକ୍ଷା ଦେଇଥିଲେ। ଗତ ୧୪ ଜୁନ୍‌ରେ ଏହାର ପରୀକ୍ଷାଫଳ ପ୍ରକାଶ ପାଇଥିଲା ଏବଂ ଏନଟିଏ ନିଟ୍ ୱେବସାଇଟ୍‌ରୁ ସେ ମାର୍କ ଡାଉନଲୋଡ କରିଥିଲେ। ସେଥିରେ ତାଙ୍କର ୫୪୦ ମାର୍କ ଥିବା ଦେଖିବାକୁ ପାଇଥିଲେ। ହେଲେ, ଗତ ୨୨ ତାରିଖରେ ମେଡିକାଲ କାଉନସେଲିଂ ପାଇଁ ରେଜିଷ୍ଟ୍ରେସନ୍ ସମୟରେ ତାଙ୍କ ରୋଲ ନଂ ଏବଂ ଏପ୍ଲିକେସନ ନଂ ୱେବସାଇଟ୍‌ରେ ନେଇନଥିଲା। ପୁଣି ତାର ସ୍କୋର କାର୍ଡ ଡାଉନଲୋଡ୍ କରିବାରୁ ସେଥିରେ ମାର୍କ ମାତ୍ର ୯୦ ଦେଖାଇଥିଲା। ବିଜୟାନନ୍ଦ କହିଛନ୍ତି, ତାଙ୍କ ଝିଅ ଜଣେ ମେଧାବୀ ଏବଂ ସେ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ହିଁ ନିଜେ ଆକଳନ କରି ୫୪୦ ମାର୍କ ସ୍କୋର୍ କରିଥିବା ଦୃଢ଼ତାର ସହିତ କହିଥିଲେ। ଜୁନ୍ ୩ ତାରିଖ ଦିନ ନିଟ୍ କର୍ତ୍ତୃପକ୍ଷଙ୍କ ତରଫରୁ ଓଏମଆର ସିଟ୍‌ର କପି ମେଲ୍‌ରେ ଆସିବା କଥା କିନ୍ତୁ ତାହା ମଧ୍ୟ ବର୍ତ୍ତମାନ ସୁଦ୍ଧା ଆସିନାହିଁ। ଏଣୁ ଏହି ଘଟଣାରେ ନିଟ୍ କର୍ତ୍ତୃପକ୍ଷ ଘୋର୍ ଅନିୟମିତତା କରିଥିବା ସନ୍ଦେହ ହେଉଛି। ଝିଅର ରୋଲ ନଂ ଏବଂ ଆପ୍ଲିକେସନ ନଂ ସହିତ କୌଣସି ଠକାମୀ କରାଯାଇଛି। ମୋ ଝିଅ ପ୍ରତି ଅନ୍ୟାୟ ହୋଇଛି ଏବଂ ଜଣେ ମେଧାବୀ ଛାତ୍ରୀର କ୍ୟାରିୟର୍‌କୁ ନଷ୍ଟ କରିଦିଆଯାଇଛି। ତେଣୁ ମୋ ଝିଅକୁ ନ୍ୟାୟ ନ ମିଳିଲେ, ମୁଁ ଏବଂ ମୋ ପରିବାର ଆତ୍ମାହୁତି ଦେବାକୁ ବାଧ୍ୟ ହେବୁ ବୋଲି ବିଜୟାନନ୍ଦ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୫।୭ (ସମିସ): ରାଜ୍ୟ ସରକାର ଓଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପଦ୍ମନାଭ ସାମନ୍ତରାୟଙ୍କୁ ଟିଟିଲାଗଡ଼ରେ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ବିନୟ କୁମାର ଭୋଇଙ୍କୁ ବୌଦ୍ଧ ଉପଜିଲ୍ଲାପାଳ, ଦାଶରଥୀ ସରାବୁଙ୍କୁ ବ୍ରହ୍ମପୁର ଆର୍‌ଆଇସିର ଆଞ୍ଚଳିକ ପ୍ରବନ୍ଧକ ଭାବରେ ଅବସ୍ଥାପିତ କରାଯାଇଛି। ସୁରଜ କୁମାର ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ, ଚାର୍ଲସ ନାୟକଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ, ମଣି ପ୍ରସାଦ ମିଶ୍ରଙ୍କୁ ଆନନ୍ଦପୁର ଅତିରିକ୍ତ ଉପଜିଲ୍ଲାପାଳ, ଚାନ୍ଦିନୀଙ୍କୁ ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ, ପଲ୍ଲବୀରାଣୀ ରାଜ ଯାଜପୁରରେ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ସନ୍ଧ୍ୟାଞ୍ଜଳି ମାଝି କେନ୍ଦ୍ରାପଡ଼ାରେ ଅତିରିକ୍ତ ଉପଜିଲ୍ଲାପାଳ, ରୀନା କୁମାରୀ ନାୟକ ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ, ପ୍ରଧାନ ତୁଲି ଆମ୍ମା ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ଓ ପ୍ରମୋଦ କୁମାର ନାୟକ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି।

**ରବୀନ୍ଦ୍ର ସେଠୀ କେବିକେ ଯୁଗ୍ମ ପ୍ରଶାସକ**

**ସୂରଜ ପଟ୍ଟନାୟକ ସୁନ୍ଦରଗଡ଼ ଏଡ଼ିଏମ୍**

ସେହିପରି ଶିବନାରାୟଣ ସାହୁଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶକ, ସୁଧାକର ସାହୁଙ୍କୁ ଏସ୍‌ଟି ଓ ଏସ୍‌ସି ବିଭାଗ ରିସର୍ଚ୍ଚ ତାଲିମ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ, ସୁଷମା ବାରିକଙ୍କୁ ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗ ଅତିରିକ୍ତ ସଚିବ, ସରୋଜ କୁମାର ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ସଚିବ, ପ୍ରଭାତ କୁମାର ମହାପାତ୍ରଙ୍କୁ ଓଏସ୍‌ସିଏସ୍‌ସି ଜେନେରାଲ୍ ମ୍ୟାନେଜର, ରବୀନ୍ଦ୍ର କୁମାର ସେଠୀଙ୍କୁ କେବିକେ (କୋରାପୁଟ) ଯୁଗ୍ମ ପ୍ରଶାସକ ଭାବେ ନିଯୁକ୍ତି ମିଳିଛି। ବବିତାରାଣୀ ଦଳବେହେରାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ, ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ, ସଞ୍ଜୟ କୁମାର ପ୍ରତିହାରୀଙ୍କୁ କାରାଗାର ନିର୍ଦ୍ଦେଶାଳୟର ଅତିରିକ୍ତ ଆଇଜ, ସୂର୍ଯ୍ୟସ୍ମିତା ସାହୁଙ୍କୁ ବୟନିକାର ଜେନେରାଲ୍ ମ୍ୟାନେଜର, ତରଣି ସୁନାଙ୍କୁ ବଲାଙ୍ଗିର ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନୂପୁର ଛନ୍ଦଗୋଟିଆଙ୍କୁ ପୂର୍ତ୍ତ ବିଭାଗ ଉପସଚିବ ଭାବେ ବଦଳି କରାଯାଇଛି।

ବିକଶିତ ହେବ ବାରିପଦା ସହରାଞ୍ଚଳ

# ଗଠନ ହେବ ଯୁଗ୍ମ ଟେକ୍ନିକାଲ୍ କମିଟି

ଭୁବନେଶ୍ୱର, ୨୫।୭ (ସମିସ): ଉତ୍ତର ଓଡ଼ିଶାର ପ୍ରମୁଖ ସହର ବାରିପଦାକୁ ଉନ୍ନତ ସହରୀ ଭିତ୍ତିଭୂମି ଯୋଗାଇ ଦେବାକୁ ଲୋକସେବା ଭବନ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସହର ପାଇଁ ଏକ ଯୁଗ୍ମ ଟେକ୍ନିକାଲ୍ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କମିଟି ବାରିପଦାର ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ରହିବେ। ତଥ୍ୟ ସଂଗ୍ରହ, ଭୂ-ଉପଯୋଗ, ଭୌଗୋଳିକ ମ୍ୟାପିଂ, ଯୋଜନାର ସମନ୍ୱୟ କରି ଏକ ଭବିଷ୍ୟତ ନକ୍ସା ପ୍ରସ୍ତୁତ କରାଯିବ। ଭବିଷ୍ୟତ ଜନସଂଖ୍ୟାକୁ ଧ୍ୟାନରେ ରଖି ଭୂମି ଉପଯୋଗ ଯୋଜନା, ରେଳ ଓ ରାଜପଥ ସଂଯୋଗ ସହ ସହରର ଯାତାୟାତ ଓ ଗତିଶୀଳତା, ପାନୀୟଜଳ, ଆବାସ ଯୋଜନା ଓ ଆବଶ୍ୟକ ପୂର୍ବକ ଅବସ୍ଥାପନା, ବାରିପଦାର ସାଂସ୍କୃତିକ ଓ ପ୍ରାକୃତିକ ପରିଚୟକୁ ରକ୍ଷା କରିବା ପାଇଁ ଇକୋ-ସେନ୍‌ସିଟିଭ ଜୋନିଂ କରିବା ସହିତ 'ରାଜ୍ୟର ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣରେ ନିୟୋଜିତ ଏବଂ ସମନ୍ୱିତ ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବାରିପଦାକୁ ଏକ ଆଧୁନିକ, ସୁବ୍ୟବସ୍ଥିତ ଓ ଅନୁକୂଳ ସହର ଭାବେ ବିକାଶିତ କରାଯିବ। ଏହି ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ପାରଦର୍ଶିତାକୁ ସୁନିଶ୍ଚିତ କରାଯିବ ବୋଲି ସେ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ବାରିପଦା ସହର ବିକାଶ ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ଭାରତୀୟ ରେଳ, ଜାତୀୟ ରାଜପଥ ସମେତ ନଗର ଯୋଜନା ବିଶେଷଜ୍ଞମାନେ ଓ ଅନ୍ୟାନ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟିର ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟରେ ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୬୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲାର ତେଲକୋଇ ଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍‌ର ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁର ପାପଡ଼ାହାଣ୍ଡିରେ ଏନ୍‌ଏଲ୍‌ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ଆଦି ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମେତ ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟିର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି।

ଫକୀରମୋହନ ଛାତ୍ରୀ ଆତ୍ମଦାହ ଘଟଣା

# କ୍ରାଇମ୍‌ବ୍ରାଞ୍ଚର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା

ବାଲେଶ୍ୱର, ୨୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ଉପରୁ ଖୁବ୍‌ଶୀଘ୍ର ପରଦା ହଟିପାରେ। ୟୁଜିସି ଏବଂ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ତଦନ୍ତ କରି ଫେରିଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଗତକାଲି ଆପାତତଃ ସରିଥିବା କୁହାଯାଉଛି। ଗତକାଲି ସୁଦ୍ଧା ଲଗାତାର ୮ ଦିନ ଧରି କ୍ରାଇମବ୍ରାଞ୍ଚର ଟିମ୍ କଲେଜ ଓ ଆଖପାଖ ଅଞ୍ଚଳରେ ତଦନ୍ତ କରିବା ସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା। କିନ୍ତୁ ଆଜି ତଦନ୍ତକାରୀ ଟିମ୍ କଲେଜ ମାଟି ମାଡ଼ି ନଥିବା ଭାରପ୍ରାପ୍ତ ଅଧ୍ୟକ୍ଷ କହିଛନ୍ତି। ଶେଷଥର ପାଇଁ ଗତକାଲି ଏହି ତଦନ୍ତକାରୀ ଟିମ୍ କଲେଜକୁ ଯାଇ ଇଷ୍ଟକ୍ୟାମ୍ପସ୍‌ରେ ଥିବା ପିଲାମାନଙ୍କୁ ପଚରାଉଚରା କରିଥିଲେ ବୋଲି ସେ କହିଛନ୍ତି। ତେଣୁ, ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପଦାକୁ ଆସିପାରେ ବୋଲି କୁହାଯାଉଛି।

ଶେଷଥର ପାଇଁ ଗତକାଲି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ କଲେଜ ପାଖ ଅଞ୍ଚଳରେ ତନାଘନା କରିବା ପରେ କଲେଜକୁ ଯାଇଥିଲା। ପ୍ରଥମେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯିବା ପରେ ଇଷ୍ଟ କ୍ୟାମ୍ପସ୍‌କୁ ଯାଇଥିଲା। ଇଷ୍ଟ କ୍ୟାମ୍ପସ୍‌ରେ ବିଏଡ୍ ବିଭାଗ ସହ ଅନ୍ୟ ବିଭାଗ ମଧ୍ୟ ରହିଛି। ସେଠାରେ କ୍ରାଇମବ୍ରାଞ୍ଚ ବିଏଡ୍ ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ପିଲାମାନଙ୍କୁ ମଧ୍ୟ ପଚରାଉଚରା କରିଥିବା ଜଣାପଡ଼ିଛି। ସେମାନଙ୍କଠୁ ଘଟଣା ବାବଦରେ ଅଧିକ ତଥ୍ୟ ଯୋଗାଡ଼ କରିଛି। ମୃତ ସୌମ୍ୟାଶ୍ରୀ ବିଏଡ୍ ବିଭାଗ ଛାତ୍ରୀ ହୋଇଥିବାରୁ ଉକ୍ତ ବିଭାଗର ଛାତ୍ରଛାତ୍ରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।



**ଶେଷଥର ଗତକାଲି କଲେଜକୁ ଯାଇ ତନାଘନା କରିଥିଲା**

**ଇଷ୍ଟ-କ୍ୟାମ୍ପସ୍ ପିଲାଙ୍କୁ ପଚରାଉଚରା**

**ବିଏଡ୍ ସହ ଅନ୍ୟ ବିଭାଗ ଛାତ୍ରଛାତ୍ରୀଙ୍କଠାରୁ ତଥ୍ୟ ସଂଗ୍ରହ**

ପ୍ରକାଶଥାଉକି, ଗତ ରବିବାର ଦିନ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମହାବିଦ୍ୟାଳୟରେ ପାଖାପାଖି ତିନି ଘଣ୍ଟା ଧରି ତଦନ୍ତ କରିବା ପରେ ଆଇଜି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ବିଶେଷକରି ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଗୁଡ଼ିଏ ତଥ୍ୟ ସଂଗ୍ରହ କରିଛି। ଘଟଣା ବାବଦରେ ବହୁତ କିଛି ଲିଡ୍ ମଧ୍ୟ ମିଳିଥିବା କଥା ସେ ପ୍ରକାଶ କରିଥିଲେ। ଏହି ଘଟଣାରେ ବହୁ ଜଣ ସାକ୍ଷୀ ରହିଛନ୍ତି। ସାକ୍ଷୀମାନଙ୍କ ବୟାନ ଘଟଣା ପୂର୍ବରୁ ଏବଂ ପରର ସଂଗ୍ରହ ହୋଇଥିଲା। ସମସ୍ତ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀ, କମିଟି ସଦସ୍ୟ, ବୈଠକର ଥିବା ସମସ୍ତଙ୍କ ମତ ସଂଗ୍ରହ କରାଯାଇଛି। ଫାଇନାଲ୍ ରିପୋର୍ଟରେ ସବୁ ରହିବ ବୋଲି ସେ ସୂଚନା ଦେଇଥିଲେ।

## ଅଧ୍ୟାପକ ସମୀରଙ୍କ ଜାମିନ ଆବେଦନ ଖାରଜ

ବାଲେଶ୍ୱର, ୨୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁଙ୍କ ଆଜି ଜାମିନ ଆବେଦନ ଖାରଜ ହୋଇଯାଇଛି। ଏଥିସହ ତାଙ୍କର ବିଚାର ବିଭାଗୀୟ ହାଜତ ଅବଧିକୁ ଆଉ ୧୪ ଦିନ ବଢ଼ାଇ ଦିଆଯାଇଛି। ଆଜି ସମୀର ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିଲେ। ତେବେ ଏସ୍‌ଡିଜେଏମ୍ କିଶୋର କୁମାର ନାଥ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ପ୍ରକାଶ ଥାଉ କି, ସମୀର ସାହୁ ମହାବିଦ୍ୟାଳୟ ବିଏଡ୍ ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶି ତାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ମାତ୍ର ଏନେଇ କଲେଜରୁ ତାଙ୍କୁ ନ୍ୟାୟ ନମିଳିବାରୁ ଗତ ୧୨ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ଦିନ ସମୀରଙ୍କୁ ଗିରଫ କରାଯିବା ସହ ଚାକିରିରୁ ନିଲମ୍ବନ କରାଯାଇଥିଲା। ଆଜି ତାଙ୍କର ୧୪ଦିନିଆ ବିଚାର ବିଭାଗୀୟ ଅବଧି ଶେଷ ହୋଇଥିଲା।

**ଭିସି ମାଧ୍ୟମରେ କୋର୍ଟରେ ହାଜର**

**ଅଧିକ ୧୪ ଦିନ ଜେଲ୍ ଅବଧି ବୃଦ୍ଧି**

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୭୬-କଲିକତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୯୪୫- ବ୍ରିଟେନର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ନିଜ ପଦରୁ ଇସ୍ତଫା ଦେଲେ।
- ୧୯୯୭- ଶ୍ରୀଲଙ୍କା ଏସିଆ କପ୍ କ୍ରିକେଟ୍ ଜିତିଲା।
- ୨୦୦୮ - ଅହମ୍ମଦାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୫୬ ଜଣଙ୍କର ମୃତ୍ୟୁ ଓ ୨୦୦ରୁ ଅଧିକ ଲୋକ ଆହତ।
- ୨୦୧୨- ସିରିଆରେ ହିଂସା ଯୋଗୁଁ ଦିନକରେ ୨୦୦ ଲୋକଙ୍କ ପ୍ରାଣହାନି।

## କାରଗିଲ ବିଜୟ ଦିବସ




ଜୁଲାଇ ୨୬ ତାରିଖ, କାରଗିଲ ବିଜୟ ଦିବସ। ଭାରତୀୟ ଇତିହାସରେ ଏକ ସ୍ମରଣୀୟ ଦିନ। ପାକିସ୍ତାନ ବିରୋଧରେ ଭାରତୀୟ ସେନାର ବୀରତ୍ୱକୁ ମନେପକାଉଛି ସାରାଦେଶ। ୧୯୯୯ ମସିହା ଆଜିର ଦିନରେ ଭାରତ ପାକିସ୍ତାନକୁ ପରାଜିତ କରି କାରଗିଲରେ ବିଜୟ ଧ୍ୱଜା ଉଡ଼ାଇଥିଲା। କାରଗିଲରେ ଭାରତୀୟ ସୈନ୍ୟମାନେ ପାକିସ୍ତାନକୁ ଧୂଳି ଚଟେଇ ଦେଇଥିଲେ। କାରଗିଲ ଯୁଦ୍ଧ ୧୯୯୯ ମେ' ୩ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା। ଯୋଜନାବଦ୍ଧ ଭାବେ ପାକିସ୍ତାନ ୧୯୯୮ରୁ ହିଁ ଯୁଦ୍ଧର ଆରମ୍ଭ କରିଥିଲା। ୫ ହଜାର ସୈନ୍ୟଙ୍କୁ କାରଗିଲ ଦଖଲ ପାଇଁ ପଠାଇଥିଲା ପାକିସ୍ତାନ। କାରଗିଲ ଯୁଦ୍ଧରେ ୫୦୦ରୁ ଅଧିକ ଭାରତୀୟ ଯବାନ ଶହିଦ ହୋଇଥିବାବେଳେ ପାକିସ୍ତାନ ହରାଇଥିଲା ୪୦୦୦ରୁ ଊର୍ଦ୍ଧ୍ୱ ସୈନିକ। ପାକିସ୍ତାନକୁ ମାତ୍ ଦେବା ପାଇଁ ଭାରତୀୟ ସୈନ୍ୟ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲେ। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୮ ହଜାର ଫୁଟ ଉଚ୍ଚ ଏବଂ ମାଇନସ୍ ୪୮ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ଶତ୍ରୁସୈନ୍ୟର ମୁକାବିଲା କରିଥିଲା ଭାରତୀୟ ସେନା। ଦେଶ ପାଇଁ ଲଢ଼ି ଚାଲିଥିଲେ ଯବାନମାନେ। ସେତେବେଳେ ଏ ଯୁଦ୍ଧ ଟେଲିଭିଜନରେ ପ୍ରସାରିତ ହୋଇଥିଲା। କାରଗିଲ ବିଜୟ ଦିବସ ଅବସରରେ ସାରା ଦେଶ ବୀର ସହିଦମାନଙ୍କୁ ସେମାନଙ୍କର ଅଦମ୍ୟ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେଇଥାଏ।

## ଆଜି ଆସିଥିଲେ
## ସଂଗ୍ରାମୀ ମାଳତୀ ଚୌଧୁରୀ



ଜଣେ ଗାନ୍ଧିବାଦୀ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ମାଳତୀ ଚୌଧୁରୀ ଏକ ସୁପରିଚିତ ନାମ। ପାଠପଢ଼ା ସମୟରୁ ପରାଧୀନ ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜସେବାକୁ ବ୍ରତ ରୂପେ ସେ ପାଳନ କରିଥିଲେ। ମାଳତୀ ଚୌଧୁରୀ ୧୯୦୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀରେ ଯୋଗ ଦେବା ପରେ ତାଙ୍କ ଜୀବନଶୈଳୀ ବଦଳି ଯାଇଥିଲା। ସେଠାରେ ପଢ଼ୁଥିବା ସମୟରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ଆଗଭର ହୋଇ ଉଠିଥିଲେ। ମାଳତୀ ଚୌଧୁରୀ ଯୁବକ ନବକୃଷ୍ଣ ଚୌଧୁରୀ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ ବିବାହ କରିଥିଲେ। ୧୯୨୭ରେ ଦୁହେଁ ଶାନ୍ତି ନିକେତନ ଛାଡି ଓଡ଼ିଶା ଆସିଥିଲେ। ବିବାହ ପରେ ମାଳତୀଙ୍କ କର୍ମଭୂମି ପାଲଟିଗଲା ଓଡ଼ିଶା। ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଯୋଗଦେବା ସମୟରେ ସେ ଏକାଧିକ ବାର ସରଳା ଦେବୀ, ରମା ଦେବୀଙ୍କ ସହ ବନ୍ଦୀ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରଜାମଣ୍ଡଳ ଆନ୍ଦୋଳନରେ ସେ ଏତେ ମାତ୍ରାରେ ଜଡ଼ିତ ଥିଲେ ଯେ, ଇଂରେଜ ସରକାର ତାଙ୍କୁ "ଜୋଆନ୍ ଅଫ୍ ଆର୍କ" ନାମରେ ସମ୍ବୋଧନ କରୁଥିଲେ। ଅନୁଗୁଳଠାରେ ସେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରିଥିଲେ, ଯେଉଁଠାରେ ପ୍ରଜାମଣ୍ଡଳ ଆନ୍ଦୋଳନର ଅଂଶଗ୍ରହଣକାରୀଙ୍କୁ ପ୍ରସ୍ତୁତ କରାଯାଉଥିଲା। ଅନୁଗୁଳରେ ଉତ୍କଳ ନବଜୀବନ ମଣ୍ଡଳ ପ୍ରତିଷ୍ଠା କରି ସେ ପୌଢ଼ଶିକ୍ଷା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ହାତକୁ ନେଇଥିଲେ। ସେ ମଧ୍ୟ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ। ବହୁ ଜାତୀୟ ପୁରସ୍କାର ପ୍ରାପ୍ତ ହୋଇଥିବା ମାଳତୀ ଚୌଧୁରୀ ୧୫ ମାର୍ଚ୍ଚ, ୧୯୯୮ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

## ଆଜି ବାହୁଡ଼ିଥିଲେ
## ପଣ୍ଡିତ ଗୋଦାବରୀଶ ମିଶ୍ର



ସତ୍ୟବାଦୀ ଆନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେ ଏକାଧାରରେ ଥିଲେ ଜଣେ କବି, ଗାଥା କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ, ସୁସମାଲୋଚକ ଏବଂ ସଂଯୋଜକ। ଓଡ଼ିଆ ସାହିତ୍ୟରେ ସେ ପ୍ରଥମ ଗାଥା କବିତାର ସ୍ରଷ୍ଟା ଭାବେ ପରିଚିତ। ଗୋଦାବରୀଶ ମିଶ୍ର ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଗାନ୍ଧୀ ଓ ସୁଭାଷ ଥିଲେ ତାଙ୍କର ଆଦର୍ଶ। ଓଡ଼ିଶାକୁ ଗଢ଼ିବା ପାଇଁ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖଙ୍କ ସହ ସେ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ। ସତ୍ୟବାଦୀ ବନବିଦ୍ୟାଳୟରୁ ତାଙ୍କ ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା। ସ୍ୱେଚ୍ଛାକୃତ ଭାବେ ସେ ଶିକ୍ଷକ ଜୀବନରୁ ଅବସର ନେଇଥିଲେ। ଏହାପରେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇ ଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ଏହି ସମୟରେ ତାଙ୍କ ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ। ଏସବୁ ମଧ୍ୟରେ 'କାଳିଜାଈ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସର ସ୍ରଷ୍ଟା। ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

## ବୀରଙ୍କ ପ୍ରେମରେ ତାରା



ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ଥାଆନ୍ତି। ଏବେ ତାରା ପୁଣି ଥରେ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। ପ୍ରଥମେ ସେ ଆଦର ଜୈନଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। କିନ୍ତୁ ତାଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ସେ ଭାଙ୍ଗିପଡ଼ିଥିଲେ। ଏବେ ତାରା ବୀର ପହାଡ଼ିଆଙ୍କ ସହ ପ୍ରେମ ସମ୍ପର୍କରେ ଥିବା କୁହାଯାଉଛି। ତାରା ଓ ବୀର ଆଉ ସେମାନଙ୍କ ସମ୍ପର୍କକୁ ଲୁଚାଇବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ନିକଟରେ ତାରା ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ କାଉଚର୍ ୱିକ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ସେ ଏକ ଷ୍ଟ୍ରାପ୍‌ଲେସ୍ ଗାଉନ୍ ପିନ୍ଧି ର୍ୟାମ୍ପ ୱାକ୍ କରିଥିଲେ। ଏହି ସମୟରେ ତାରା ଆଗଧାଡ଼ିରେ ବସିଥିବା ବୀରଙ୍କ ଉଦ୍ଦେଶ୍ୟରେ ଫ୍ଲାଇଂ କିସ୍ କରିଥିଲେ। ବୀର ତାରାଙ୍କୁ ଦେଖି ହସି ଦେଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ତାରା ଓ ବୀରଙ୍କ ଏହି କେମେଷ୍ଟ୍ରି ଦେଖି ଉଭୟ ପ୍ରେମ ସମ୍ପର୍କରେ ଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଛି। ଗତ ମେ ମାସରେ ଉଭୟ ଲାକ୍‌ମେ ଫେଶନ୍ ୱିକ୍‌ରେ ଏକାଠି ର୍ୟାମ୍ପ ୱାକ୍ କରୁଥିବାବେଳେ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏହାପରେ ଉଭୟଙ୍କୁ ମୁମ୍ବାଇର ଏକ ରେସ୍ତୋରାଁରେ ଏକାଠି ଦେଖାଯାଇଥିଲା।

# ସୁମନ

### ସକାଳ ଶିଶୁ କୁଇଜ୍-୧୭୨

(୧) ରାମାୟଣରେ ଭରତଙ୍କ ପତ୍ନୀଙ୍କ ନାମ କ'ଣ ଥିଲା?
ଉତ୍ତର: ______

(୨) ଧୂଆଁଧାର ଜଳପ୍ରପାତ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର: ______

(୩) ଅନ୍ତର୍ଜାତୀୟ ସାକ୍ଷରତା ଦିବସ କେବେ ପାଳନ କରାଯାଏ?
ଉତ୍ତର: ______

(୪) ଭାରତରେ ପ୍ରଥମ ଥର ଜନଗଣନା କେବେ ହୋଇଥିଲା?
ଉତ୍ତର: ______

(୫) 'ରାଜତରଙ୍ଗିଣୀ'ର ରଚୟିତା କିଏ?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସଞ୍ଜୀବ କୁମାର ଭୋଇ, କୁଶଙ୍ଗ, ବଲାଙ୍ଗୀର
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ସାଇ ସ୍ମୃତି ମହାନ୍ତି, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## କାଉଡ଼ିଆ ମୁହେଁ ଫୁଟିଛି ହସ



ଧୀରେନ୍ଦ୍ର ମଲ୍ଲିକ

କୁନି କାନ୍ଧରେ ମୋ କୁନି କାଉଡ଼ିକୁ
କାନ୍ଧେଇ ନେଉଛି ମୁହିଁ
ଖାଲ ଢିପ ରାସ୍ତା ତଥାପି ଯମାରୁ
କଷ୍ଟ ମୋତେ ଲାଗୁନାହିଁ।
ଦଶାସନୀ ଘାଟୁ ଉଠାଇଲି ପାଣି
କାଉଡ଼ିକୁ ପୂଜା କରି,
ଶିବ ନାମ ଜପି ଆଗକୁ ବଢ଼ିଲି
କଲିନାହିଁ ଟିକେ ଡେରି।
ଖରା ବରଷାକୁ ଭୟ ମୋ ନ ଥିଲା
ମନେ ରହିଥିଲା ଭକ୍ତି,
ପାଦ ପଡୁଥିଲା ଚଞ୍ଚଳ ଚଞ୍ଚଳ
ଦେଉଥିଲେ ପ୍ରଭୁ ଶକ୍ତି।
କୁନି କାଉଡ଼ିଆଟିଏ ବୋଲି ମୁହିଁ
ନ ଥିଲା ମନରେ ଭୟ,
କେବଳ ଶିବଙ୍କ ପାଖରେ ମୋହର
ରହିଥିଲା ପରା ଲୟ।
ଶେଷରେ ପ୍ରଭୁଙ୍କ ପାଖରେ ପହଞ୍ଚି
ଆନନ୍ଦେ ଦର୍ଶନ କଲି,
କଳସରେ ନେଇଥିବା ଜଳ ତାଙ୍କ
ମସ୍ତକରେ ଢାଳି ଦେଲି ।।

ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ-୭୯୦୪୩୯୨୬୮୬



କୁମାରୀ ଲିତୁରାଣୀ ସାହୁ

ଆସରେ ପିଲାଏ ଦେଖିବ ଆସ
କାଉଡ଼ିଆ ମୁହେଁ ଫୁଟିଛି ହସ।
ଗେରୁଆ ବସନ ଦେହରେ ନାଇ
ଶିବଙ୍କର ନାମ ତୁଣ୍ଡରେ ଗାଇ।
କାନ୍ଧରେ ବୋହିଛି ଜଳର ଭାର
ଧାଇଁ ଧାଇଁ ଯାଏ ଶିବ ମନ୍ଦିର।
ଝଡ଼ ବରଷାକୁ ଖାତର ନାହିଁ
ମାନସିକ ପୂରା କରିବା ପାଇଁ।
ଶିବ ମନ୍ଦିରରେ ପହଞ୍ଚି ଯାଇ
ଠିଆ ହୋଇଯାଏ ଧାଡ଼ିରେ ରହି।
ଆସିଯାଏ ଯେବେ ତାହାରି ପାଳି
ଶିବ ଲିଙ୍ଗେ ଜଳ ଦିଏ ତ ଢାଳି।
ବିନତୀ କରେ ମୁଁ ଆହେ ଶଙ୍କର
ମାନସିକ ପୂରା କର ତାଙ୍କର।

ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଜଗମୋହନ ପୁର, ତେଲକୋଇ, କେନ୍ଦୁଝର
ମୋ–୮୨୪୯୭୭୦୭୩୦



## ମାନବିକତା



ଦ୍ୱିପହର ସମୟ। ତତଲା ପବନରେ ଦେହ ହାତ ଜଳିପୋଡ଼ି ଯାଉଥାଏ। ସୌରଭ ଦାଣ୍ଡ ଫାଟକ ଖୋଲି ଦାଣ୍ଡକୁ ଆସିଲା। ବାପା ରାସ୍ତା କଡ଼ରେ ଦୁଇଟି ମାଟି ପାତ୍ର ରଖିଛନ୍ତି। ସୌରଭକୁ କହିଛନ୍ତି ସକାଳେ ଆଉ ଦ୍ୱିପହରରେ ଏଥିରେ ପାଣି ଭରିଦେବା ପାଇଁ। ବୁଲା ଗୋରୁଗାଈ, କୁକୁର ଆଉ କେତେ ରକମର ଚଢ଼େଇ ଆସି ସେଇ ପାତ୍ରରୁ ପାଣି ପିଉଛନ୍ତି। ଖରାଦିନ ସେମାନଙ୍କୁ କୋଉଠୁ ଟୋପେ ପାଣି ମିଳୁ ନ ଥିବ। ପାତ୍ରରେ ଅଳ୍ପ ଜଳ କମି ଯାଇଥାଏ ସୌରଭ ସଙ୍ଗେ ସଙ୍ଗେ ଆଣି ସେଥିରେ ଭରିଦେଲା। ଘର ଭିତରୁ ମା ଡାକ ଦେଲେ ଖରାବେଳେ ଏଣେତେଣେ ନ ବୁଲି ଟିକେ ସମୟ ଶୋଇ ପଡୁନୁ। ସୌରଭ କହିଲା ନାହିଁ ମା' ମୁଁ ଶୋଇବି ନାହିଁ ଯାଉଛି ଟ୍ୟୁସନ ପାଠ ସାରିଦେବି। ଏତିକି କହି ସୌରଭ ଆସିକି ତା' ପଢା ଟେବୁଲ ପାଖରେ ପଡ଼ି ବସିଲା। ଏଇ ସମୟରେ ଦାଣ୍ଡରେ ଆଇସକ୍ରିମ୍‌ବାଲାର ଡାକ ଶୁଭିଲା। ସୌରଭର ଆଇସକ୍ରିମ୍ ଖାଇବାକୁ ଭାରି ଇଚ୍ଛା ହେଲା ହେଲେ ତା' ପାଖରେ ଟଙ୍କାଟିଏ ବି ନ ଥିଲା। ମାଙ୍କୁ ନିଦରୁ ଡାକିଲେ ବିରକ୍ତ ହେବେ। ଏଣୁତେଣୁ ଭାବିଭାବି ସୌରଭ ଦାଣ୍ଡକୁ ଆସିଲା। ଏବେ ବି ଖରା କମି ନ ଥାଏ, ଗରମ ପବନ ବୋହୁଥାଏ। ସୌରଭ ଦେଖିଲା ସେ ଆଇସକ୍ରିମ୍‌ବାଲା ଜଣଙ୍କ ତାଙ୍କ ଘର ସାମ୍ନାରେ ଥିବା ଆମ୍ବଗଛ ତଳେ ଛିଡ଼ା ହୋଇଛନ୍ତି। ସେ ଥକି ଗଲା ଭଳି ଦିଶୁଥାନ୍ତି, ଦେହରୁ ଗମଗମ୍ ହେଇ ଝାଳ ବୋହିଯାଉଥାଏ। ସୌରଭ ଚଟାପଟ୍ ଘର ଭିତରକୁ ଧାଇଁଗଲା। ଲେମ୍ବୁ ଆଉ ଟିକେ ଚିନି ଆଣି ଲେମ୍ବୁ ପାଣି ତିଆରି କଲା। ଏଥର ଚାଲିଲା ଆଇସକ୍ରିମ୍‌ବାଲା ଅଙ୍କଲଙ୍କ ପାଖକୁ। ଅଙ୍କଲ ନିଅନ୍ତୁ ପିଇ ଦିଅନ୍ତୁ ଆପଣ ବହୁତ ଥକି ଗଲା ଭଳି ଦିଶୁଛନ୍ତି। ଏ ଲେମ୍ବୁପାଣି ମୁଁ ନିଜେ ତିଆରି କରିଛି। ଗ୍ଲାସ୍‌ଟି ସୌରଭ ହାତରୁ ନେଉ ନେଉ ଆଇସକ୍ରିମ୍‌ବାଲା ପଚାରିଲେ ବାବା ତୁମେ କୋଉ କ୍ଲାସ୍‌ରେ ପଢୁଛ? ସୌରଭ କହିଲା ମୋର ପଞ୍ଚମ ଶ୍ରେଣୀ। ଲେମ୍ବୁ ପାଣି ପିଇ ଆଇସକ୍ରିମ୍‌ବାଲା ଅଙ୍କଲ ବହୁତ ଖୁସି ହେଲେ ଆଉ କହିଲେ ମନ ଲଗେଇ ପାଠ ପଢ଼ ଆଉ ଭଲ ମଣିଷଟେ ହୁଅ। ଆଉ କହିଲେ ଖରାରେ ବୁଲି ବୁଲି ମୋ ମୁଣ୍ଡ ବୁଲେଇ ଦେଉଥିଲା। ତୁମ ହାତରୁ ଲେମ୍ବୁ ପାଣି ଗିଲାସ ପିଇ ଦେଲା ପରେ ଲାଗିଲା ଯେମିତି ମୋ ଦେହରେ ଜୀବନ ପଶିଗଲା। ସୌରଭ ଗିଲାସଟା ନେଇ ଘରକୁ ଲେଉଟି ଆସୁଥିଲା, ଆଇସକ୍ରିମବାଲା ଅଙ୍କଲ ପଛରୁ ଡାକିଲେ ବାବା ମୋ ତରଫରୁ ଗୋଟେ ଆଇସକ୍ରିମ୍ ନିଅ। ସୌରଭ ମନା କରୁଥିଲା। ହେଲେ ଅଙ୍କଲ ବାଧ କରି ତା ହାତକୁ ଗୋଟେ ଆଇସକ୍ରିମ୍ ବଢ଼େଇଦେଲେ। ସନ୍ଧ୍ୟାରେ ବାପା ଅଫିସ୍‌ରୁ ଫେରିଲେ ସୌରଭ ସବୁ କଥା ବାପାଙ୍କ ଆଗରେ କହିଲା। ବାପା କହିଲେ, ତୁ ଆମର ଭଲ କାମଟି କରିଚୁ। ଅନ୍ୟକୁ ସାହାଯ୍ୟ କରିବା ସହାନୁଭୂତି ଦେଖାଇବା ଆମର ପ୍ରଥମ ଧର୍ମ ଆଉ କର୍ତ୍ତବ୍ୟ। ଏଇ ସମୟରେ ମା' ଘର ଭିତରୁ ବାହାରି ଆସି ସବୁ କଥା ଶୁଣିଲେ। ମା' କହିଲେ ମାନବିକତା ଆମର ଶ୍ରେଷ୍ଠ ପରିଚୟ। ମଣିଷ ରୂପ ରଙ୍ଗରୁ ନୁହେଁ ଭଲ କାମ ଲାଗି ଆଦର ପ୍ରଶଂସା ପାଇଥାଏ। ସାବାସ୍ ସୌରଭ ବେଟା କହି ବାପା ତା' ପିଠି ଥାପୁଡ଼େଇ ଦେଲେ।




ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ
ମୋ- ୯୯୩୭୯୬୩୯୧୦

## ପ୍ରହେଳିକା

- ବର୍ଷାକାଳ ଯେବେ ଧରାକୁ ଆସେ
ଗାଆଁ ପୋଖରୀରେ ସେ ଫୁଲ ହସେ
ଧଳା ନାଲି ଅବା ନୀଳ ରଙ୍ଗରେ
ଶୋଭାପାଏ ସିଏ ପାଣି ଉପରେ
ଜହ୍ନର ଶୀତଳ ଜୋଛନା ପାଇ
ରାତି କାଳେ ସେହି ଫୁଲ ଫୁଟଇ
ରୂପ ତା' ଭାରି ସୁନ୍ଦର
ସାଜସଜା ପୁଣି ପୂଜାରେ ବି ଲାଗେ
କୁହ ଦେଖି ନାମ ତା'ର।

ଉତ୍ତର-କଇଁ ଫୁଲ



- ପରିବାଟିଏ ସେ ବର୍ଷା କାଳର
ସାପ ପରି ଲମ୍ବା ତା'ର ଶରୀର
ଭାଡ଼ିରେ ଯେବେ ତା'କଷି ଆସଇ
ତା'ଅଗରେ କୁନା ଗୋଡ଼ି ବାନ୍ଧଇ
ପରିବାଟେ ସିଏ ସ୍ୱାଦ ମଧୁର
ଭଜା ରାଇ ପାଇଁ ପାଏ ଆଦର
ଦେହ ପାଇଁ ସିଏ ହିତ
ତନ୍ତୁ ଜାତୀୟ ସେ ଦେଶୀ ପରିବାଟେ
କୁହ ତା'ର ନାମ ମିତ।

ଉତ୍ତର-ଛଞ୍ଚିଦ୍ରା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ତୁଳୀ ଆଉ ତୁମ ଫୁଲ





ଅନ୍ୱେଷା ବଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ସାଇ ସେଠୀ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





ସତ୍ୱିକା ମହାପାତ୍ର
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା

# ରୁଟ୍‌ଙ୍କ ଶତକ; ଇଂଲଣ୍ଡ ଇନିଂସ ଅଗ୍ରଣୀ

ଓଲ୍ଡ ଟ୍ରାଫୋର୍ଡ, ୨୫।୭ (ଏଜେନ୍ସି)



ଜୋ ରୁଟ୍‌ଙ୍କ ୩୮ତମ ଟେଷ୍ଟ ଶତକ ସହାୟତାରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତ କଷ୍ଟେ ମଷ୍ଟେ ୩୫୮ ରନ୍ କରିଥିଲା। ଜବାବରେ ତୃତୀୟ ଦିନ ଶେଷ ରିପୋର୍ଟ ସୁଦ୍ଧା ଇଂଲଣ୍ଡ ୭ ୱିକେଟରେ ୫୩୯ ରନ୍ କରି ଏହି ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି। ଏହି ସମୟରେ ଇଂଲଣ୍ଡ ଅଧିନାୟକ ୭୦ ଓ ଲିଆମ୍ ଡାଓସନ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ରୁଟ୍ ସର୍ବାଧିକ ୧୫୦, ଓଲି ପୋପ୍ ୭୧, ହ୍ୟାରୀ ବ୍ରୁକ୍ ୩, ଜେମି ସ୍ମିଥ୍ ୯ ଓ କ୍ରିସ୍ ଓକ୍ସ ୪ ରନ୍‌ରେ ଆଉଟ ହୋଇଥିଲେ। ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଏବେ ସୁଦ୍ଧା ୧୮୧ ରନ୍‌ରେ ଆଗୁଆ ରହିଥିବାରୁ ଭାରତ ଚାପରେ ପଡ଼ିଛି। ଏହି ଟେଷ୍ଟର ଖେଳ ଆଉ ୨ ଦିନ ବାକିଥିଲାବେଳେ ମ୍ୟାଚ୍ ଇଂଲଣ୍ଡ କବ୍‌ଜାରେ ରହିଛି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଅଂଶୁଲ କାମ୍ବୋଜ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

ଏହି ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨ ୱିକେଟରେ ୨୨୫ ରନ୍‌ରୁ ଖେଳ ଆରମ୍ଭ କରି ସହଜରେ ରନ୍ ସଂଗ୍ରହ କରିଥିଲା। ଦୁଇ ଅପରାଜିତ ବ୍ୟାଟର ରୁଟ୍ ଏବଂ ଓଲି ପୋପ୍‌ଙ୍କୁ ଭାରତୀୟ ବୋଲର ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଅବଶ୍ୟ ଏମାନେ ଗତଦିନଠାରୁ ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇ ନ ଥିଲେ। ଫଳରେ ଇଂଲଣ୍ଡ ପ୍ରଥମ ସେସନରେ କୌଣସି ୱିକେଟ ନ ହରାଇ ୧୦୭ ରନ୍ କରିଥିଲା। ଲଞ୍ଚ ବେଳକୁ ୭୪ ଓଭର ଖେଳି ଦଳ ୨ ୱିକେଟରେ ୩୩୨ ରନ୍ କରିଥିଲା। ପୋପ୍ ୭୦ ଓ ରୁଟ୍ ୭୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଲଞ୍ଚ୍ ପରେ ଇଂଲଣ୍ଡ ୪ ଓଭର ଓ ୯ ରନ୍ ମଧ୍ୟରେ ୨ଟି ୱିକେଟ ହରାଇଥିଲା। ଭାରତର ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏହି ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ୭୧ ରନ୍ କରିଥିଲାବେଳେ ପୋପ୍ ପ୍ରଥମ ସ୍ଲିପ୍‌ରେ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ବ୍ରୁକ୍ କିନ୍ତୁ ଷ୍ଟମ୍ପିଂର ଶିକାର ହୋଇଥିଲେ। ସେ ୩ ରନ୍ କରିପାରିଥିଲେ। ଏହା ପରେ ଇଂଲଣ୍ଡ ଆଉ କୌଣସି ସୁଯୋଗ ଦେଇ ନ ଥିଲା କିମ୍ବା ଭାରତକୁ ଆଉ କୌଣସି ସଫଳତା ମିଳି ନ ଥିଲା। ଟି ସୁଦ୍ଧା ଇଂଲଣ୍ଡ ୧୦୨ ଓଭରରେ ୪ ୱିକେଟ ହରାଇ ୪୩୩ ରନ୍ କରିନେଇଥିଲା। ଏହି ସମୟରେ ରୁଟ୍ ୧୨୧ ଓ ଷ୍ଟୋକ୍ସ ୩୬ ରନ୍‌ରେ ବ୍ୟାଟିଂ କରୁଥିଲେ। ରୁଟ୍ ଏଠାରେ ଟେଷ୍ଟ କ୍ରିକେଟରେ ଭାରତର ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଥିଲେ। ସେ ମଧ୍ୟ ସଚିନ (୫୧), କାଲିସ (୪୫) ଓ ପଣ୍ଟିଂ (୪୧)ଙ୍କ ପରେ ୩୮ଟି ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସର୍ବାଧିକ ଟେଷ୍ଟ ଶତକହାସଲକାରୀ ବିବେଚିତ ହୋଇଥିଲେ। ଭାରତର ସୁନ୍ଦରଙ୍କୁ ୨ଟି ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୫୩୯/୭, ୧୩୪ ଓଭର (ରୁଟ୍-୧୫୦, କ୍ରାଲୀ-୯୪, ଡକେଟ-୮୪, ପୋପ୍-୭୧, ଷ୍ଟୋକ୍ସ-୭୬*, ସୁନ୍ଦର-୨/୫୭, ଜାଡେଜା-୨/୧୧୭)।

### ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍

| ଖେଳାଳି | ଦେଶ | ମ୍ୟାଚ୍ | ରନ୍ |
|---|---|---|---|
| ତେନ୍ଦୁଲକର | ଭାରତ | ୨୦୦ | ୧୫,୯୨୧ |
| ଜୋ ରୁଟ୍ | ଇଂଲଣ୍ଡ | ୧୫୭ | ୧୩,୪୦୯ |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୧୬୮ | ୧୩,୩୭୮ |
| ଜ୍ୟାକ୍ କାଲିସ୍ | ଦ.ଆଫ୍ରିକା | ୧୬୬ | ୧୩.୨୮୯ |
| ରାହୁଲ ଦ୍ରାବିଡ୍ | ଭାରତ | ୧୬୪ | ୧୩,୨୮୮ |
| ଆଲିଷ୍ଟର କୁକ୍ | ଇଂଲଣ୍ଡ | ୧୬୧ | ୧୨,୪୭୨ |

### ସର୍ବାଧିକ ଶତକ

| ଖେଳାଳି | ଶତକ |
|---|---|
| ତେନ୍ଦୁଲକର | ୫୧ |
| କାଲିସ | ୪୫ |
| ପଣ୍ଟିଂ | ୪୧ |
| ସଙ୍ଗକାରା | ୩୮ |
| ରୁଟ୍ | ୩୮ |
| ସ୍ମିଥ୍ | ୩୬ |
| ଦ୍ରାବିଡ | ୩୬ |

### ଟେଷ୍ଟ କ୍ରିକେଟରେ 'ଜୋ'ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ

ଏଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ଜୋ ରୁଟ୍ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ଭାରତର ରାହୁଲ ଦ୍ରାବିଡ୍ (୧୬୪ ଟେଷ୍ଟରେ ୧୩,୨୮୮ ରନ୍), ଦକ୍ଷିଣ ଆଫ୍ରିକାର କାଲିସ୍ (୧୬୬ଟି ଟେଷ୍ଟରେ ୧୩,୨୮୯ରନ୍) ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୬୮ ଟେଷ୍ଟରେ ୧୩,୩୭୮ ରନ୍)ଙ୍କୁ ଅତିକ୍ରମ କରି ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରି ବିବେଚିତ ହୋଇଛନ୍ତି। ଏବେ ଭାରତର ସଚିନ ତେନ୍ଦୁଲକର ୧୫,୯୨୧ ରନ୍ ସଂଗ୍ରହ କରି ବିଶ୍ୱରେ ସର୍ବାଧିକ ଟେଷ୍ଟ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ସଚିନ୍ ୨୦୦ ଟେଷ୍ଟ ଓ ୩୨୯ ଇନିଂସରେ ହାରାହାରି ୫୩.୭୮ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫୧ ଶତକ, ୬୮ ଅର୍ଦ୍ଧଶତକ ରହିଥିଲାବେଳେ ୧୪ଥର ଶୂନ୍‌ରେ ଆଉଟ ହୋଇଛନ୍ତି। ତୃତୀୟ ଦିନ ଆଉଟ୍ ହେଲା ବେଳକୁ ରୁଟ୍ ୧୫୦ ରନ୍ କରିଥିଲାବେଳେ ଟେଷ୍ଟ କ୍ୟାରିୟରରେ ୧୩,୪୦୯ ରନ୍‌ରେ ପହଞ୍ଚିଥିଲେ। ୧୫୭ତମ ଟେଷ୍ଟ ଖେଳୁଥିବା ରୁଟ ଦ୍ରୁତତମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଏହା ମଧ୍ୟରେ ୩୮ଟି ଶତକ ଓ ୬୬ଟି ଅର୍ଦ୍ଧଶତକ ରହିଛି। ଇନିଂସ ପ୍ରତି ସେ ହାରାହାରି ୫୧.୧୭ ହାରରେ ରନ୍ ସଂଗ୍ରହ କରିଛନ୍ତି। ରୁଟ ଟେଷ୍ଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଥିଲେ ମଧ୍ୟ ଶତକ ହାସଲରେ ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଉଭୟ ୩୮ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୫୧, ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୪୫ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୪୧ଟି ଶତକ ହାସଲ କରି ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

● ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଇଭେଣ୍ଟ

## କିଶୋର, ଅନିମେଶ, ଲାଲୁ ଓ ଶ୍ରାବଣୀଙ୍କୁ ଯୋଗ୍ୟତା

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମ୍‌ରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଇଭେଣ୍ଟ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଯୋଗ୍ୟ ପ୍ରତିଯୋଗୀଙ୍କ ନାମ ପ୍ରକାଶ କରିଛି। ଏହି ତାଲିକାରେ ଓଡ଼ିଆ ପ୍ରତିଯୋଗୀ ଲାଲୁପ୍ରସାଦ ଭୋଇ, କିଶୋର କୁମାର ଜେନା ଓ ଶ୍ରାବଣୀ ନନ୍ଦଙ୍କ ନାମ ରହିଛି। ଏହାଛଡ଼ା ଓଡ଼ିଶାରେ ପ୍ରଶିକ୍ଷଣ ନେଉଥିବା ଅନିମେଶ କୁଜୁର ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଅନିମେଶ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଭାରତର ଶ୍ରେଷ୍ଠ ଆଥ୍ଲେଟ ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଅଂଶଗ୍ରହଣ କରୁନାହାନ୍ତି। ଏହି ଦିନିକିଆ ଇଭେଣ୍ଟରେ ୧୦ଟି ଦେଶରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ୪୫ ବର୍ଷ ବୟସରେ ଖେଳିଲେ ଭେନସ ୱିଲିୟମ୍ସ



ସିନସିନ୍ନାଟି,୨୫।୭ (ଏଜେନ୍ସି): ୭ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ ତଥା ଆମେରିକାର କିମ୍ବଦନ୍ତୀ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ରେକର୍ଡ କରିଛନ୍ତି। ସିନସିନ୍ନାଟି ଓପନରେ ଭେନସଙ୍କୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ମିଳିବା ପରେ ପ୍ରଥମ ରାଉଣ୍ଡରେ ବିଶ୍ୱର ୩୫ ନମ୍ବର ଖେଳାଳି ପିଟନ ଷ୍ଟର୍ଣ୍ଣସଙ୍କୁ ପରାସ୍ତ କରି ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସେ ୫ମ ସିଡ୍ ପୋଲାଣ୍ଡର ଏମ୍ ଫ୍ରେଚ୍‌ଙ୍କଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିନ୍ତୁ ୪୫ ବର୍ଷ ବୟସରେ ସେ ଡବ୍ଲୁଟିଏ ସିଙ୍ଗଲ୍ସରେ ବିଜୟୀ ହୋଇ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

## ଡେଭିସ୍ କପ୍ ଦଳରେ ନାଗଲ, ୟୁକି

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ସ୍ୱିଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-୧ ମୁକାବିଲା ଲାଗି ୮ଜଣିଆ ଭାରତୀୟ ଡେଭିସ୍ କପ୍ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଭାରତର ନମ୍ବର ୱାନ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗଲ ଓ ନମ୍ବର ୱାନ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରୀ ସ୍ଥାନ ପାଇଛନ୍ତି। ଏହି ମୁକାବିଲା ସ୍ୱିଜରଲାଣ୍ଡର ବିଏଲରେ ସେପ୍ଟେମ୍ବର ୧୨ରୁ ଖେଳାଯିବ। ସ୍ୱିଜରଲାଣ୍ଡ ସହ ଭାରତ ୩ଥର ଡେଭିସ୍ କପ୍ ମୁକାବିଲା କରିଥିଲାବେଳେ ୨ଥର ବିଜୟୀ ହୋଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସିଙ୍ଗଲ୍ସରେ ସୁମିତ ନାଗଲ, କରନ ସିଂ ଓ ଆର୍ଯ୍ୟନ ଶାହା। ଡବଲ୍ସରେ ୟୁକି ଭାମ୍ବ୍ରୀ ଓ ଏନ୍ ଶ୍ରୀରାମ ବାଲାଜୀଙ୍କୁ ସ୍ଥାନ ମିଳିଛି। ରିଜର୍ଭ ଖେଳାଳି ଭାବେ ଡି ସୁରେଶ, ଶଶିକୁମାର ମୁକୁନ୍ଦ ଓ ରିତ୍ୱିକ ବୋଲିପାଲିଙ୍କୁ ରଖାଯାଇଛି।

## ଯଶ ଦୟାଲଙ୍କ ବିରୋଧରେ ଦ୍ୱିତୀୟ ଦୁଷ୍କର୍ମ ଅଭିଯୋଗ

ଲକ୍ଷ୍ନୌ,୨୫।୭ (ଏଜେନ୍ସି): ଉତ୍ତରପ୍ରଦେଶ ତଥା ଆର୍‌ସିବିର କ୍ରିକେଟର ଯଶ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ହୋଇଛି। ଜୟପୁରର ଜଣେ ୧୭ ବର୍ଷର ନାବାଳିକା ଏହି ଅଭିଯୋଗ ଆଣିଛନ୍ତି। କ୍ରିକେଟ ଖେଳିବାରେ ସୁବିଧା ସୁଯୋଗଦେବା ଓ ବାହାହେବାର ପ୍ରତିଶ୍ରୁତି ବାହାନାରେ ଏହି ନାବାଳିକାଙ୍କୁ ୨ ବର୍ଷ ଧରି ଦୟାଲ ଯୌନ ଶୋଷଣ କରିଥିବାର ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉଭୟଙ୍କ ମଧ୍ୟରେ ୫ ବର୍ଷର ସମ୍ପର୍କ ରହିଥିବା ଦର୍ଶାଯାଇଛି। ପୂର୍ବରୁ ଗାଜିଆବାଦ୍‌ର ଜଣେ ମହିଳା ମଧ୍ୟ ଏପରି ଅଭିଯୋଗ ଆଣିଥିଲେ। ଉଭୟ ଘଟଣାରେ ଦୟାଲ କିଛି ମନ୍ତବ୍ୟ ଦେଇ ନାହାନ୍ତି। ଜୟପୁର ପୁଲିସ୍ ଏତଲା ଦାୟର କରି ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ପୁଲିସ୍ ପକ୍ଷରୁ କୁହାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତରେ ୪ ମ୍ୟାଚ୍ ଖେଳିବ ଭାରତୀୟ ହକି ଦଳ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ ହକି ଦଳ ଅଗଷ୍ଟ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେଠାରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଅଗଷ୍ଟ ୧୫, ୧୬, ୧୯ ଓ ୨୧ ତାରିଖରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଏଫ୍‌ଆଇଏଚ୍ ର୍‌ୟାଙ୍କିଙ୍ଗ୍‌ରେ ଭାରତ ୮ମ ସ୍ଥାନରେ ରହିଥିବାବେଳେ ଅଷ୍ଟ୍ରେଲିଆ ଦଳ ୬ଷ୍ଠରେ ରହିଛି। ୨୦୧୩ ପରଠାରୁ ଦୁଇ ଦେଶ ମଧ୍ୟରେ ୫୧ ମ୍ୟାଚ୍ ଖେଳାଯାଇଥିବାବେଳେ ଅଷ୍ଟ୍ରେଲିଆ ୩୫ଟି ଜିତି ଅଗ୍ରଣୀ ରହିଛି।

## କ୍ରିଷ୍ଣାମୂର୍ତ୍ତିଙ୍କ ଅବସର



ବେଙ୍ଗାଲୁରୁ, ୨୫।୭ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟର୍ ବେଦା କ୍ରିଷ୍ଣାମୂର୍ତ୍ତି ପ୍ରଫେସନାଲ କ୍ରିକେଟ୍‌ରୁ ଶୁକ୍ରବାର ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅବସର ନେଇ ୩୨ ବର୍ଷୀୟା କ୍ରିଷ୍ଣାମୂର୍ତ୍ତୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଏହି ଡାହାଣହାତୀ ବ୍ୟାଟର୍ ଭାରତ ପାଇଁ ୪୮ ଦିନିକିଆ ଓ ୭୬ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ କରିଥିଲେ। ମହିଳା ପ୍ରିମିଅର୍ ଲିଗ୍‌ରେ କ୍ରିଷ୍ଣାମୂର୍ତ୍ତୀ ଗୁଜରାଟ ଜାଏଣ୍ଟ୍ସ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍‌ଓଡ଼ିଶା ସ୍ନୁକର ଚାମ୍ପିଅନସିପ୍ ଆଜିଠୁ

ଭୁବନେଶ୍ୱର, ୨୫।୭ (ସମିସ): ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଶନିବାରଠାରୁ ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୭୦ରୁ ଉର୍ଦ୍ଧ୍ୱ ସ୍ନୁକର ଖେଳାଳି ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଡ. ରାକେଶ ଟପ୍ ସିଡ୍ ଓ ଆକାଶ ମହାପାତ୍ର ୨ୟ ସିଡ୍ ମାନ୍ୟତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ କ୍ୱିଇଷ୍ଟ ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସଙ୍କୁ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିବ। ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ଏକ ଲକ୍ଷ ଟଙ୍କା ରହିଛି। ଲିଗ୍ କମ୍ ନକ୍‌ଆଉଟ୍‌ଭିତ୍ତିରେ ପ୍ରତିଯୋଗିତା ଖେଳାଯିବ।

ୟୁଥ୍ ଦିନିକିଆରେ ପ୍ରଥମ ଦ୍ୱିଶତକ

## ଇତିହାସ ରଚିଲେ ଦକ୍ଷିଣ ଆଫ୍ରିକାର ଜୋରିଚ୍



ହରାରେ, ୨୫।୭ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍‌ୱିକ୍ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ୟୁଥ୍ ଦିନିକିଆରେ ଦ୍ୱିଶତକୀୟ ପାଳି ଖେଳିବାର କୀର୍ତ୍ତିମାନ କରିଛନ୍ତି। ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଜିମ୍ବାୱେ ବିପକ୍ଷରେ ଓପନିଂ ଆସି ସେ ୨୧୫ ରନର ପାଳି ଖେଳି ରେକର୍ଡ ବୁକ୍‌ରେ ନାମକୁ ଲିପିବଦ୍ଧ କରିଛନ୍ତି। ୧୫୩ ବଲ୍‌ର ଏହି ପାଳିରେ ସେ ୧୯ ଚୌକା ଓ ୬ ଛକା ମାରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୩୮୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୟୁଥ୍ ଦିନିକିଆ କ୍ରିକେଟ୍‌ରେ ମଧ୍ୟ ଏହା ସର୍ବାଧିକ ଦଳଗତ ସ୍କୋର ହୋଇଛି। ଜବାବରେ ଜିମ୍ବାୱେ ମାତ୍ର ୧୦୭ ରନରେ ଅଲ୍‌ଆଉଟ୍ ହୋଇ ୨୭୮ ରନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୟୁଥ୍ ଦିନିକିଆରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ଶ୍ରୀଲଙ୍କାର ହସିଥା ବୟଗୋଡାଙ୍କ ନାମରେ ରହିଥିଲା। ହସିଥା ୨୦୧୮ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ୧୯୧ ରନର ପାଳି ଖେଳିଥିଲେ।

■ ସାହାଣୀ କପ୍-୨୦୨୫

## ଆଜି କଟକ-ସୁନ୍ଦରଗଡ଼ ସେମି ଲଢ଼େଇ



କଟକ,୨୫।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। କେନ୍ଦ୍ରାପଡ଼ା ରାଜକନିକା ଷ୍ଟାଡିୟମରେ ହେବାକୁ ଥିବା ଏହି ମୁକାବିଲାରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହେବେ। ୨୭ ତାରିଖରେ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ କୋରାପୁଟ ଏବଂ ସମ୍ବଲପୁର ପରସ୍ପରକୁ ଭେଟିବେ। କୋରାପୁଟ ପୂର୍ବରୁ ସେମି ତାଲିକାରେ ସ୍ଥାନ ସୁରକ୍ଷିତ କରିଥିଲା। ଶୁକ୍ରବାର ବୌଦ୍ଧ ଜୋନରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ସମ୍ବଲପୁର ସହଜ ବିଜୟ ହାସଲ କରି ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ବରଗଡ଼ ବିପକ୍ଷ ମ୍ୟାଚ୍‌କୁ ସମ୍ବଲପୁର ୪-୦ ଗୋଲରେ ଜିତିଥିଲା। ବିଜୟୀ ଦଳର ପ୍ରଶାନ୍ତ ଓରାମ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ବିନୟ କିଶାନ ଗୋଟିଏ ଗୋଲ ଦେଇଥିଲେ।

■ ଆଇଏସ୍‌ଏଲ୍-୧୨


## ବାତିଲ୍ ନୁହେଁ; ବିଳମ୍ବରେ ହୋଇପାରେ: ଚୌବେ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ଫୁଟ୍‌ବଲ ପ୍ରେମୀଙ୍କ ଲାଗି ଏକ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଦେଶର ସବୁଠୁ ଅଗ୍ରଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ବାତିଲ ହୋଇନି, ବରଂ ବିଳମ୍ବରେ ଆରମ୍ଭ ହୋଇପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି କଲ୍ୟାଣ ଚୌବେ ଶୁକ୍ରବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆଇଏସ୍‌ଏଲ୍ ବର୍ତ୍ତମାନ ଆଇନଗତ ଓ ଚୁକ୍ତିଭିତ୍ତିକ ସମସ୍ୟା ଦେଇ ଗତି କରୁଛି। ଆଇଏସ୍‌ଏଲ୍‌କୁ ଆୟୋଜନ କରୁଥିବା ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ନୂତନ ଚୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଯେଉଁଥି ପାଇଁ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଭାରତକୁ ତୀରନ୍ଦାଜୀରେ ସ୍ୱର୍ଣ୍ଣ; ଅନିମେଶ ୪ର୍ଥ

ଭୁବନେଶ୍ୱର, ୨୫।୭ (ସମିସ)



ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଛି। ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ଏହି ସଫଳତା ପାଇଛି। ତେବେ ୨୦୦ ମିଟର ରେସରେ କିଟ୍ ବିଶ୍ୱବିଦ୍ୟାଳୟର ଅନିମେଶ କୁଜୁର ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି।



ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଟାଇଟଲ୍ ବଜାୟ ରଖିପାରିଛି। କୁଶଲ ଦଲାଲ ଓ ପରଣୀତ୍ କୌରଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ୧୫୭-୧୫୪ରେ ଦକ୍ଷିଣ କୋରିଆ ଦଳକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲା। ଅପରପକ୍ଷରେ ପୁରୁଷ ୨୦୦ ମିଟର ଫାଇନାଲରେ କିଟ୍ ଛାତ୍ର ଅନିମେଶ ୨୦.୮୫ ସେକେଣ୍ଡ ସମୟ ସହ ୪ର୍ଥ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ବୟନ୍ଦା ୱାଲାଜା (୨୦.୬୩ ସେକେଣ୍ଡ), ସ୍ପେନର ଆନ୍ଦ୍ରିଆ ମେଡେରୋ (୨୦.୭୦) ଓ ଦକ୍ଷିଣ କୋରିଆର ଲି ସିଓଙ୍ଗ (୨୦.୭୫) ଯଥାକ୍ରମେ ୨୦୦ ମିଟରରେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ସଟ୍‌ପୁଟ୍‌ରେ ଫାଇନାଲରେ ପ୍ରବେଶ କରିଥିବା କିଟ୍‌ର ଅନ୍ୟତମ ଛାତ୍ର ସମରଦୀପ୍ ସିଂହ ୬ଷ୍ଠ ସ୍ଥାନ ହାସଲ କରିଥିଲେ।

### ୪୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଲେ ବୈଷ୍ଣବୀ



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪୬ ବର୍ଷ ଇତିହାସରେ ଭାରତ ପ୍ରଥମଥର ଲାଗି ଟେନିସ କ୍ରୀଡ଼ାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ମହିଳା ସିଙ୍ଗଲ୍ସରେ ବୈଷ୍ଣବୀ ଅଧକର କାଂସ୍ୟ ପଦକ ଜିତି ଏହି ଐତିହାସିକ ସଫଳତା ପାଇଛନ୍ତି। ପୁଣେର ୨୧ ବର୍ଷୀୟା ବୈଷ୍ଣବୀ କାଂସ୍ୟ ପଦକ ଲଢ଼େଇରେ ୨-୬, ୬-୪, ୬-୪ ସେଟ୍‌ରେ ସ୍ଲୋଭାକିଆର ଇସ୍ତର ମେରିଙ୍କୁ ପରାସ୍ତ କରିଥିଲେ। ଏହି ଅବସରରେ ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS